ବର୍ଷ-୨୬, ସଂଖ୍ୟା-୨୯୯
ଭୁବନେଶ୍ୱର
୮, ନଭେମ୍ବର, ୨୦୨୬, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 299
Bhubaneswar
8, November, 2026, Sunday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଛୁଟି ଘୋଷଣା

ଆଲୋକର ପର୍ବ ଦୀପାବଳି ଅବସରରେ 'ମହାଭାରତ' ପ୍ରେସ ଓ କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୦ ତାରିଖ ପ୍ରକାଶ ପାଇବ।

କୃଷି, ସ୍ୱାସ୍ଥ୍ୟ ଓ ଭିତିଭୂମି ପ୍ରକଳ୍ପର ଶୁଭାରମ୍ଭ

କେନ୍ଦୁଝର,୭।୧୧(ମହାଭାରତ): ରାଜ୍ୟର କୃଷି, ସ୍ୱାସ୍ଥ୍ୟ, ବ୍ୟାଙ୍କିଙ୍ଗ୍ ଏବଂ ଗ୍ରାମାଂଚଳର ମୌଳିକ ଭିତିଭୂମିକୁ ସୁଦୃଢ଼ କରିବା ଦିଗରେ ଆଜି କେନ୍ଦୁଝରରେ ଆଉ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲାର ରାଇକଳା ଗ୍ରାମପଂଚାୟତ ତଥା ସମଗ୍ର କେନ୍ଦୁଝର ଓ ମୟୂରଭଞ୍ଜ କ୍ଲଷ୍ଟରର ବିକାଶ ନିମନ୍ତେ ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ସାଧାରଣ ସଭାରେ ଉଦ୍ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଅଢ଼େଇ ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ବିକାଶର ଯେଉଁ ଧାରା ଜାରି ରହିଛି, ଆଜି ସେଥିରେ ଆଉ ଏକ ସ୍ୱର୍ଣ୍ଣିମ ଫର୍ଦ୍ଦ ଯୋଡ଼ି ହୋଇଛି। ଏ ସରକାର ହେଉଛି ଗରିବ, ଚାଷୀ ଓ ମୂଲିଆଙ୍କ ସରକାର ଏବଂ ରାଜ୍ୟର ପ୍ରତ୍ୟେକଟି କୋଣକୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରାଯିବ। ଆଜିର ଏହି ଐତିହାସିକ କାର୍ଯ୍ୟକ୍ରମରେ କେନ୍ଦୁଝର ଏବଂ ମୟୂରଭଞ୍ଜ କ୍ଲଷ୍ଟରକୁ ସଂଯୋଗ କରୁଥିବା ତିନୋଟି ବୃହତ ଉଠା ଜଳସେଚନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରାୟ ୧୨୦ କୋଟି ଟଙ୍କାର ଏହି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ଅଧୀନରେ ରାଇକଳା, ସତିକୁଦର ଏବଂ ଜାରକାଣି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଉଛି, ଯାହାର କାର୍ଯ୍ୟ ୨୦୨୮ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବୃହତ ପ୍ରକଳ୍ପଗୁଡ଼ିକ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ୪ ହଜାର ୨୮୦ ହେକ୍ଟର ଶୁଷ୍କ ଚାଷ ଜମିକୁ ଜଳସେଚନର ସୁବିଧା ଯୋଗାଇବ। ଏହାଦ୍ୱାରା କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ଓ କେନ୍ଦୁଝର ବ୍ଲକର ଅନେକ ଗ୍ରାମ ସହିତ ମୟୂରଭଞ୍ଜ ଜିଲ୍ଲାର ଜାରକାଣୀ ଅଂଚଳ ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ କଲ୍ୟାଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରି କହିଛନ୍ତି ଯେ, "ଚାଷୀ ସମୃଦ୍ଧ, ତ ଓଡ଼ିଶା ସମୃଦ୍ଧ। ଯେପର ?ୟନ୍ତ ଆମର କୃଷକ ଭାଇର କ୍ଷେତକୁ ପାଣି ମିଳିନାହିଁ, ସେପର୍ଯ୍ୟନ୍ତ ଗାଁର ଅର୍ଥନୀତି ମଜବୁତ ହୋଇପାରିବ ନାହିଁ। ଏହି ପ୍ରକଳ୍ପ କେବଳ ପାଣି ପାଇପ୍ର ସଂଯୋଗ ନୁହେଁ, ଏହା ହେଉଛି ଆମର ଶୁଷ୍କ ମାଟିରେ ସୁନା ଫଳାଇବାର ଏକ ବୈପ୍ଳବିକ ପଦକ୍ଷେପ। ଆମର ଚାଷୀମାନେ ବର୍ଷକୁ ଗୋଟିଏ ଫସଲ ବଦଳରେ ଦୁଇରୁ ତିନୋଟି ଫସଲ ଅମଳ କରିବେ ଏବଂ ସେମାନଙ୍କ ଆୟରେ ଆଖିଦୃଶିଆ ବୃଦ୍ଧି ହେବ।" ପୂର୍ବ ୨୪ ବର୍ଷର ସରକାରକୁ କଡ଼ା ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅତୀତରେ ପ୍ରତି ବ୍ଲକକୁ ଅତି କମରେ ୩୫ ପ୍ରତିଶତ ଜମିକୁ ପାଣି ଯୋଗାଇଦେବା ପାଇଁ ଦିଆଯାଇଥିବା ପ୍ରତିଶୃତି କେବଳ କାଗଜ କଲମରେ ରହିଯାଇଥିଲା । ସେ ଆହୁରି ମଧ୍ୟ କହିଛନ୍ତି ଯେ ଜଣେ ଚାଷୀ ପୁଅ ଭାବେ ସେ ଜାଣନ୍ତି ଯେ ଜମିକୁ ଜଳ ଯୋଗାଣ ହେଲେ ଚାଷୀର ଅଧା ସମସ୍ୟାର ସମାଧାନ ଆପେ ଆପେ ହୋଇଯାଏ। ବର୍ତମାନର ସରକାର ଆସନ୍ତା ପାଂଚ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ପାଣି ଯୋଗାଇଦେବା ପାଇଁ ବ୍ୟବସ୍ଥା କରୁଛନ୍ତି । ରାଜ୍ୟରେ ଜଳସେଚନ ଭିତିଭୂମିର ସମ୍ପ୍ରସାରଣ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି ଯେ ଚଳିତ ବର୍ଷ ବଜେଟରେ ବିଭିନ୍ନ ଜଳସେଚନ ପ୍ରକଳ୍ପ ପାଇଁ ୧୪ ହଜାର ୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସରକାର ୬ଟି ଅନ୍ତ-ନଦୀଜଳାଶୟ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ସହିତ ୧୯୪୧ କିଲୋମିଟର ଦୀର୍ଘ ଫିଲ୍ଡ ଚ୍ୟାନେଲ୍ ଆରସିସି ଲାଇନିଙ୍ଗ୍ ସମ୍ପୂର୍ଣ୍ଣ କରିଛନ୍ତି, ଯାହାଦ୍ୱାରା ପ୍ରାୟ ୮୦ ହଜାର ହେକ୍ଟର କମାଣ୍ଡ ଏରିଆକୁ ଉନ୍ନତ ଜଳସେଚନ ସୁବିଧା ମିଳିଛି। ଆନନ୍ଦପୁର ବ୍ୟାରେଜ୍, ଲୋୟର ସୁକତେଲ ଓ କୁସୁମୀ ବ୍ୟାରେଜ୍ ଅ ଧୀ ନ ର ଅନ୍ତରଗ୍ରାଉଣ୍ଡ ପାଇପ୍ ଲାଇନ୍ ବ୍ୟବସ୍ଥା କ ର । ଯା ଉ ର୍ଛି । ଏତଦ୍ୟତୀତ ରାଜ୍ୟରେ ୬୫୬ଟି ନୂଆ ଚେକ୍ଡ୍ୟାମ୍ ନିର୍ମାଣ ଏବଂ ୧ ହଜାର ୨୨ଟି ପୁରୁଣା ଚେକ୍ଡ୍ୟାମ୍ର ନ ବୀ କ ର ଣ କରାଯାଇଛି। ଆସନ୍ତା ଡିସେମ୍ବର ମାସରେ କେନ୍ଦୁଝର ଜିଲ୍ଲାର ବହୁପ୍ରତୀକ୍ଷିତ କାନୁପୁର ଜଳସେଚନ ପ୍ରକଳ୍ପର ଆନୁଷ୍ଠାନିକ ଉଦ୍ଘାଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ବୃହତ ଜଳାଶୟ ପ୍ରକଳ୍ପ କାର ?ୟକ୍ଷମ ହେବା ଦ୍ୱାରା ଜିଲ୍ଲାର ହଜାର ହଜାର ହେକ୍ଟର ଚାଷ ଜମିକୁ ସ୍ଥାୟୀ ଜଳସେଚନ ସୁବିଧା ମିଳିପାରିବ, ଯାହା ସ୍ଥାନୀୟ କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ। କୃଷି ବ୍ୟତୀତ ସ୍ୱାସ୍ଥ୍ୟ ଏବଂ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ମଧ୍ୟ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଆଜି ମଧ୍ୟ ଝୁମ୍ପୁରା ଠାରେ ୧୭ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ଜଏଚ୍ଓ) ର ଶୁଭ ଉଦ୍ଘାଟନ କରିଛନ୍ତି, ଯାହାଦ୍ୱାରା ଗ୍ରାମାଞ୍ଚଳର ଆଦିବାସୀ ଓ ଚାଷୀ ଭାଇଭଉଣୀମାନେ ଉନ୍ନତ ଚିକିତ୍ସା ସେବା ନିଜ ଘର ପାଖରେ ପାଇପାରିବେ। ଏହାସହିତ ରାଇକଳାଠାରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ଶାଖାର ଉଦ୍ଘାଟନ କରାଯାଇଛି, ଯାହା ସ୍ଥାନୀୟ ଚାଷୀ ଓ ବ୍ୟବସାୟୀଙ୍କୁ ସରକାରୀ ଋଣ ଏବଂ ବ୍ୟାଙ୍କିଙ୍ଗ୍ ସେବା ପାଇବାରେ ବିଶେଷ ସହାୟକ ହେବ। ଏଥିସହିତ ମୁଖ୍ୟମନ୍ତ୍ରୀ ଏହାମଧ୍ୟ ଘୋଷଣା କରିଛନ୍ତି ରାଇକଳା ଓ ସ୍ଥାନୀୟ ଯୁବକ ତଥା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦୁଇଟି ବୃହତ ପ୍ରକଳ୍ପର ଘୋଷଣା କରିଛନ୍ତି। ରାଇକଳାଠାରେ ୨୪ କୋଟି ଟଙ୍କାର ବ୍ୟୟବରାଦରେ ଏକ ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ କରାଯିବ, ଯାହା ସ୍ଥାନୀୟ ଯୁବକ୍ରୀଡ଼ାବିତ୍ମାନଙ୍କ ଦକ୍ଷତା ବିକାଶ ଓ ସେମାନଙ୍କୁ ଜାତୀୟ ସ୍ତରରେ ପହଂଚାଇବାରେ ସହାୟକ ହେବ।



ଗଞ୍ଜାମରେ ଇ-ବସ୍ ସେବାର ଶୁଭାରମ୍ଭ



ଗଞ୍ଜାମ,୭।୧୧(ମହାଭାରତ): ଗଞ୍ଜାମ ଜିଲ୍ଲାରେ ଗଣପରିବହନ ବ୍ୟବସ୍ଥାକୁ ଅଧିକ ଆଧୁନିକ, ସୁଗମ ଓ ପରିବେଶ ଅନୁକୂଳ କରିବା ଲକ୍ଷ୍ୟରେ ୮ଟି ପ୍ରମୁଖ ରୁଟ୍ ରେ ୨୫ଟି ଇ-ବସ୍ ଚଳାଚଳର ବ୍ୟବସ୍ଥା କରାଯାଇଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପତାକା ଦେଖାଇ ବସ୍ ଗୁଡିକର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ସୋନାପୁର, ତାରାତାରିଣୀ ଓ ହିଞ୍ଜିଳି ସମେତ ଜିଲ୍ଲାର ବିଭିନ୍ନ ପ୍ରମୁଖ ସ୍ଥାନକୁ ଯାତାୟାତ ଅଧିକ ସହଜ ହେବ।

ଏହି ବସ୍ ସେବା ଛାତ୍ରଛାତ୍ରୀ, କର୍ମଜୀବୀ, ବ୍ୟବସାୟୀ ଓ ସାଧାରଣ ଯାତ୍ରୀଙ୍କୁ ସୁରକ୍ଷିତ, ସୁଲଭ ଓ ଆରାମଦାୟକ ଯାତ୍ରାର ସୁବିଧା ଯୋଗାଇବ। ଏଥିସହ ପ୍ରଦୂଷଣ ହ୍ରାସ ସହ ପର୍ଯ୍ୟଟନ, ବାଣିଜ୍ୟ ଓ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ନୂଆ ଉତ୍ସାହ ମିଳିବ।

ଜନସାଧାରଣଙ୍କ ପାଇଁ ଉନ୍ନତ ଯାତାୟାତ ସୁବିଧା ସହ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ସବୁଜ ଓ ଆଧୁନିକ ଗଣପରିବହନ ଦିଗରେ ଗଞ୍ଜାମର ଏକ ଉଲ୍ଲେଖନୀୟ ପଦକ୍ଷେପ।

ଶସ୍ତା ହେବ କର୍କଟ ରୋଗ ଔଷଧ

ନୂଆଦିଲ୍ଲୀ,୭।୧୧ : କର୍କଟ ରୋଗର ଚିକିତ୍ସା କରାଉଥିବା ରୋଗୀଙ୍କ ପାଇଁ ଏକ ଆଶ୍ୱସ୍ତିକର ଖବର। କେନ୍ଦ୍ର ସରକାର କର୍କଟ ରୋଗ ଚିକିତ୍ସାରେ ବ୍ୟବହୃତ ୧୦୦୦ରୁ ଅଧିକ ବ୍ରାଣ୍ଡର ଔଷଧ ମୂଲ୍ୟ ହ୍ରାସ କରିଛନ୍ତି। ନୂଆ ଦର ୯ ନଭେମ୍ବର ୨୦୨୬ରୁ ଲାଗୁ ହେବ।

ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନ୍ପିପିଏ) ଅନୁଯାୟୀ, ଏପର୍ଯ୍ୟନ୍ତ ୭୬ଟି ଔଷଧ କମ୍ପାନୀ ୧୨୨୫ଟି ଔଷଧର ନୂଆ ମୂଲ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିମଧ୍ୟରୁ ୧୦୩୧ଟି ଔଷଧର ଦାମ୍ ହ୍ରାସ ପାଇଛି। ପ୍ରାୟ ୬୦୦ଟି ବ୍ରାଣ୍ଡର ଔଷଧ ମୂଲ୍ୟରେ ୫୦ ପ୍ରତିଶତରୁ ଅଧିକ ହ୍ରାସ କରାଯାଇଛି। କେତେକ ଔଷଧର ଦାମ୍ ୯୬.୪୫ ପ୍ରତିଶତ ପର୍ଯ୍ୟନ୍ତ କମିଛି।

ସରକାରଙ୍କ ଆକଳନ ଅନୁଯାୟୀ, ଔଷଧ ମୂଲ୍ୟ ହ୍ରାସ ଯୋଗୁଁ ରୋଗୀମାନେ ପ୍ରତିବର୍ଷ ପ୍ରାୟ ୩୫୦୨ କୋଟି ଟଙ୍କା ସଂଚୟ କରିପାରିବେ।

ନୂଆ ମୂଲ୍ୟ ଅନୁଯାୟୀ, ବ୍ରିକ୍ସଟା ଇଞ୍ଜେକ୍ସନର ଦାମ୍ ୨୫,୯୯୫ ଟଙ୍କାରୁ ହ୍ରାସ ପାଇ ୩,୩୧୮ ଟଙ୍କା ହୋଇଛି। ସେହିପରି ଆବିରୋନ୍ ଔଷଧ ଏବେ ୪୧,୨୫୦ ଟଙ୍କା ବଦଳରେ ୩,୨୧୮ ଟଙ୍କାରେ ମିଳିବ। ପେଗ୍-ରେଲିଗ୍ରାଷ୍ଟର ମୂଲ୍ୟ ୫,୩୩୧ ଟଙ୍କାରୁ କମି ୧,୨୫୮ ଟଙ୍କା ଏବଂ ଆଜାଡିନ୍ର ମୂଲ୍ୟ ୫,୯୬୪.୭୦ ଟଙ୍କାରୁ କମି ୧,୧୯୯.୫୦ ଟଙ୍କା ହୋଇଛି।

ଏହି ଔଷଧଗୁଡ଼ିକ ସ୍ତନ କର୍କଟ, ଫୁସ୍ଫୁସ୍ କର୍କଟ, ପ୍ରୋଷ୍ଟେଟ୍ କର୍କଟ, ରକ୍ତ କର୍କଟ ଏବଂ ଅନ୍ୟାନ୍ୟ ପ୍ରକାରର କର୍କଟ ରୋଗ ଚିକିତ୍ସାରେ ବ୍ୟବହୃତ ହୁଏ। ହସ୍ପିଟାଲ ଓ ମେଡିକାଲ ଷ୍ଟୋରରେ ନୂଆ ଦର ପ୍ରଦର୍ଶନ କରିବାକୁ ହେବ

ସରକାର ସମସ୍ତ ଔଷଧ ଦୋକାନୀ, ହସ୍ପିଟାଲ ଓ ମେଡିକାଲ ସଂସ୍ଥାଗୁଡ଼ିକୁ ନିଜ ଦୋକାନ ଓ ୱେବସାଇଟ୍ରେ ନୂଆ ମୂଲ୍ୟ ତାଲିକା ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଔଷଧଗୁଡ଼ିକ ନିର୍ଦ୍ଧାରିତ ଦରରେ ବିକ୍ରି ହେଉଛି କି ନାହିଁ, ତାହା ରାଜ୍ୟର ଔଷଧ ନିୟନ୍ତ୍ରକମାନେ ଯାଂଚ କରିବେ। ଯଦି କୌଣସି ମେଡିକାଲ ଷ୍ଟୋର କିମ୍ବା ହସ୍ପିଟାଲରେ ନୂଆ ନିର୍ଦ୍ଧାରିତ ଦରଠାରୁ ଅଧିକ ମୂଲ୍ୟରେ ଔଷଧ ବିକ୍ରି ହୁଏ, ତେବେ ରୋଗୀମାନେ ଏନ୍ପିପିଏର ହେଲ୍ପଲାଇନ୍ ନମ୍ବର ୧୮୦୦-୧୧-୧୧୫୫ରେ ଅଭିଯୋଗ କରିପାରିବେ।

ଗଞ୍ଜାମରେ ବନ୍ୟାଞ୍ଚଳ ପରିଦର୍ଶନ କଲେ ନବୀନ


ଗଞ୍ଜାମ,୭।୧୧(ମହାଭାରତ): ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଆଜି ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । ସମ୍ପ୍ରତି ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବା ସହ ବନ୍ୟା ବିପନ୍ନ ପରିବାର, ଚାଷୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଶେରଗଡ଼, ହିଞ୍ଜିଳିକାଟୁ, ଆସିକା ଓ ସୋରଡ଼ା ବ୍ଲକ ପରିଦର୍ଶନ କରି ବନ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରିବା ସହ ରିଲିଫ୍, ଥଇଥାନ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ । ଶ୍ରୀ ପଟ୍ଟନାୟକଙ୍କୁ ଭେଟିବାକୁ ବିଭିନ୍ନ ସ୍ଥାନରେ ହଜାର ହଜାର ଲୋକ ଉପସ୍ଥିତ ରହି ସେମାନଙ୍କ ଦୁଃଖ ଜଣାଇଥିଲେ । ଚାଷୀ ମାନେ ନଷ୍ଟ ହୋଇଯାଇଥିବା ଧାନ କେଣ୍ଡା ଓ ଆଖୁ ଗଛ ଧରି ବନ୍ୟା ପରିଚାଳନାରେ ସରକାରୀ ଉଦାସୀନତାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ବନ୍ୟାରେ ଘର ଭାଙ୍ଗି ଯାଇଥିବା ଓ ନିଜ ଜୀବିକା ହରାଇଥିବା ଲୋକମାନେ ମଧ୍ୟ ବିରୋଧୀ ଦଳ ନେତାଙ୍କୁ ସେମାନଙ୍କ ଅସୁବିଧା ଜଣାଇଥିଲେ । ୨୪ ବର୍ଷ ଶାସନରେ ଏଭଳି ହଇରାଣ ଗଞ୍ଜାମବାସୀ କେବେ ହୋଇ ନଥିଲେ ବୋଲି ଲୋକମାନେ ଅଶ୍ରୁଳ ନୟନରେ ତାଙ୍କ ଦୁଃଖ ଜଣାଇଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ମୋ ନିର୍ବାଚନମଣ୍ଡଳୀ ସମେତ ଗଞ୍ଜାମ ଜିଲ୍ଲାର ୪ଟି ଭିନ୍ନ ଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିବା ପରେ ବନ୍ୟା ବିପନ୍ନ ପରିବାର ଓ ଚାଷୀମାନଙ୍କ ଦୁଃଖ ଓ ଦୁରବସ୍ଥାକୁ ଅତି ନିକଟରୁ ଦେଖିଛି । ସେମାନେ ଦୁରବସ୍ଥାରେ ଦିନ କାଟୁଛନ୍ତି । ଏହି ସମୟରେ ସେମାନଙ୍କୁ ତୁରନ୍ତ ସହାୟତାର ଆବଶ୍ୟକତା ରହିଛି



। ମୁଁ ରାଜ୍ୟ ସରକାରଙ୍କୁ ନିବେଦନ କରୁଛି, କ୍ଷତିଗ୍ରସ୍ତ ଚାଷୀ ଓ ବନ୍ୟା ବିପନ୍ନ ପରିବାରଗୁଡ଼ିକୁ ଆବଶ୍ୟକୀୟ କ୍ଷତିପୂରଣ ଓ ରିଲିଫ୍ ସହାୟତା ପ୍ରଦାନ କରନ୍ତୁ । ସେମାନଙ୍କ ଦୁଃଖ ଓ ଯନ୍ତ୍ରଣାକୁ କୌଣସି ପରିସ୍ଥିତିରେ ଅଣଦେଖା କରାଯିବା ଉଚିତ୍ ନୁହେଁ । ନବୀନ ପ୍ରଥମେ ଶେରଗଡ଼ ସହର ଓ ଏହାର ନିକଟବର୍ତ୍ତୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଦୁରବସ୍ଥାର ସମ୍ମୁଖୀନ ହେଉଥିବା ଲୋକମାନଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ । ବନ୍ୟା ଯୋଗୁଁ ଘରଦ୍ୱାର, ଚାଷଜମି, ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ନେଇ ଲୋକମାନେ ତାଙ୍କୁ ଅବଗତ କରାଇଥିଲେ । ଏହାପରେ ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ନୂଆ ବୁରୁପଡ଼ା ଗ୍ରାମପଞ୍ଚାୟତ ପରିଦର୍ଶନ କରି ଲୋକମାନଙ୍କ ଜୀବନ ଓ ଜୀବିକା ଉପରେ ପଡ଼ିଥିବା ପ୍ରଭାବର ଆକଳନ କରିଥିଲେ । ଏଥିସହିତ ହିଞ୍ଜିଳିକାଟୁ ନିକଟବର୍ତ୍ତୀ ବନ୍ୟା ପ୍ରଭାବିତ ଅଞ୍ଚଳ ମଧ୍ୟ ପରିଦର୍ଶନ କରି କ୍ଷତିଗ୍ରସ୍ତ ଲୋକଙ୍କ ସମସ୍ୟା ଓ ଦୁରବସ୍ଥାର ସ୍ଥିତି ଅନୁଧ୍ୟାନ କରିଥିଲେ । ପରବର୍ତ୍ତୀ ସମୟରେ ଆସିକା ସାଇନ୍ସ କଲେଜ ନିକଟସ୍ଥ କୋଟିନଡ଼ା ଏବଂ ଆସିକା ସହର ଓ ଏହାର ନିକଟବର୍ତ୍ତୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ ଶ୍ରୀ ପଟ୍ଟନାୟକ । ବନ୍ୟା ବିପନ୍ନ ପରିବାର ଓ ଚାଷୀମାନଙ୍କ ସହ ଆଲୋଚନା କରିବା ସହିତ କ୍ଷତିଗ୍ରସ୍ତ ଚାଷଜମି ଓ ସ୍ଥାନୀୟ ଭିତ୍ତିଭୂମିର କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ସୋରଡ଼ା ବ୍ଲକର ଟାଟାବାଲିସ୍ଥିତ କନ୍ଧୁଣୀ ଦେବୀ ପଡ଼ିଆରେ ପହଞ୍ଚି ବାଲିଗୋଛା ଅଞ୍ଚଳକୁ ଯାଇଥିଲେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ । ସେଠାରେ ସେ ଚାଷୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ବନ୍ୟା ଯୋଗୁଁ ହୋଇଥିବା ଫସଲ କ୍ଷୟକ୍ଷତି ଏବଂ ବନ୍ୟା ପରବର୍ତ୍ତୀ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ।

15001/134/2627

सत्यमेव जयते





ପବିତ୍ର ଦୀପାବଳି ଉପଲକ୍ଷେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ବ୍ରଜମୋହନ ରାମ)



ପବିତ୍ର ଦୀପାବଳି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଜୀବନରୁ ଅଜ୍ଞାନତାକୁ ଅପସାରିତ କରି ଜ୍ଞାନର ପରିପ୍ରକାଶ କରିବାର ମହାନ ପ୍ରତୀକ ହେଉଛି ପବିତ୍ର ଦୀପାବଳି । ଏହା ହେଉଛି ସମାଜିକ ସଂପ୍ରୀତି ଓ ସକାରାତ୍ମକ ମନୋଭାବର ଏକ ଉତ୍ସବ ।

ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା ।

ଆସନ୍ତୁ, ଏହି ପର୍ବକୁ ସୁରକ୍ଷିତ ଓ ପରିବେଶ ଅନୁକୂଳ ଭାବେ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR:15001/15001/2/26-27/0133



ଜୀବନଚର୍ଯ୍ୟା



ସାହି ମସରୁମ୍



ଆବଶ୍ୟକ ସାମଗ୍ରୀ:

କଟା ଛତୁ, କଟା ପିଆଜ, କାଜୁ ବଟା, କସ୍ତୁରୀ ମେଥି, ଟମାଟୋ ପ୍ୟୁରି, ଗରମ ମସଲା, ଅଦା-ରସୁଣ ପେଷ୍ଟ, ଫ୍ରେଶ୍ କ୍ରିମ୍, ଗୁଣ୍ଡ ଗୋଲମରିଚ, ଦେଶୀ ଘିଅ ଓ ଲୁଣ।

ପ୍ରସ୍ତୁତି ପ୍ରଣାଳୀ:

କଡ଼େଇରେ ଘିଅ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ।ଏ ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ପରେ ସେଥିରେ ଟମାଟୋ ପ୍ୟୁରି ଦେଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ମିଶାଇ କଷନ୍ତୁ।

କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ତା'ପରେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ।ଏ ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା 'ସାହି ମସରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।

ଖବର

ରାମାୟଣ: ସମସ୍ତଙ୍କ ପାଇଁ ସୁଖପ୍ରଦ



ରାମାୟଣ ମହାକାବ୍ୟରୁ ହିଁ ଭାରତୀୟ ସଭ୍ୟତାରେ କାହାଣୀ କଥନର ଉପୁଡି ହୋଇଥିଲା କହିବା ଭୁଲ୍ ହେବ ନାହିଁ। ଜଣେ ହେତୁବାଦର ଦୃଷ୍ଟିରେ ଦେଖିଲେ, ଗଭୀର ଦାର୍ଶନିକତା, ବିବିଧ ଚରିତ୍ର, ବିଚକ୍ଷଣ କାଳ୍ପନିକତା ଓ କାହାଣୀର ଜଟିଳତା ଯୋଗୁଁ ଏହି ପ୍ରାଚୀନ କାହାଣୀ ମନରେ ଜିଜ୍ଞାସା, ଉତ୍କଣ୍ଠା, ଆଶ୍ଚର୍ଯ୍ୟ ଉଦ୍ରେକ କରିଆସିଛି। ଏହା ପୃଥିବୀର ଶ୍ରେଷ୍ଠତମ କାହାଣୀ ମଧ୍ୟରୁ ଗୋଟିଏ ହୋଇଥିବାରୁ, ଏବଂ ନିକଟରେ ସମସାମୟିକ ଗ୍ରୀକ୍ କାବ୍ୟକୁ ନେଇ କ୍ରିଷ୍ଟୋଫର୍ ନୋଲନ୍ ନିର୍ମାଣ କରିଥିବା ଏପିକ୍ ଚଳଚ୍ଚିତ୍ର 'ଦି ଓଡିସି' ଦେଖିଥିବାରୁ, ନିତେଶ ତିୱାରୀଙ୍କ 'ରାମାୟଣ' ଦେଖିବା ଲାଗି ପ୍ରେକ୍ଷାଳୟ ଯିବାବେଳେ ମନରେ ଏକ ଅଜବ ପ୍ରକାର ଭୟ ସୃଷ୍ଟି ହେଲା। ନିର୍ଦ୍ଦେଶକଙ୍କ ନିୟନ୍ତ୍ରଣ ଅବା ଅଭିନେତାମାନଙ୍କ ଦକ୍ଷତା ନେଇ କୌଣସି ସଂଶୟ ଏହାର କାରଣ ନୁହେଁ।ବାସ୍ତବରେ ଏହି ପୁରାଣକୁ ନେଇ ନାନା ପିଢ଼ିର ଭାରତୀୟଙ୍କ ମନରେ ଥିବା ବଦ୍ଧମୂଳ ଧାରଣା ଓ ଆକାଂକ୍ଷାର ବୋଝ ଚାପରେ ନିର୍ମାତାମାନେ ନିଜ କଳାତ୍ମକତା ସହିତ ସାଲିସ କରିଥିବେ ବୋଲି ଆଶଙ୍କା ଜନ୍ମିଥିଲା। ଗୋଟିଏ ପଟେ ପରମ୍ପରାବାଦୀଙ୍କ ଭୟ ଏବଂ ଅନ୍ୟ ପଟେ ହଲିଉଡ୍ ସୁପରହିରୋ ଚଳଚ୍ଚିତ୍ର ଦେଖିବାରେ ଅଭ୍ୟସ୍ତ ଯୁବ ଦର୍ଶକଙ୍କ ମନୋରଂଜନ କରାଇବାର କଠିନ କାମ! ତେବେ ଏହି ଚଳଚ୍ଚିତ୍ର ଦେଖିଲା ପରେ ସ୍ୱୀକାର କରିବାକୁ ପଡ଼ିବ ଯେ ଏହାର ନିର୍ମାତା ଏକ ଉତ୍କୃଷ୍ଟ ମଧ୍ୟମ ମାର୍ଗ ବାହାର କରିଛନ୍ତି, ଯେଉଁ କାରଣରୁ ପ୍ରାୟ ସବୁ ବୟସ, ଆସ୍ଥା ଓ ପରମ୍ପରାର ଦର୍ଶକଙ୍କୁ ପରଦା ସହିତ ବାନ୍ଧି ରଖିବାରେ ଏହି ଚଳଚ୍ଚିତ୍ର ସଫଳ ହେଉଛି। କୌଣସି ବଡ଼ ବିବାଦ ବିନା ଏହା ମୁକ୍ତିଲାଭ କରିବାକୁ ହିଁ ଏହାର ଏକ ବଡ଼ ସଫଳତା ଭାବେ ଦେଖାଯାଇପାରେ।

ଅନନ୍ୟ ପର୍ଯ୍ୟଟନସ୍ଥଳୀ ମଣ୍ଡନଗିରୀ

ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ସଂପୁରସ୍ଥିତ ମଣ୍ଡନଗିରୀ ହେଉଛି ସର୍ବପୁରାତନ ରଘୁନାଥଙ୍କ ବିଜେସ୍ଥଳୀ। କାହିଁ କେଉଁ କାଳରୁ ରହି ଆସିଛି ଏହି ମନ୍ଦିରର ଐତିହାସିକ କିମ୍ବଦନ୍ତୀ। ପ୍ରକୃତି ରାଣୀ ସତେ ସଜାଇ ଦେଇଛି ଏହି ମନୋରମ ପର୍ବତମାଳା, ଝରଣାର କୁଳୁକୁଳୁ ନାଦ, ଚଢେଇର କିଚିରିମିଚିରି ଶବ୍ଦ ଓ ଭକ୍ତମାନଙ୍କର ମାନସିକ ପୁରଣ ହେବାର ସମ୍ପୂର୍ଣ୍ଣ ବିଶ୍ୱାସ। ସେଇଥି ପାଇଁ ବର୍ଷକ ବାର ମାସ ହଜାର ହଜାର ଶ୍ରଦ୍ଧାଳୁ ଏହି ସ୍ଥାନକୁ ଆସିଥାନ୍ତି। ସମୁଦ୍ର ପଉନ ଠାରୁ ୧୨ ଶହ ଫୁଟରେ ଜଳ ପୂର୍ଣ୍ଣ ପୁଷ୍କରୀଣୀ ଅତ୍ୟନ୍ତ ମନୋରମ। ମନ୍ଦରର ପୁର୍ବ ପାର୍ଶ୍ୱରେ ଠାକୁରଙ୍କ ପାଦ ଚିହ୍ନ, ବିଚାରସ୍ଥଳୀ, କାଶିଆକପିଳା ପାହାଡ, ସିଦ୍ଧ ଗୁମ୍ଫା, କିଆଝର, ବାଘ ଗୁମ୍ଫା ଭଳି ବିଭିନ୍ନ କିମ୍ବଦନ୍ତୀ ଏଠାରେ ଦେଖିବାକୁ ମିଳେ। ବର୍ତ୍ତମାନର ଆଧୁନିକ ଯୁଗରେ ସେଲିଫି ନେବା ପାଇଁ ବହୁ ଯୁବ ବର୍ଗଙ୍କ ପେଣ୍ଠସ୍ଥଳୀ ପାଲଟିଛି ଏହି ମଣ୍ଡନଗିରୀ ପର୍ବତମାଳା। ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ୍ୟ ଏଠାରେ ବହୁ ସମସ୍ୟା ଦେଖା ଦେଇଛି। ଏହି ସମସ୍ୟା ଗୁଡିକ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସଞ୍ଜୟ ସ୍ୱାଇଁ, ଅବିନାଶ ମହାନ୍ତି, ସାନ୍ଧ୍ୟଦିକ ନିରଞ୍ଜନ ପଟ୍ଟନାୟକ, ପ୍ରଦୀପ ମହଲା, ପୁର୍ଣ୍ଣଚନ୍ଦ୍ର ଲେଙ୍କା, ଶେଷଦେବ ସ୍ୱାଇଁ, ପ୍ରଦିପ୍ତ ଘଡେଇ, ମାନସ ଲେଙ୍କା ତଥା ସମାଜସେବୀ ଓ ସଂପୁର ଗ୍ରାମବାସୀ ଦାବି ଜଣାଇଛନ୍ତି।



କାମାଶ୍ରମର ନାମକରଣ

ଦଶରଥଙ୍କଠାରୁ ଅନୁମତି ପାଇଁ ଋଷି ବିଶ୍ୱାମିତ୍ରଙ୍କ ସହ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ଯାତ୍ରା କଲେ । ଏହିପରି ଯାଉ ଯାଉ ପଥ ମଧ୍ୟରେ ଏକ ଆଶ୍ରମ ପଡ଼ିଲା । ସେହି ସମୟକୁ ସନ୍ଧ୍ୟା ଆଗତପ୍ରାୟ । କୁମାରଦ୍ୱୟ ପାଦରେ ଚାଲି ଚାଲି ପଥଶ୍ରାନ୍ତ ହୋଇଥିବେ ମନେ କରି ବିଶ୍ୱାମିତ୍ର ସେହି ଆଶ୍ରମ ମଧ୍ୟକୁ ପ୍ରବେଶ କଲେ ଏବଂ କୁମାରଦ୍ୱୟଙ୍କୁ ତାଙ୍କ ପଛରେ ଆସିବାକୁ ନିର୍ଦ୍ଦେଶ ଦେଲେ । ବିଶ୍ୱାମିତ୍ର ଯେଉଁ ଆଶ୍ରମରେ ବିଶ୍ରାମ ନେଲେ, ସେହି ଆଶ୍ରମର ଋଷି ଓ ଶିଷ୍ୟମାନେ ଆସି ବିଶ୍ୱାମିତ୍ରଙ୍କୁ ବହୁତ୍ ସମାଦନ ସହକାରେ ଗ୍ରହଣ କଲେ । ବିଶ୍ୱାମିତ୍ର ଅଯୋଧ୍ୟାର ରାଜକୁମାରଙ୍କ ପରିଚୟ ସେହି ଆଶ୍ରମବାସୀଙ୍କୁ ଜଣାଇଲେ ।



ଆଶ୍ରମବାସୀ ରାମ ଲକ୍ଷ୍ମଣଙ୍କୁ ଦେଖି ବହୁତ ଆନନ୍ଦ ଅନୁଭବ କଲେ । ବିଶ୍ୱାମିତ୍ର ଓ ରାଜକୁମାରଦ୍ୱୟଙ୍କୁ ସ୍ୱାଦିଷ୍ଟ ଫଳମୂଳ ଦ୍ୱାରା ସତ୍କାର କଲେ ଏବଂ ରାତ୍ରରେ ଶୟନ ପାଇଁ କୋମଳପତ୍ର ବିଛଣା ପ୍ରସ୍ତୁତ କରିଦେଲେ । ଶୟନ ସମୟରେ ରାମ ଲକ୍ଷ୍ମଣ ଗୁରୁଙ୍କ ପଦସେବା କରିବା ସମୟରେ ରାମ କହିଲେ, ଗୁରୁଦେବ ! ଏହି ଆଶ୍ରମର ନାମ କ'ଣ ଦୟାକରି ଜଣାନ୍ତୁ । ବିଶ୍ୱାମିତ୍ର କହିଲେ, ବତ୍ସ !ଏହି ଆଶ୍ରମର ନାମ ହେଉଛି 'କାମାଶ୍ରମ' । ଏହି ସ୍ଥାନରେ ଭଗବାନ ଶଙ୍କର ତପସ୍ୟା କରୁଥିଲେ । ସ୍ୱର୍ଗରୁ ନରକାସୁର ଉତ୍ପାତ ଆରମ୍ଭ କରିଦେଲା । ଭଗବାନ ଶଙ୍କରଙ୍କର ଶକ୍ତି ନ ହେଲେ ସେହି ଦାନବର ମୃତ୍ୟୁ ହେବ ନାହିଁ । ତେଣୁ ଦେବରାଜ ଇନ୍ଦ୍ର ଭଗବାନ ଶଙ୍କର ତପଃ ଭଗ୍ନ ପାଇଁ କାମଦେବକୁ ସେହି ସ୍ଥାନକୁ ପଠାଇଥିଲେ । ସେଠାରେ କାମଦେବ ଫୁଲଶର ମାରି ପ୍ରଭୁଙ୍କ ତପ ଭଗ୍ନ କରିଥିଲେ । କାମଦେବ ଭସ୍ମ ହୋଇଯିବା ପରେ ଭଗବାନ ଶିବ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ଦେବଗଣ ଦେବୀ ପାର୍ବତୀଙ୍କୁ ସହାୟତାରେ ମହଦେଙ୍କ ନିୟମନ୍ତ୍ରଣ କଲେ। ଏହାଦ୍ୱାରା କାର୍ତ୍ତିକେୟ ଜନ୍ମ ନେଲେ। କାର୍ତ୍ତିକେୟ ନରକାସୁରକୁ ସଂହାର କଲେ। କାମଦେବଙ୍କ ପତ୍ନୀ ରତି ଦେବୀ ବିଳାପ କଲେ ଓ ଶିବଙ୍କୁ ପୂଜା କଲେ । ଭଗବାନ ଶିବ ସନ୍ତୁଷ୍ଟ ହୋଇ ଏହି ଆଶ୍ରମ ତିଆରି କରିଦେଲେ । ରତି ସେହିଦିନରୁ ଏହି ଆଶ୍ରମରେ ଅଛନ୍ତି । ଏହି ଆଶ୍ରମର ନାମ ସେଥିଯୋଗୁଁ କାମଦେବଙ୍କ ନାମରେ କାମାଶ୍ରମ ହୋଇଛି । ବିଶ୍ୱାମିତ୍ର କହିଲେ ହେ ରାମ / ରାତ୍ରି ଗଭୀର ହେଲା । ଏବେ ବିଶ୍ରାମ ନିଅ, କାଲି ବହୁତ୍ ଦୂରପଥ ଯାତ୍ରା କରିବାକୁ ହେବ। ରାମଲକ୍ଷ୍ମଣ ଗୁରୁଙ୍କ ନିର୍ଦ୍ଦେଶନୁସାରେ ବିଶ୍ରାମ ନେଲେ ।

ସୌନ୍ଦର୍ଯ୍ୟରେ ଭରପୂର ଭାରତର ଶେଷ ରାସ୍ତା



ସାସିଆଲ ମିଡିଆରେ ବର୍ତ୍ତମାନ ଭାରତର ଶେଷ ରାସ୍ତାର ଭିଡିଓ ବେଶ୍ ଭାଇରାଲ୍ ହେଉଛି। ଏହି ଭିଡିଓ ତାମିଲନାଡୁର ଧନୁଷକୋଡିରୁ ଆସିଛି। ଯାହା ଭାରତ ସରକାରର ନିଜର ଟ୍ୱିଟର ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି। ଭିଡିଓଟିରେ ଦେଖାଯାଉଛି ରାସ୍ତାର ଚାରି ପାଖରେ ସମୁଦ୍ର ଘେରି ରହିଛି। ଭାରତ ସରକାର ଏହି ଭିଡିଓକୁ ଫେବ୍ରୁଆରୀ ୬ରେ ସେୟାର କରିଛନ୍ତି। କ୍ୟାପସନ୍‌ରେ ଲେଖାଯାଇଥିଲା, ଚମତ୍କାର ସୌନ୍ଦର୍ଯ୍ୟକୁ ଦେଖନ୍ତୁ। ତାମିଲନାଡୁର ଧନୁଷକୋଡିରେ ଭାରତର ଶେଷ ରାସ୍ତାର ମନମୁଗ୍ଧ କରୁଥିବା ଦୃଶ୍ୟ ଦେଖନ୍ତୁ। ଏହି ଭିଡିଓକୁ ଥ୍ରୁମାଲା ସଞ୍ଚାରୀ ଡ୍ରୋନ କ୍ୟାମେରାରେ କଏଦ କରିଛନ୍ତି। ଏଥିରେ ଭାରତର ଶେଷ ରାସ୍ତା 'ଅରିଚଲ ମୁନାଇ'ର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖାଯାଉଛି। ବର୍ତ୍ତମାନ ଇଣ୍ଟରନେଟ୍‌ରେ ଏହାର ଭିଡିଓ ବେଶ ଭାଇରାଲ ହେଉଛି। ଲୋକେ ଏହାକୁ ବେଶ ପସନ୍ଦ କରୁଛନ୍ତି। କିଛି ଲୋକେ ଏହି ସ୍ଥାନର ତୁଳନା ଶିବଲିଙ୍ଗ ସହ ମଧ୍ୟ କରୁଛନ୍ତି। ଏଥିରେ ୧୧ ହଜାରରୁ ଅଧିକ ଲୋକେ ଲାଇକ୍ କରିଛନ୍ତି। ଜଣେ ଲେଖିଛନ୍ତି, ସୌନ୍ଦର୍ଯ୍ୟ ଓ ସ୍ମରଣୀୟ। ଅନ୍ୟ ଜଣେ ଲେଖିଛନ୍ତି, ଅବିଶ୍ୱସନୀୟ ଭାରତ। ତାମିଲନାଡୁର ରାମେଶ୍ୱରମ ଦ୍ୱୀପର ଦକ୍ଷିଣ-ପୂର୍ବରେ ସ୍ଥିତ ଧନୁଷକୋଡି ଏକ ଶାନ୍ତ ସହର। ଏହି ସ୍ଥାନର ବିଶେଷ ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ଏଠାରେ ଭାରତର ଶେଷ ରାସ୍ତା ରହିଛି। ଚାରିପାଖରେ କେବଳ ସମୁଦ୍ର ରହିଛି,ଏହି କାରଣରୁ ଭଗବାନ ରାମ ଓ ତାଙ୍କ ସେନା ଲଙ୍କା ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ସେତୁ ନିର୍ମାଣ କରିଥିଲେ ବୋଲି ମାନ୍ୟତା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ଅରିଚଲ ମୁନାଇ ଗସ୍ତ କରିଥିଲେ। ୩ ଦିଗରେ ସମୁଦ୍ର ରହିଥିବା ବେଳେ ଏହାକୁ ଭାରତ ଓ ଶ୍ରୀଲଙ୍କାର ସ୍ଥଳଭାଗରେ ଯୋଗାଯୋଗର ମାଧ୍ୟମ ବୋଲି ଜଣାଯାଏ। ବର୍ତ୍ତମାନ ଏହା ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଭାବେ ଜଣାଶୁଣା। ଏଠାରେ ପ୍ରତିବର୍ଷ ଲକ୍ଷାଧିକ ଲୋକେ ଏକାଠି ହୋଇଥାଆନ୍ତି।

ଏକାଧିକ ଗଣେଶ ମୂର୍ତ୍ତି ରଖି ପୂଜା କରନ୍ତୁ ନାହିଁ

ଅନେକ ସମୟରେ ଘରେ କଳହ ତଥା ଅଶାନ୍ତି ଦେଖା ଦେଇଥାଏ। ପରସ୍ପର ମଧ୍ୟରେ କଳି ଝଗଡା ଲାଗି ରହିବା ସହ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ। ଏହା ବାସ୍ତୁ ଦୋଷରୁ ହୋଇଥାଏ ବୋଲି କେହି କେହି ଚିନ୍ତା କରିଥାନ୍ତି।



ଜ୍ୟୋତିର୍ବିଦଙ୍କ ମତ ଅନୁସାରେ ଗଣେଶ ଭଗବାନଙ୍କୁ ଘରେ ସ୍ଥାପନା କରି ପୂଜା କରିବା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ। କିନ୍ତୁ ଘରର କେଉଁ ସ୍ଥାନରେ ଗଣେଶ ଭଗବାନଙ୍କ ମୂର୍ତ୍ତି ରଖିବେ ଏବଂ କେଉଁ ବିଧି ଅନୁସାରେ ପୂଜା କରିବା ତାହା ଜାଣିବା ଅତ୍ୟନ୍ତ ଜରୁରୀ ଅଟେ।

☐ ଏକାଧିକ ଗଣେଶ ମୂର୍ତ୍ତି ରଖି ପୂଜା କରନ୍ତୁ ନାହିଁ।

☐ ବାମ ପଟକୁ ଶୁଣ୍ଡ ଥିବା ଗଣେଶ ମୂର୍ତ୍ତି ଘରେ ରଖନ୍ତୁ।

☐ ୧୨ ଆଙ୍ଗୁଳି ଉଚ୍ଚତା ଠାରୁ ଅଧିକ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ଘରେ ରଖନ୍ତୁ ନାହିଁ।

☐ ପୀତବର୍ଣ୍ଣର ମୂର୍ତ୍ତି ଘରେ ରଖିବା ସବୁଠୁ ଉତ୍ତମ ଅଟେ।

☐ କେବେ ବି ଗଣେଶଙ୍କୁ ତୁଳସୀ ଜଳ ଅର୍ପଣ କରନ୍ତୁ ନାହିଁ।

☐ ଆସନ୍ତୁ ଜାଣିବା ଘରର କେଉଁ ସ୍ଥାନରେ କିପରି ମୂର୍ତ୍ତି ରଖିବେ।

☐ ପିଲାଙ୍କ ପାଠ ଘରେ ହଳଦିଆ ବା ଫିକା ସବୁଜ ରଙ୍ଗର ଗଣେଶ ମୂର୍ତ୍ତି ରଖନ୍ତୁ।

☐ ପୂଜା ସ୍ଥାନରେ ଏକାଧିକ ଗଣେଶ ମୂର୍ତ୍ତି ରଖି ପୂଜା କରନ୍ତୁ ନାହିଁ।

☐ ବାମ ପଟକୁ ଶୁଣ୍ଡ ଥିବା ଗଣେଶ ମୂର୍ତ୍ତି ଘରେ ରଖନ୍ତୁ।

☐ ୧୨ ଆଙ୍ଗୁଳି ଉଚ୍ଚତା ଠାରୁ ଅଧିକ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ଘରେ ରଖନ୍ତୁ ନାହିଁ।

☐ ପୀତବର୍ଣ୍ଣର ମୂର୍ତ୍ତି ଘରେ ରଖିବା ସବୁଠୁ ଉତ୍ତମ

☐ ବେଡ୍‌ରୁମରେ ଗଣେଶ ମୂର୍ତ୍ତି ରଖନ୍ତୁ ନାହିଁ।

☐ ଘରର ମୁଖ୍ୟ ଦ୍ୱାରର ଭିତର ପଟରେ ଗଣେଶ ଫଟୋ ଲଗାନ୍ତୁ।

☐ ପୂଜା ସ୍ଥାନରେ ହଳଦିଆ ରଙ୍ଗର ଗଣେଶ ପ୍ରତିମା ରଖି ପୂଜା କରନ୍ତୁ।

☐ ପ୍ରତିଦିନ ସକାଳେ ଗଣେଶଙ୍କୁ କ୍ଷୀର ଅର୍ପଣ କରନ୍ତୁ।

ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣକୁ ସୁଦୃଢ଼ କରିବା ପାଇଁ ଏମଓୟୁ

ଭୁବନେଶ୍ୱର,୭।୧୧ (ମହାଭାରତ): ରାଜ୍ୟରେ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର ଏବଂ ଅବଦୁଲ୍ ଲତିଫ୍ ଜମିଲ୍ ପଭର୍ଟି ଆକ୍ସନ୍ ଲ୍ୟାବ୍ (ଜେ-ପାଲ) ସାଉଥ୍ ଏସିଆ ମଧ୍ୟରେ ଆଜି ତିନିବର୍ଷିଆ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗର ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ରଶ୍ମି କବି ଏବଂ ଜେ-ପାଲ ସାଉଥ୍ ଏସିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତୀ ଶୋଭିନୀ ମୁଖାର୍ଜୀ ସ୍ୱାକ୍ଷର କରିଥିଲେ।ଏହି ଅବସରରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଜେ-ପାଲ ସାଉଥ୍ ଏସିଆର କାର୍ଯ୍ୟକାରୀ ସହଯୋଗୀ ନିର୍ଦ୍ଦେଶକ (ନୀତି) ମୁରଲୀ ମଲ୍ଲିକାର୍ଜୁନନ୍ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଶାସନ ସଚିବମାନେ ଉପସ୍ଥିତ ଥିଲେ।



ଚେନ୍ନାଇସ୍ଥିତ ଇନଷ୍ଟିଚ୍ୟୁଟ୍ ଫର୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚ (ଆଇଏଫ୍‌ଏମ୍‌ଆର୍) ଠାରେ ପରିଚାଳିତ ଜେ-ପାଲ ସାଉଥ୍ ଏସିଆ ରାଜ୍ୟର ବିଭିନ୍ନ ବିଭାଗ ସହିତ ମିଶି ପ୍ରମୁଖ ନୀତିଗତ ଆହ୍ୱାନଗୁଡ଼ିକୁ ଚିହ୍ନଟ କରିବା, ବୈଜ୍ଞାନିକ ଓ ବ୍ୟାପକ ଗବେଷଣା ମାଧ୍ୟମରେ ନିର୍ଭରଯୋଗ୍ୟ ପ୍ରମାଣ ସଂଗ୍ରହ କରିବା ଏବଂ ଗବେଷଣାରୁ ମିଳିଥିବା ନିଷ୍କର୍ଷକୁ କାର୍ଯ୍ୟକାରୀ ନୀତିଗତ ସୁପାରିଶରେ ପରିଣତ କରିବା ଦିଗରେ କାର୍ଯ୍ୟ କରିବ।ଏଥିପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ଓ ସଂଯୋଜନ ବିଭାଗ ଏହାର ସଂସ୍ଥାଗତ ପରିଚାଳନା ବ୍ୟବସ୍ଥାକରିବ।

'ଓଡ଼ିଶା ଭିଜନ୍ ୨୦୩୬ ଓ ୨୦୪୭' ମାଧ୍ୟମରେ 'ବିକଶିତ ଓଡ଼ିଶା'ଏବଂ "ବିକଶିତ ଭାରତ" ଗଠନ ନିମନ୍ତେ ରାଜ୍ୟର ଭବିଷ୍ୟତ ବିକାଶର ରୂପରେଖ ପ୍ରସ୍ତୁତ କରାଯାଇଛି।୨୦୦୬ ମସିହାରୁ ଓଡ଼ିଶାରେ ଜେ-ପାଲ ସାଉଥ୍ ଏସିଆର କାର୍ଯ୍ୟକଳାପ ଜାରି ରହିଛି। ପ୍ରାରମ୍ଭିକ ଶୈଶବ ଶିକ୍ଷା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ଶାସନ ବ୍ୟବସ୍ଥା, ପରିମଳ, କୃଷି ଏବଂ ଲିଙ୍ଗଗତ ସମାନତା ଭଳି ବିଭିନ୍ନ କ୍ଷେତ୍ରରେ ଏହି ସହଭାଗିତା କାର୍ଯ୍ୟ କରିଆସୁଛି।ଏହି ବୁଝାମଣାପତ୍ର ଅନୁଯାୟୀ, ଓଡ଼ିଶା ସରକାର ନିଜର ବିକାଶମୂଳକ ଦୂରଦୃଷ୍ଟିକୁ ସାକାର କରିବା ଦିଗରେ ସହଯୋଗ ପାଇଁ ଜେ-ପାଲ ସାଉଥ୍ ଏସିଆର ସହଯୋଗ ଲୋଡ଼ିଛନ୍ତି।ଜେ-ପାଲ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ସେମାନଙ୍କର ପ୍ରମୁଖ ନୀତିଗତ ପ୍ରାଥମିକତା ଓ ଆହ୍ୱାନଗୁଡ଼ିକୁ ବୁଝିବା ସହ ଆବଶ୍ୟକୀୟ ଗବେଷଣା ଓ ନୀତିଗତ ସହାୟତା ଯୋଗାଇଦେବ।

ଏହି ସହଭାଗିତାର ଅନ୍ୟତମ ଉଦାହରଣ ହେଉଛି 'ବର୍ଣ୍ଣାଳୀ' କାର୍ଯ୍ୟକ୍ରମ। ଲିଙ୍ଗଗତ ସମାନତା ଉପରେ ଆଧାରିତ ଏହି ପାଠ୍ୟକ୍ରମ ର୍ତମାନ ରାଜ୍ୟର ପ୍ରାୟ ୨୩,୦୦୦ ସରକାରୀ ବିଦ୍ୟାଳୟରେ ପଢ଼ାଯାଉଛି। ଏହି କାର୍ଯ୍ୟକ୍ରମରେ ଜେ-ପାଲ ସାଉଥ୍ ଏସିଆ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ବ୍ରେକ୍‌ଥ୍ରୁ ଟ୍ରଷ୍ଟର ଜ୍ଞାନ ଓ ଗବେଷଣା ସହଯୋଗୀ ଭାବେ କାର୍ଯ୍ୟ କରୁଛି।ଏହି ସହଭାଗିତାର ସୁପରିଚାଳନା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ପରିଚାଳନା କମିଟି ଗଠନ କରାଯିବ। ଏଥିରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଜେ-ପାଲ ସାଉଥ୍ ଏସିଆର ପ୍ରତିନିଧିମାନେ ସଦସ୍ୟ ରହିବେ।ଏହି କମିଟି ପ୍ରତି ଛଅ ମାସରେ ଥରେ ବୈଠକ କରି ବିଭିନ୍ନ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକର ସମୀକ୍ଷା କରିବ। ଉଭୟ ପକ୍ଷର ନୋଡାଲ ଅଧିକାରୀମାନେ ସମସ୍ତ କାର୍ଯ୍ୟକଳାପର ସମନ୍ୱୟ କରିବେ। ସମ୍ପୃକ୍ତ ବିଭାଗଗୁଡ଼ିକ ସହ ପରାମର୍ଶ କରି ପ୍ରତ୍ୟେକ ପ୍ରକଳ୍ପର କାର୍ଯ୍ୟପରିସର ଏବଂ ନିର୍ଦ୍ଧାରିତ ଲକ୍ଷ୍ୟ ଓ ଫଳାଫଳ ସ୍ଥିର କରାଯିବ।

ମୁଖ୍ୟ ଶାସନ ସଚିବ, ଓଡ଼ିଶା ଶ୍ରୀମତୀ ଗର୍ଗ କହିଛନ୍ତି ଯେ, "ବିକଶିତ ଭାରତ" ଗଠନ ଦିଗରେ ଆମେ "ବିକଶିତ ଓଡ଼ିଶା"ର ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛୁ। ଏହି ଲକ୍ଷ୍ୟ ହାସଲ ପାଇଁ ନୀତିଗତ ଗବେଷଣା ଓ ନୂତନ ଅଭିନବ ପଦକ୍ଷେପର ପରୀକ୍ଷାମୂଳକ ପ୍ରୟୋଗ ପାଇଁ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ସାମିଲ କରିବା ସହ ବିଶ୍ୱସ୍ତରୀୟ ଶ୍ରେଷ୍ଠ ପଦ୍ଧତି ଅନୁସାରେ ତଥ୍ୟ ଓ କୃତ୍ରିମ ବୁଦ୍ଧିମତା (ଏଆଇ) ଆଧାରିତ ପଦକ୍ଷେପ ଗ୍ରହଣ କରିବାକୁ ଗୁରୁତ୍ୱ ଦିଆଯାଇଛି।ଜେ-ପାଲ ସାଉଥ୍ ଏସିଆର ଭୂମିକାକୁ ମୁଁ ତିନୋଟି ଦିଗରୁ ଦେଖୁଛି। ପ୍ରଥମତଃ, ଆମର ପ୍ରାଥମିକତା ଅନୁଯାୟୀ ବିଶ୍ୱସ୍ତରରେ ଉପଲବ୍ଧ ସର୍ବାଧିକ ପ୍ରାସଙ୍ଗିକ ଗବେଷଣାଲବ୍ଧ ପ୍ରମାଣ ଓ ଅଭିଜ୍ଞତା ଉପଲବ୍ଧ କରାଇବା। ଦ୍ୱିତୀୟତଃ, ଓଡ଼ିଶାର ଆବଶ୍ୟକତା ଅନୁଯାୟୀ ସମ୍ଭାବନାମୟ ପଦ୍ଧତିଗୁଡ଼ିକୁ ଅନୁକୂଳ କରିବା ପାଇଁ ବିଭିନ୍ନ ବିଭାଗ ସହ ମିଶି କାର୍ଯ୍ୟ କରିବା। ତୃତୀୟତଃ, କୌଣସି ସମାଧାନମୂଳକ ପଦକ୍ଷେପକୁ ବ୍ୟାପକ ସ୍ତରରେ କାର୍ଯ୍ୟକାରୀ କରିବା ପୂର୍ବରୁ ତାହାର ପ୍ରଭାବଶୀଳତା ପରୀକ୍ଷା କରିବା ସହ ପ୍ରମାଣ ଓ ତଥ୍ୟ ଆଧାରିତ ସମାଧାନ ପ୍ରସ୍ତୁତିରେ ଆମକୁ ସହଯୋଗ କରିବା।" ଶ୍ରୀମତୀ ଶୋଭିନୀ ମୁଖାର୍ଜୀ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା, ଜେ-ପାଲ ସାଉଥ୍ ଏସିଆ କହିଛନ୍ତି ଯେ, ପ୍ରମାଣଭିତ୍ତିକ ତଥ୍ୟ ସୃଷ୍ଟି କରିବା ଏବଂ ତାହାର ଉପଯୋଗ କରିବା କ୍ଷେତ୍ରରେ ଓଡ଼ିଶା ଦୀର୍ଘଦିନ ଧରି ଅଗ୍ରଣୀ ରାଜ୍ୟ ଭାବେ ପରିଚିତ।

ସରକାରୀ ଧନ୍ଦାମୂଳକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ

ଭୁବନେଶ୍ୱର,୭।୧୧ (ମହାଭାରତ): ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଓ ଧନ୍ଦାମୂଳକ ଅଧ୍ୟାପକମାନଙ୍କ ପାଇଁ ପାଂଚ ଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟ (ଆଇଏଚଏମ୍)ଠାରେ ଆରମ୍ଭ ହୋଇଯାଇଛି । ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ଏହି ପ୍ରଶିକ୍ଷଣର ଆୟୋଜନ କରାଯାଇଛି । ଏହି ପ୍ରଶିକ୍ଷଣରେ ପର୍ଯ୍ୟଟନ ଓ ଆତିଥ୍ୟ ଟ୍ରେଡ୍ ର ୬୮ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି । ବ୍ୟବହାରିକ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ନଭେମ୍ବର ୨ ରୁ ୬ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଚାଲିବ। ଏହି ପ୍ରଶିକ୍ଷଣରେ ୪ ଟି ଜିଲ୍ଲା- ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲାରୁ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଯୋଗ ଦେଇଛନ୍ତି । କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ବିନିତା ସେନାପତି, ଉପନିର୍ଦ୍ଦେଶକ ଶ୍ରୀ ଜିତେନ୍ଦ୍ର ନାୟକ, ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟର ପ୍ରବନ୍ଧନ ବିଭାଗ ମୁଖ୍ୟ ଶ୍ରୀ ସମ୍ପିତ ସୁମନ, ନିର୍ଦ୍ଦେଶାଳୟର ରିସର୍ଚ୍ଚ ଆସିସଟାଂଟ ଶ୍ରୀମତୀ ସ୍ମିତାରେଖା ମହାନ୍ତି ଓ ଉପବିଭାଗ ଅଧିକାରୀ ଅନିରୁଦ୍ଧ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ଶ୍ରୀମତୀ ବିନିତା ସେନାପତି ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଇ କହିଛନ୍ତି, ଛାତ୍ରଛାତ୍ରୀଙ୍କୁ କେବଳ ପାଠ୍ୟପୁସ୍ତକର ଜ୍ଞାନ ନୁହେଁ ବରଂ ବ୍ୟବହାରିକ ଦକ୍ଷତା ଓ ଆତ୍ମନିର୍ଭରଶୀଳତାର ମାର୍ଗ ଦେଖାଇବା ଜରୁରୀ । ପର୍ଯ୍ୟଟନ ଓ ଆତିଥ୍ୟ ସେବା କ୍ଷେତ୍ରରେ ତାଲିମ ଛାତ୍ରଛାତ୍ରୀଙ୍କୁ ହୋଟେଲ୍ ପରିଚାଳନା ଓ ପର୍ଯ୍ୟଟନ ମାର୍ଗଦର୍ଶନ ଭଳି କ୍ଷେତ୍ରରେ ନିଯୁକ୍ତିର ସୁଯୋଗ ପ୍ରଦାନ କରିଥାଏ । ଧନ୍ଦାମୂଳକ ଶିକ୍ଷା ଦ୍ୱାରା କେହି ବେକାରୀ ସମସ୍ୟାର ସମ୍ମୁଖିନ ହେବେ ନାହିଁ ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ସେହିପରି ଶ୍ରୀ ଜିତେନ୍ଦ୍ର ନାୟକ ଉଚ୍ଚମାନର ବ୍ୟବହାରିକ ପ୍ରଶିକ୍ଷଣ ସୁନିଶ୍ଚିତ କରିବା ପାଇଁ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଔଟ ଭଳି ପ୍ରମୁଖ ପ୍ରତିଷ୍ଠାନର ସହଯୋଗକୁ ପ୍ରଶଂସା କରିବା ସହ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି । ଏଥିସହ ତାଲିମ୍ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କ ଯୋଗଦାନକୁ ଗୁରୁତ୍ୱ ଦେଇଛନ୍ତି । ଆଇଏଚଏମ୍ ର ପ୍ରବନ୍ଧନ ବିଭାଗ ମୁଖ୍ୟ ଶ୍ରୀ ସମ୍ପିତ ସୁମନ ଛାତ୍ରଛାତ୍ରୀଙ୍କ ଉତ୍ସାହକୁ ପ୍ରଶଂସା କରିଥିଲେ ଏବଂ ଏକ ଦକ୍ଷ କର୍ମଶକ୍ତି ସୃଷ୍ଟି କରିବାର ରାଜ୍ୟର ଦୃଷ୍ଟିକୋଣକୁ ସମର୍ଥନ କରିବା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।

କେନ୍ଦ୍ରୀୟ ବିଦ୍ୟାଳୟରେ ଅସ୍ଥାୟୀ ହସ୍ପିଟାଲ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୭।୧୧ (ମହାଭାରତ): ଗଞ୍ଜାମ ଜିଲ୍ଲାରେ ସମ୍ପ୍ରତି ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଭିତିଭୂମିର ପୁନରୁଦ୍ଧାର ସ୍ଥିତି ଅନୁଧ୍ୟାନ କରିବା ସହ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଜି ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ବନ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟସେବାର ସ୍ୱାଭାବିକୀକରଣ, ହସ୍ପିଟାଲଗୁଡ଼ିକର କାର୍ଯ୍ୟକ୍ଷମତା, ରୋଗୀଙ୍କ ପାଇଁ ଆବଶ୍ୟକ ସୁବିଧା, ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନା, ପରିମଳ ବ୍ୟବସ୍ଥା ଏବଂ ବିଦ୍ୟୁତ୍, ପାନୀୟ ଜଳ ଓ ଟେଲିକମ୍ ସେବାର ପୁନରୁଦ୍ଧାର ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳର କୌଣସି ରୋଗୀ ଯେପରି ଚିକିତ୍ସା ସୁବିଧାରୁ ବଂଚିତ ନହୁଅନ୍ତି, ସେଥିପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବାକୁ ସେ



ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ। ଏହି ଗସ୍ତ ସମୟରେ ମନ୍ତ୍ରୀ ଉପଖଣ୍ଡ ଚିକିତ୍ସାଳୟ, ଆସିକା ପରିଦର୍ଶନ କରି ହସ୍ପିଟାଲରେ ଉପଲବ୍ଧ ଚିକିତ୍ସା ସେବା, ରୋଗୀଙ୍କ ପାଇଁ ରହିଥିବା ସୁବିଧାସୁଯୋଗ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତି, ହସ୍ପିଟାଲ ପରିସରର ସ୍ୱଚ୍ଛତା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଯାଂଚ କରିଥିଲେ। ବିଶେଷକରି ଜୈବ-ଚିକିତ୍ସା ବର୍ଜ୍ୟବସ୍ତୁ ଓ ସାଧାରଣ ବର୍ଜ୍ୟବସ୍ତୁର ପୃଥକୀକରଣ, ନିୟମିତ ସଫେଇ ଓ ସୁରକ୍ଷିତ ନିଷ୍କାସନ ବ୍ୟବସ୍ଥାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ହସ୍ପିଟାଲରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଓ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଜରୁରୀକାଳୀନ ଚିକିତ୍ସା, ଅପରେସନ୍, ଲାବୋରେଟୋରୀ ଓ ଅନ୍ୟାନ୍ୟ ଚିକିତ୍ସା ସେବା ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ଆବଶ୍ୟକ ପ୍ରସ୍ତୁତି ଓ ବିକଳ୍ପ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ଆସିକାଠାରେ କେନ୍ଦ୍ରୀୟ ବିଦ୍ୟାଳୟ (କଠ) ଓ ମହିଳା ମହାବିଦ୍ୟାଳୟରେ ଦୁଇଟି ଅସ୍ଥାୟୀ ହସ୍ପିଟାଲ କାର୍ଯ୍ୟକ୍ଷମ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଏବଂ ମହିଳା ମହାବିଦ୍ୟାଳୟରେ ଚିକିତ୍ସା ଆରମ୍ଭ ହୋଇଛି। ଏଥିସହ ବନ୍ୟା ପ୍ରଭାବିତ ଦୁର୍ଗମ ଓ ଜଳବନ୍ଦୀ ଅଂଚଳରେ ରହୁଥିବା ଲୋକଙ୍କ ନିକଟରେ ଚିକିତ୍ସା ସେବା ପହଞ୍ଚାଇବା ପାଇଁ ଅତିରିକ୍ତ ୨୧ଟି ମୋବାଇଲ୍ ହେଲ୍ଥ ୟୁନିଟ୍ ନିୟୋଜନ ହେବ । ଏଥିପାଇଁ ପଡ଼ୋଶୀ ଜିଲ୍ଲାରୁ ଅତିରିକ୍ତ ମୋବାଇଲ୍ ହେଲ୍ଥ ୟୁନିଟ୍ ଓ ଡାକ୍ତରୀ ଦଳ ଅଣାଯାଇ ପ୍ରଭାବିତ ଅଂଚଳରେ ନିୟୋଜିତ କରାଯିବ। ବନ୍ୟା ପ୍ରଭାବିତ ଲୋକଙ୍କୁ ଉନ୍ନତ ଓ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସହ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକର ସହଯୋଗ ନେବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏଥିନିମନ୍ତେ ୫ଟି ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ସହଯୋଗ ଓ ଚିକିତ୍ସା ସେବା ଯୋଗାଣ ସମ୍ପର୍କରେ ମନ୍ତ୍ରୀ ଆଲୋଚନା କରିଥିଲେ।

ସୋଆରେ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୭।୧୧ (ମହାଭାରତ): ଭାରତର ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ମଙ୍ଗଳବାର ଦିନ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିସରରେ ଆୟୋଜିତ ଦୁଇଟି ପୃଥକ୍ ଶୋକସଭାରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସୋମବାର ନୂଆଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ପ୍ରଫେସର (ଡାକ୍ତର) ମହାପାତ୍ର ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ଦୁଇ ବର୍ଷ ଧରି ସୋଆର କୁଳପତି ଭାବେ କାର୍ଯ୍ୟ କରିଥିଲେ। ଏହାପରେ ସେ ବିଶ୍ୱବିଦ୍ୟାଳୟର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ଭାବେ ମାଗଦର୍ଶନ ଜାରି ରଖିଥିଲେ। ସେ କିଛି ଦିନ ହେବ ମସ୍ତିଷ୍କ କର୍କଟ ରୋଗରେ ପୀଡ଼ିତ ଥିଲେ। ସ୍ନାୟୁଶଲ୍ୟ ଚିକିତ୍ସା କ୍ଷେତ୍ରରେ ଜଣେ ପ୍ରଖ୍ୟାତ ବିଶେଷଜ୍ଞ ଭାବେ ସେ ଦୀର୍ଘବର୍ଷ ଧରି ନୂଆଦିଲ୍ଲୀ ଏମ୍ସର ସ୍ନାୟୁଶଲ୍ୟ ବିଭାଗର

ସୋଆରେ ଆୟୋଜିତ ଶୋକସଭାରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ପ୍ରଫେସର ମହାପାତ୍ରଙ୍କ ସହ ବିଶ୍ୱବିଦ୍ୟାଳୟର



ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ଏଥିସହ ସେ ଭୁବନେଶ୍ୱର ଏମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ଏବଂ ଲକ୍ଷ୍ନୌସ୍ଥିତ ସଞ୍ଜୟ ଗାନ୍ଧୀ ସ୍ନାତକୋତର ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ।

ଦୀର୍ଘଦିନର ସଂପର୍କ ଏବଂ ଚିକିତ୍ସା ବିଜ୍ଞାନ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରିଥିଲେ। ସୋଆର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ତାଙ୍କର ଉଦ୍ୟମ ଓ ଉତ୍କର୍ଷ ପ୍ରତି ନିଷ୍ଠାକୁ ସେ ଉଲ୍ଲେଖ କରିଥିଲେ। ସୋଆର ଆନ୍ତର୍ଜାତିକ ପରାମର୍ଶଦାତା ବୋର୍ଡର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୂତି ଭୂଷଣ ପ୍ରଧାନ, ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି, ପ୍ରଫେସର (ଡାକ୍ତର) ପ୍ରସେନଜିତ ମହାନ୍ତି, ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଓ ପ୍ରଫେସର ଅନୁପ କୁମାର ସାମନ୍ତରାୟ ଓ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଡିନ୍, ନିର୍ଦ୍ଦେଶକ, ଅଧ୍ୟାପକ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ମଧ୍ୟ ଏକ ପୃଥକ୍ ଶୋକସଭା ଆୟୋଜନ କରାଯାଇଥିଲା। ଅବସର ଗ୍ରହଣ ପରେ ମଧ୍ୟ ପ୍ରଫେସର ମହାପାତ୍ରଙ୍କର ଏହି ହସ୍ପିଟାଲ ସହ ଗଭୀର ସଂପର୍କ ରହିଥିଲା। ଏହି ଶୋକସଭାରେ ଉପସ୍ଥିତ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ତାଙ୍କ ସହ ଥିବା ସ୍ମୃତିଚାରଣ କରିବା ସହ ହସ୍ପିଟାଲର ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ତାଙ୍କର ଅବଦାନକୁ ସ୍ମରଣ କରିଥିଲେ।

ସିପିଏସଇ ପରୀକ୍ଷା ପାଇଁ ତଥ୍ୟ ଯାଞ୍ଚ ଅବଧି ବୃଦ୍ଧି

ଭୁବନେଶ୍ୱର,୭।୧୧ (ମହାଭାରତ): ମିଳିତ ପୋଲିସ୍ ସେବା ପରୀକ୍ଷା–୨୦୨୪ (ସିପିଏସଇ-୨୦୨୪) ଅନ୍ତର୍ଗତ ଉପ-ନିରୀକ୍ଷକସ୍ତରୀୟ ପରୀକ୍ଷା ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନଙ୍କ ନିମନ୍ତେ ନିଜର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ ତଥା ବୈଧୀକରଣ କରିବାର ସମୟସୀମାକୁ ଆଉ ୧୦ ଦିନ ବୃଦ୍ଧି କରାଯାଇଛି । ଏବେ ପ୍ରାର୍ଥୀମାନେ ଆସନ୍ତା ନଭେମ୍ବର ୮ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରିବେ ।

ଓଡିଶା ୟୁନିଫର୍ମଡ୍ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସଏସସି) ପକ୍ଷରୁ ସମସ୍ତ ପ୍ରାର୍ଥୀଙ୍କୁ, ବିଶେଷତଃ ବୟସ କୋହଳ ବ୍ୟବସ୍ଥା ଅନ୍ତର୍ଗତ ଯୋଗ୍ୟ ପ୍ରାର୍ଥୀଙ୍କ ସମେତ, ଯେଉଁମାନେ ୨୦୨୫ ମସିହାରେ ବିଜ୍ଞାପିତ ମିଳିତ ପୋଲିସ୍ ସେବା ପରୀକ୍ଷା–୨୦୨୪ ଅଉପ-ନିରୀକ୍ଷକ ସ୍ତରୀୟ ପରୀକ୍ଷାଧ ପାଇଁ ଆବେଦନ କରିଥିଲେ, ସେମାନଙ୍କୁ ଆୟୋଗଙ୍କ ୱେବସାଇଟ୍ ଏଚଟିପିପିଏସ୍ :// ଓୟୁଏସଏସଏସସି.ଓଡ଼ିଶା.ଜିଓଭି.ଇନ୍ ରେ ନିଜର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ/ ବୈଧୀକରଣ କରିବାର ଶେଷ ତାରିଖ ଆଉ ୧୦ (ଦଶ) ଦିନ ବୃଦ୍ଧି କରାଯାଇତା୦୮.୧୧.୨୦୨୬ ରିଖ ରାତି ୧୦.୦୦ ଘଟିକା ପର୍ଯ୍ୟନ୍ତଧାର୍ଯ୍ୟ କରାଯାଇଥିବା ଜଣାଇ ଦିଆଯାଇଛି ।

ସମସ୍ତ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଆୟୋଗଙ୍କ ୱେବସାଇଟ୍ ରେ ଲଗ୍ ଇନ୍ କରି ଧାର୍ଯ୍ୟ ସମୟସୀମା ମଧ୍ୟରେ ନିଜର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ/ ବୈଧୀକରଣ କରିବାକୁ ପରାମର୍ଶ ଦିଆଯାଇଛି । ଏହି ଅଦ୍ୟତନ/ ବୈଧୀକରଣ କରାଯାଇଥିବା ତଥ୍ୟ ସିପିଏସଇ-୨୦୨୪ ପରୀକ୍ଷାର ପରବର୍ତ୍ତୀ ସମସ୍ତ ପର୍ଯ୍ୟାୟ ପାଇଁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯିବ।

ପ୍ରାର୍ଥୀମାନଙ୍କର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ/ ବୈଧୀକରଣ କରିବା ପାଇଁ ଏହା ଶେଷ ସୁଯୋଗ। କୌଣସି ପରିସ୍ଥିତିରେ ଏହି ସମୟସୀମା ବୃଦ୍ଧି କରାଯିବ ନାହିଁ।ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହି ପ୍ରକ୍ରିୟା ସମାପ୍ତ ନକରିଥିବା ପ୍ରାର୍ଥୀମାନେ ଏଥିଯୋଗୁଁ ଉପୁଜିବାକୁ ଥିବା ପରିଣାମ ପାଇଁ ନିଜେ ଦାୟୀ ରହିବେ ବୋଲି କମିଶନ ତରଫରୁ ସ୍ପଷ୍ଟ କରାଯାଇଛି । ଶେଷ ମୁହୂର୍ତ୍ତରେ କୌଣସି ଅସୁବିଧା ଏଡ଼ାଇବା ପାଇଁ ପ୍ରାର୍ଥୀମାନଙ୍କୁ ଧାର୍ଯ୍ୟ ସମୟସୀମା ପୂର୍ବରୁ ଏହି ପ୍ରକ୍ରିୟା ସମାପ୍ତ କରିବାକୁ ପରାମର୍ଶ ଦିଆଯାଉଛି।

ବାତ୍ୟା ଅଞ୍ଚଳରେ ସ୍କାଉଟସ୍ ଏବଂ ଗାଇଡସ୍‌ର ସେବାକାର୍ଯ୍ୟ



ଭୁବନେଶ୍ୱର,୭।୧୧ (ମହାଭାରତ): ଅକ୍ଟୋବର ୨୬ ତାରିଖ ଦିନ ପ୍ରଳୟଙ୍କାରୀ ଘୁର୍ଣ୍ଣି ବାତ୍ୟା "ଅର୍ଣ୍ଣବ"ର ପ୍ରଭାବ ଏବଂ ବନ୍ୟାରେ ଅସୁବିଧାର ସମ୍ମୁଖୀନ ହୋଇଥିବା ଜିଲ୍ଲାମାନଙ୍କରେ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ୍ ସଂସ୍ଥାର ଶତାଧିକ ରୋଭର ଓ ରେଞ୍ଜର ବିଭିନ୍ନ ଜିଲ୍ଲାରେ ସେମାନଙ୍କର ସେବା କାର୍ଯ୍ୟ ଜାରି ରଖିଛନ୍ତି । ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ରୋଭର ଓ ରେଞ୍ଜରମାନେ ବାତ୍ୟା ଆଶ୍ରୟସ୍ଥଳୀରେ ଅନ୍ଧାର ଏବଂ ଅନାହାରରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରିଥିଲେ। ସେହିପରି ଗଞ୍ଜାମ ଜିଲ୍ଲାର "ଅର୍ଣ୍ଣବ" ପ୍ରଭାବରେ ବନ୍ୟାରେ ବହୁତ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମରେ ରାଜ୍ୟ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀଙ୍କ ସମେତ ଗଞ୍ଜାମ ଜିଲ୍ଲାର ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜରମାନେ ଉକ୍ତ ଅ□ଳରେ ଘରକୁ ଘର ବୁଲି ଚୁଡା, ଗୁଡ, ଅମୁଲ, ବିସ୍କୁଟ, ମହମବତୀ ଏବଂ ଦିଆସିଲି ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଲୋକମାନଙ୍କୁ ବ□ନ କରିଥିଲେ । ଏତଦ୍‌ବ୍ୟତୀତ ବାତ୍ୟା ପ୍ରଭାବରେ ରାସ୍ତା ଅବରୋଧ କରୁଥିବା ଭଙ୍ଗା ଗଛ ଡାଳ, ବିଦ୍ୟୁତ ଖୁ□ ଆଦିକୁ ଉଠାଇ ରାସ୍ତା ପରିଷ୍କାର କରିବା କାର୍ଯ୍ୟରେ ଜିଲ୍ଲା ପ୍ରଶାସନକୁ ସହାୟତା ପ୍ରଦାନ କରିଥିଲେ । ଭୁବନେଶ୍ୱରରୁ ବାହାରିଥିବା ଦଳକୁ ଶ୍ରୀଯୁକ୍ତ ତ୍ରିଲୋଚନ ମାଝି, ଆଇଏଏସ ଓଏସ୍‌ଡି, ମୁଖ୍ୟମନ୍ତ୍ରୀ ଉତ୍ସାହିତ କରି ପତାକା ଦେଖାଇଥିଲେ। ଏତଦ୍‌ବ୍ୟତୀତ ବାତ୍ୟା ପ୍ରଭାବିତ ପ୍ରତ୍ୟେକ ଜିଲ୍ଲାରେ ମଧ୍ୟ ସ୍କାଉଟ ଓ ଗାଇଡ୍‌ମାନେ ନିଜ ନିଜ ଅ□ଳରେ ଅନୁରୂପ କାର୍ଯ୍ୟରେ ନିୟୋଜିତ ହୋଇରହିଛନ୍ତି ।

କିଟ୍ ଲ ସ୍କୁଲ୍ ପକ୍ଷରୁ ଆଇନ ସଚେତନତା ଶିବିର

କଟକ,୭।୧୧ (ମହାଭାରତ): କିଟ୍ ଲ ସ୍କୁଲ୍ ଆଇନ ସେବା କ୍ଲିନିକ୍ ପକ୍ଷରୁ କଟକର ବିଡ଼ାନାସୀ ବନ୍ଧାଗଡ଼ସ୍ଥିତ ମମତା ଅଳ୍ପକାଳୀନ ଆଶ୍ରୟ ଗୃହଠାରେ ଏକ ଆଇନ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ସମାଜର ଅସହାୟ, ଦୁର୍ଦ୍ଦଶାଗ୍ରସ୍ତ ଓ ନିରାଶ୍ରୟ ମହିଳାମାନଙ୍କ ମଧ୍ୟରେ ଆଇନଗତ ସଚେତନତା ସୃଷ୍ଟି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମମତା ସ୍ୱଳ୍ପକାଳୀନ ଆଶ୍ରୟ ଗୃହରେ ବିଭିନ୍ନ ବୟସର ଅସହାୟ, ନିରାଶ୍ରୟ ଓ ବିଭିନ୍ନ ସାମାଜିକ ତଥା ବ୍ୟକ୍ତିଗତ ସମସ୍ୟାର ସମ୍ମୁଖୀନ ମହିଳାମାନେ ରହୁଛନ୍ତି। ଏହି ଶିବିରରେ ମହିଳାମାନଙ୍କ ଆଇନଗତ ଅଧିକାର, ସେମାନଙ୍କ ସୁରକ୍ଷା ପାଇଁ ରହିଥିବା



ବିଭିନ୍ନ ଆଇନଗତ ବ୍ୟବସ୍ଥା, ଆଇନଗତ ସହାୟତା ପାଇବାର ଉପାୟ ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ଆଲୋଚନା କରାଯାଇଥିଲା। କିଟ୍ ଲ ସ୍କୁଲ ଆଇନ ସେବା କ୍ଲିନିକ୍‌ର ଛାତ୍ର ସ୍ୱେଚ୍ଛାସେବୀମାନେ ଆଶ୍ରୟ ଗୃହରେ ରହୁଥିବା ମହିଳାମାନଙ୍କ ସହ ଭାବ ବିନିମୟ କରିଥିଲେ। ଏହି ଅବସରରେ ମହିଳାମାନଙ୍କ ଅଧିକାର, ଘରୋଇ ହିଂସା ଓ ଶୋଷଣ ବିରୋଧରେ ଆଇନଗତ ସୁରକ୍ଷା, ଆଇନଗତ ପ୍ରତିକାରର ବ୍ୟବସ୍ଥା ଏବଂ ବିଭିନ୍ନ ସରକାରୀ ସହାୟତା ଯୋଜନା ବିଷୟରେ ସେମାନଙ୍କୁ ସଚେତନ କରାଯାଇଥିଲା। ମହିଳାମାନେ ମଧ୍ୟ ନିଜର ସମସ୍ୟା ଓ ଅନୁଭୂତି ବାଣ୍ଟିବା ସହ ଉପଲବ୍ଧ ଆଇନଗତ ସହାୟତା ବ୍ୟବସ୍ଥା ସଂପର୍କରେ ଅବଗତ ହୋଇଥିଲେ। ଏହି କାର୍ଯ୍ୟକ୍ରମ କିଟ୍ ଆଇନ ବିଦ୍ୟାଳୟର ଆଇନ ସେବା ନିର୍ଦ୍ଦେଶକ ଲୋକନାଥ ମହାପାତ୍ରଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। ଏହାର ସଂଯୋଜନା ଶଶାଙ୍କ ନନ୍ଦେ ଏବଂ ଡ ପ୍ରଜ୍ଞା ପାରମିତା ରାୟ, ଆଇନ ସେବା କ୍ଲିନିକ୍‌ର ଅଧ୍ୟାପକ ସଂଯୋଜକଙ୍କ ଦ୍ୱାରା କରାଯାଇଥିଲା।

ଆଇନର ଫାଙ୍କରେ ଅପରାଧୀ

କଟକ ବା ଅନ୍ୟତ୍ର କେତେବେଳେ କେମିତି ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନା ଉପରେ ଚଢ଼ାଉ କରାଯାଇ କିଛି ସାମଗ୍ରୀକୁ ସିଲ କରାଯାଉଛି, କିଛି ଲୋକଙ୍କୁ ଗିରଫ କରାଯାଉଛି। କିନ୍ତୁ ତଥାପି ନକଲି କାରବାର କମୁନି ବରଂ ଏହା ଦିନକୁ ଦିନ ବଢ଼ି ଚାଲିଛି। ମାତ୍ର ୧ ପ୍ରତିଶତ ଅପରାଧି ଧରାପଡୁଛନ୍ତି, କିନ୍ତୁ ଆଇନର ଫାଙ୍କ ଦେଇ ଖସି ଯାଉଛନ୍ତି। ଏଥିପାଇଁ କଡ଼ା ଆଇନ ଏବଂ ଚୀନ ଭଳି କଠୋର ଦଣ୍ଡ ବ୍ୟବସ୍ଥା ରହିବା ଉଚିତ। ଏହା ଦ୍ୱାରା କେହି ଏଭଳି କାରବାର କରିବାକୁ ସାହସ କରିବେ ନାହିଁ। କିନ୍ତୁ ସରକାର ଏହାକୁ କେବେ ଗୁରୁତ୍ୱର ସହ ନେଉ ନାହାଁନ୍ତି ବା ନକଲି କାରବାର ରୋକିବାକୁ ସରକାରଙ୍କ ନିକଟରେ ଇଚ୍ଛାଶକ୍ତିର ଘୋର ଅଭାବ ରହିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ନଚେତ ନକଲି କାରବାର ବା ଭେଜାଲ କାରବାର ରୋକିବାକୁ କାହିଁକି କଡ଼ା ଆଇନ ହେଉନାହିଁ? ନକଲି ଘିଅଠାରୁ ଆରମ୍ଭ କରି ନକଲି ମଦ, ନକଲି ଡିଜେଲ ପର୍ଯ୍ୟନ୍ତ ସବୁ କିଛି ଏଠାରେ ନକଲି ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହିସବୁ ଭେଜାଲ ବା ଅପମିଶ୍ରିତ ସାମଗ୍ରୀ ମଣିଷର ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି। ଅନେକ ଭେଜାଲ ସାମଗ୍ରୀ ଖାଇବା ଫଳରେ ଗୁରୁତର ରୋଗର ଶୀକାର ହେଉଛନ୍ତି। ଅସଲି ତେଲ, ଘିଅ ଏବେ ବଜାରରେ ମିଳିବା କଷ୍ଟକର ହେଲାଣି। ଚା' ପତିଠାରୁ ଆରମ୍ଭ କରି ବେସନ, ହଳଦୀ ଗୁଣ୍ଡ ପର୍ଯ୍ୟନ୍ତ ସବୁ ପ୍ରକାର ଖାଦ୍ୟ ସାମଗ୍ରୀ ଭେଜାଲ ହେଉଛି। ସବୁଜ ପନିପରିବା ବୋଲି ଯାହାକୁ ଆମେ ଆଗ୍ରହର ସହିତ କିଣି ଖାଉଛୁ, ସେଥିରେ ସବୁଜ ରଙ୍ଗ ବୋଳାଯାଉଛି। ଏସବୁ ଜୀବନ ପ୍ରତି ବିପଦର କାରଣ ହେଉଛି। ଭେଜାଲ ଖାଦ୍ୟ ସାମଗ୍ରୀ ବିକ୍ରି କରିବା ନରହତ୍ୟା ସହ ସମାନ। ଏହା ଏକ ଗର୍ହିତ ଅପରାଧ। ଏଥିପାଇଁ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ନକଲି କାରବାର କେବଳ ଏତିକିରେ ସୀମିତ ନୁହେଁ। ନିକଟରେ ବଲାଙ୍ଗୀରରେ ଏକ ନକଲି ସାର୍ଟିଫିକେଟ ର୍ୟାକେଟ ଧରାପଡ଼ିଛି। ଏକ କମ୍ପ୍ୟୁଟର ସେଣ୍ଟର ଉପରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ନକଲି ସାର୍ଟିଫିକେଟ ଏବଂ ଏହାର ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଏବଂ ଲକ୍ଷାଧିକ ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ୨୦ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହାର ଚେର ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ବ୍ୟାପିଛି। ଏହି ନକଲି ସାର୍ଟିଫିକେଟ ଏତେ ଅସଲି ଭଳି ଜଣାପଡୁଛି ଯେ, ଏହାକୁ କେହି ସହଜରେ ଜାଣିପାରିବେ ନାହିଁ। ଏହି ନକଲି ସାର୍ଟିଫିକେଟ ଦେଖାଇ ଅନେକ ସରକାରୀ ଚାକିରୀ ମଧ୍ୟ କରିଛନ୍ତି। ଫଳରେ ଅନେକ ଯୋଗ୍ୟ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି। ଜଣେ ମାସ ମାସ ଧରି କଠିନ ପରିଶ୍ରମ କରି ଯାହା ପାଇପାରୁନି, ଆଉ ଜଣେ କିଛି ଟଙ୍କା ପ୍ରତିବଦଳରେ ଆଦୌ ପରିଶ୍ରମ ନକରି ତାହା ପାଇପାରୁଛି। ଏହା ଅନ୍ୟର ଅଧିକାର ଅପହରଣ କରିବା ସହ ସମାନ। ଏଭଳି ନକଲି ସାର୍ଟିଫିକେଟ କାରବାର ସାରା ଭାରତରେ ଚାଲିଛି। ଅନେକ ବର୍ଷ ହେବ ଚାଲିଆସୁଛି। କିଛି ବ୍ୟକ୍ତି ନକଲି ସାର୍ଟିଫିକେଟ ଦ୍ୱାରା ଚାକିରୀ କରି ଅବସର ନେଇ ସାରିଲେଣି। ଅନେକ ଯୋଗ୍ୟ ବ୍ୟକ୍ତି ଏଥିରୁ ବଂଚିତ ହୋଇ ଆତ୍ମହତ୍ୟା କରୁଛନ୍ତି। ଆଉ ନକଲି ସାର୍ଟିଫିକେଟ ପ୍ରସ୍ତୁତକର୍ତ୍ତା କୋଟିପତି ହୋଇଯାଉଛନ୍ତି। କୋହଳ ଦଣ୍ଡ ବ୍ୟବସ୍ଥା ଯୋଗୁ ଏଭଳି ଅପରାଧ ବଢ଼ିଚାଲିଛି ଯାହା ସମଗ୍ର ଦେଶ ଏବଂ ସମାଜ ପାଇଁ ବିପଜ୍ଜନକ। ଏହି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏନଏସଏ ଲାଗୁ ହେବା ଉଚିତ। ଯେଉଁମାନେ ନକଲି ସାର୍ଟିଫିକେଟରେ ଚାକିରୀ କରିଛନ୍ତି, ସେମାନଙ୍କୁ କେବଳ ଗିରଫ ନୁହେଁ, ସେମାନଙ୍କ ସମ୍ପତ୍ତି ନିଲାମ କରାଯିବା ଉଚିତ। ଯେଉଁମାନେ ନିଷ୍ଠା, ଦକ୍ଷତା ଏବଂ ସାଧୁତାର ସହ କଠିନ ପରିଶ୍ରମ କରି ପାଠ ପଢୁଛନ୍ତି, ସେମାନଙ୍କ ଅଧ୍ୟବସାୟ ବେକାର ନହେଉ। ସେମାନଙ୍କୁ ଉପଯୁକ୍ତ ନ୍ୟାୟ ମିଳିବା ଉଚିତ। ପରୀକ୍ଷାରେ କପି କରି ପାସ କରିବା ଯାହା ନକଲି ସାର୍ଟିଫିକେଟ ହାସଲ କରିବା ତାହା।

> "
>
> ଦେଶ ଭିତରେ ଏବେ ଏର୍ଦୋଗାନଙ୍କ ସପକ୍ଷରେ ସମର୍ଥନ ନାହିଁ। ତାର କାରଣ ହେଲା ୨୦୧୯ରେ ସହରାଞ୍ଚଳ ନିର୍ବାଚନରେ ଏର୍ଦୋଗାନଙ୍କ ଦଳ ଏକେପିର ପରାଜୟ। ପ୍ରମୁଖ ସହର ଆଙ୍କରା ଏବଂ ଇସ୍ତାନବୁଲରେ ଏର୍ଦୋଗାନଙ୍କ ମେଣ୍ଟ ପିପୁଲ୍ସ ଆଲାଏନ୍ସ ପରାଜିତ ହୋଇଥିଲା। ଦୁଇଟିଯାକ ସହରରେ ବିରୋଧୀ ନେସନାଲ ଏଲାଏନ୍ସର ପ୍ରାର୍ଥୀ ବିଜୟୀ ହୋଇଥିଲେ।

ଦୋଦୁଲ୍ୟମାନ ଏର୍ଦୋଗାନ

॥ ସୌମେନ୍ଦ୍ର ଜେନା ॥

କରୋନା ଲହର ଯୋଗୁ ପୃଥିବୀର ଅନେକ ଦେଶରେ ଜନଜୀବନର ଯେ କ୍ଷତି ହୋଇଛି ତା ନୁହେଁ ବିକାଶ ହୋଇଛି ବାଧାପ୍ରାପ୍ତ ଓ ଅର୍ଥନୀତି ହୋଇଛି ସଂକୁଚିତ। ବ୍ୟାଙ୍କର କାରବାର, ଖାଉଟୀ ବଜାରର ଦର ସବୁଠି ସୃଷ୍ଟି ହୋଇଛି ସଙ୍କଟ। ତେଣୁ ଗୋଟିଏ ପଟେ ସଟଡାଉନ ଓ ଲକ୍‌ଡାଉନର ଧାରା ଜାରି ରହିଥିବା ସମୟରେ ଅନ୍ୟପଟେ ଆର୍ଥିକ ପରିସ୍ଥିତିକୁ କେମିତି ସମ୍ଭାଳି ହେବ ତାହା ଏକ ବଡ ପ୍ରଶ୍ନ ହୋଇଛି। ଏହି ସବୁ ଆହ୍ୱାନ ମଧ୍ୟରେ ଅନେକ ଦେଶରେ ଶାସନରେ ଥିବା ଲୋକେ ପାଗଳାମୀ ଦ୍ୱାରା କିପରି ବ୍ୟବସ୍ଥାକୁ ଭାଙ୍ଗିବାର କାରଣ ହୋଇଥାନ୍ତି ତାର ଜ୍ୱଳନ୍ତ ଉଦାହରଣ ହେଲେ ତୁର୍କୀର ରାଷ୍ଟ୍ରପତି ରିସେପ ତୟିପ ଏର୍ଦୋଗାନ। ତାଙ୍କର ସଂକୀର୍ଣ୍ଣ ଦୃଷ୍ଟିକୋଣ, କ୍ଷମତା କୈନ୍ଦ୍ରିକ ବିଚାରଧାରା କିପରି ତୁର୍କୀର ଅର୍ଥ ବ୍ୟବସ୍ଥାକୁ ଏବେ ସଙ୍କଟାପନ୍ନ କରିଛି ତାହା ବେଶ୍ ସ୍ପଷ୍ଟ। କୋରୋନା ଯୋଗୁ ଉତ୍ପାଦନ, ଯୋଗାଣରେ ସବୁଠି ସମସ୍ୟା ସୃଷ୍ଟି ହୋଇଛି। ଶ୍ରମିକଙ୍କ ଅଭାବ, କଳକାରଖାନା ବନ୍ଦ ରହିବା, ଯାନବାହନ ଚଳାଚଳ ନକରିବା ଫଳରେ ସବୁ ଦେଶରେ ବାଣିଜ୍ୟ ହ୍ରାସ ହୋଇଛି। ଏହି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଆମେରିକା ଡଲାରର ସୁଧହାର ବୃଦ୍ଧି କରିବା ସହ ଅଧିକ ନୋଟ ଛାପିଲା, ଭାରତ ଓ ଚୀନ ନିଜର ବିଦେଶୀ ମୁଦ୍ରା ଭଣ୍ଡାର ଖୋଲି ଖର୍ଚ୍ଚ କରିବାକୁ ଉଦ୍ୟମ କଲେ। ଅଥଚ ତୁର୍କୀର ରାଷ୍ଟ୍ରପତି ଏଠାର ଠିକ୍ ଓଲଟା ମାର୍ଗରେ ଯାଇ ନିଜ ଦେଶର ମୁଦ୍ରା ଲିରାକୁ ଇସଲାମ ଧର୍ମସହ ଯୋଡିଲେ। ସୁଧହାର ବୃଦ୍ଧିପାଇଁ ଇସ୍‌ଲାମ ଅନୁମତି ଦେଇନାହିଁ ବୋଲି କହି ସୁଧହାର ହ୍ରାସ କଲେ। ଆର୍ଥିକ ବଜାରରେ ସନ୍ତୁଳନ ଆଣିବା ପରିବର୍ତ୍ତେ ସେ ବଜାରକୁ ଭାଙ୍ଗିବା ଠିକ ମନେ କଲେ। କେବଳ ଏତିକି ନୁହେଁ ଗତ ଦୁଇବର୍ଷ ମଧ୍ୟରେ ସଙ୍କଟ କାଳରେ ସଂଯମତା ନରଖି ୧୬୫ ବିଲିଅନ ଡଲାର ହାତଖୋଲା ଖର୍ଚ୍ଚ କଲେ। ସିରିଆ ଠାରୁ ନାଗାର୍ଣ୍ଣୋ-କାରାବାଖ, କାଶ୍ମୀରଠାରୁ କାବୁଲ ପର୍ଯ୍ୟନ୍ତ ସବୁଠି ତୁର୍କୀର ଜବରଦସ୍ତ ଭୂମିକା ରଖିବା ପାଇଁ ଉଦ୍ୟମ କଲେ। ନିଜକୁ ବର୍ତ୍ତମାନର ଅଟୋମନ ସାମ୍ରାଜ୍ୟର ଖଲିଫା ମନେକରି ବିଶ୍ୱବିଜୟୀ ହେବାକୁ ଚାହିଁଲେ। ଫଳରେ ଭାରତର ସବ୍‌ମେରିନ୍ ନିର୍ମାଣ ଦୌଡରୁ ତୁର୍କୀକୁ ବାଦ କରାଗଲା। ଲିବିୟା, ୟୁକ୍ରେନରେ ତୁର୍କୀର ଡ୍ରୋନ୍ ଯୋଗାଣକୁ ରୁଷିଆ ଭିନ୍ନ ଦୃଷ୍ଟିରେ ଦେଖି ବିରୋଧ କଲା। ସିରିଆରେ ତୁର୍କୀର ଆଭିମୁଖ୍ୟକୁ ଆମେରିକା ସରକାର ବିରୋଧ କଲେ। ନାଟୋର ସଦସ୍ୟ ରହିଥିବା ତୁର୍କୀକୁ ଆମେରିକା ସହାୟତାର ସମୀକ୍ଷା କରିବାକୁ କହିଲା। ମଧ୍ୟପ୍ରାଚ୍ୟର ସାଉଦି ଆରବ, ୟୁଏଇ, କାତାର ଆଦି ରାଷ୍ଟ୍ର ତୁର୍କୀର ଋୈଧୁରୀପଣିଆକୁ ବିରୋଧ କରିବାକୁ ଲାଗିଲେ। ଆର୍ମେନିଆ, ପର୍ତ୍ତୁଗାଲ ଓ ଗ୍ରୀସ ପରି ତୁର୍କୀର ଶତ୍ରୁ ରାଷ୍ଟ୍ରଗୁଡିକ ସହ ଭାରତର ମିତ୍ରତା ବୃଦ୍ଧି ଓ କ୍ଷେପଣାସ୍ତ୍ର ବିକ୍ରିନେଇ ଆଲୋଚନା ହେଲା। ଏସିଆ-ଇଉରୋପର ପ୍ରବେଶ ଦ୍ୱାର ଭାବେ ପରିଚିତ ତୁର୍କୀ ମଧ୍ୟ ଦେଇ ସଂଖ୍ୟାଧିକ ଶରଣାର୍ଥୀ ଇଉରୋପକୁ ପ୍ରବେଶ କରିବା ଉଦ୍ୟମକୁ ଇଉରୋପୀୟ ୟୁନିଅନ୍ ସମେତ ଅନେକ ରାଷ୍ଟ୍ରରେ ବିରୋଧ କରାଯିବା ଯୋଗୁ ଏର୍ଦୋଗାନଙ୍କ ବିଦେଶରେ ବନ୍ଧୁ ରାଷ୍ଟ୍ରଙ୍କ ସଂଖ୍ୟା ହ୍ରାସ ପାଇଲା।

ଦେଶ ଭିତରେ ଏବେ ଏର୍ଦୋଗାନଙ୍କ ସପକ୍ଷରେ ସମର୍ଥନ ନାହିଁ। ତାର କାରଣ ହେଲା ୨୦୧୯ରେ ସହରାଞ୍ଚଳ ନିର୍ବାଚନରେ ଏର୍ଦୋଗାନଙ୍କ ଦଳ ଏକେପିର ପରାଜୟ। ପ୍ରମୁଖ ସହର ଆଙ୍କରା ଏବଂ ଇସ୍ତାନବୁଲରେ ଏର୍ଦୋଗାନଙ୍କ ମେଣ୍ଟ ପିପୁଲ୍ସ ଆଲାଏନ୍ସ ପରାଜିତ ହୋଇଥିଲା। ଦୁଇଟିଯାକ ସହରରେ ବିରୋଧୀ ନେସନାଲ ଏଲାଏନ୍ସର ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏର୍ଦୋଗାନଙ୍କ ସହଯୋଗୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅହମତ ଡାଭୁଟୋଗ୍ଲୁ ନିଜର ଏକ ଦଳ ଫ୍ୟୁଚର ପାର୍ଟି ୨୦୧୯ ଡିସେମ୍ବରରେ ଗଢିଲେ। ସେମିତି ଏର୍ଦୋଗାନଙ୍କ ସହଯୋଗୀ ଥିବା ଅଲି ବାବାକାନ ଦେବାପାର୍ଟି ଗଢିଛନ୍ତି। ତୁର୍କୀର ଆର୍ଥିକ ଜଗତରେ ବାବାକାନଙ୍କୁ ସବୁଠୁ ବଡ ବ୍ୟକ୍ତିତ୍ୱ ଭାବେ ଗଣାଯାଇଥାଏ। ବାବାକାନଙ୍କ ଦଳରେ ୩୦ ପ୍ରତିଶତ ସଂରକ୍ଷଣ ମହିଳାଙ୍କ ପାଇଁ ରଖିବା ସପକ୍ଷରେ ତୁର୍କୀ ମହିଳା ଉଦ୍ୟୋଗୀ ସଂଗଠନର ପ୍ରତିଷ୍ଠାତ୍ରୀ ସାନେମ୍ ଓକ୍‌ତାର ଯୁକ୍ତି ବାଢ଼ିଛନ୍ତି। ଗଣତନ୍ତ୍ର, ସ୍ୱାଧୀନତା, ସମାନତା ଆଦି ଆଭିମୁଖ୍ୟ ନେଇ ଦଳ ତୁର୍କୀର ଜନତାଙ୍କୁ ଆକୃଷ୍ଟ କରିବ ଏବଂ ଏର୍ଦୋଗାନଙ୍କ ଶାସନର ଅନ୍ତ ଘଟିବ ବୋଲି ସେ କହନ୍ତି। ତୁର୍କୀର ଶାସକଦଳ ଏକେପି ଗତ ଦୁଇଦଶନ୍ଧି ହେଲା କ୍ଷମତାରେ ରହିବା ଫଳରେ ଏର୍ଦୋଗାନ କ୍ଷମତାର କେନ୍ଦ୍ରୀକରଣ କରି ନିଜ ପରିବାର ଲୋକଙ୍କୁ ଥଇଥାନ କରିଛନ୍ତି ବୋଲି ଅନ୍ୟମାନେ ଅଭିଯୋଗ କରୁଛନ୍ତି। ସେହିପରି ଦୁର୍ନୀତି ଅଭିଯୋଗ ଆଣି ଏର୍ଦୋଗାନଙ୍କ ସହଯୋଗୀ ଅବଦୁଲ୍ଲାତିଫ ସେନେର ପୂର୍ବରୁ ଦଳ ଛାଡି ଅନ୍ୟ ଏକ ଦଳ ତୁର୍କୀ ପାର୍ଟି ଗଠନ କରିଥିଲେ। ଏର୍ଦୋଗାନଙ୍କ ଗଡଭାବେ ପରିଚିତ ଇସ୍ତାନବୁଲର ଉସ୍କୁଦାର ଜିଲ୍ଲା ମଧ୍ୟ ଏକେପି ହାତରୁ ଖସିବାରେ ଲାଗିଛି। ଦେଶରେ ୨୦୨୩ରେ ନିର୍ବାଚନ ହେବାକୁ ରହିଛି। ୨୦୦୩ରୁ ପ୍ରଧାନମନ୍ତ୍ରୀ ଏବଂ ପରେ ରାଷ୍ଟ୍ରପତି ପଦରେ ଏର୍ଦୋଗାନ ରହିଆସିଛନ୍ତି। ଏର୍ଦୋଗାନଙ୍କ ଜଷ୍ଟିସ ଏଣ୍ଡ ଡେଭଲପମେଣ୍ଟ ପାର୍ଟି ଏବେ ସବୁଆଡୁ ସମାଲୋଚନାର ସମ୍ମୁଖୀନ ହେବାରେ ଲାଗିଛି। କାରଣ ଗତ ୧୦ ବର୍ଷରେ ଡଲାର ତୁଳନାରେ ତୁର୍କୀର ମୁଦ୍ରା ଲିରା ୭୫ଭାଗ ମୂଲ୍ୟ ହରାଇଛି। ଦେଶରେ ମୂଲ୍ୟ ବୃଦ୍ଧି ୫୦ ପ୍ରତିଶତ ବଢିଛି। ଗତ ଏକବର୍ଷ ମଧ୍ୟରେ ଲିରା ୪୫ ପ୍ରତିଶତ ମୂଲ୍ୟ ହରାଇଛି। ଦେଶରେ ମୁଦ୍ରାସ୍ଫିତି ୨୧.୩ ପ୍ରତିଶତ ବଢିଛି। ଏର୍ଦୋଗାନଙ୍କ ଚାପରେ ତୁର୍କୀର ବ୍ୟାଙ୍କ ସୁଧହାର ୧୯ ପ୍ରତିଶତରୁ ୧୫ ପ୍ରତିଶତକୁ ହ୍ରାସ କରିଛି। ଫଳରେ ଡଲାର ପିଛା ଲିରା ୧୪ରେ ପହଞ୍ଚିଛି। ତେଣୁ ସେଣ୍ଟ୍ରାଲ ବ୍ୟାଙ୍କ ମୁଖ୍ୟ ଦାୟିତ୍ୱରେ ଥିବା ନାସି ଅଗବଲଙ୍କ ସ୍ଥାନରେ ସାହାପ କାଭାସିଏଗ୍ଲୁଙ୍କୁ ନିଯୁକ୍ତ କରାଯାଇଛି।

କହିବାକୁ ଗଲେ ୨୦୦୨ ନିର୍ବାଚନ ଠାରୁ ଆଜି ପର୍ଯ୍ୟନ୍ତ ଏକେପି ଦଳର ଆର୍ଥିକ ନୀତିକୁ ଏର୍ଦୋଗାନ ହିଁ ପରିଚାଳନା କରି ଆସୁଛନ୍ତି। ଦେଶର କମ୍ ସଞ୍ଚୟ ଯୋଗୁ ସମସ୍ୟା ବଢିଛି। ତୁର୍କୀର ଚଳନ୍ତି ଜମାଖାତାର ନିଅଣ୍ଟ ପରିମାଣ ୨୦୧୬ରେ ୩୩.୧ ବିଲିଅନ ଡଲାର, ୨୦୧୭ରେ ୪୭.୩ ବିଲିଅନ ଡଲାର, ୨୦୧୮ରେ ୫୧.୬ ବିଲିଅନ ଡଲାର ଥିଲା। ପ୍ରତିବର୍ଷ ଏହି ନିଅଣ୍ଟ ପରିମାଣର ଭରଣା ପାଇଁ ତୁର୍କୀକୁ ୨୦୦ ବିଲିଅନ ଡଲାର ଆବଶ୍ୟକ ହୋଇଥାଏ। କିନ୍ତୁ ବିଦେଶୀ ମୁଦ୍ରା ଭଣ୍ଡାର ମାତ୍ର ୮୫ ବିଲିଅନ ଡଲାରରେ ସୀମିତ ରହିଛି। ବାହାର ଦେଶ ଜର୍ମାନୀ, ଫ୍ରାନ୍ସ ଏବଂ ନେଦରଲ୍ୟାଣ୍ଡରୁ ତୁର୍କୀକୁ ଆସୁଥିବା ଅର୍ଥ ହ୍ରାସ ପାଇଛି। ଏହାର କାରଣ ପଛରେ ନିଜେ ଏର୍ଦୋଗାନ ରହିଛନ୍ତି। ତାଙ୍କର ଏକାଧିପତ୍ୟ ମନୋଭାବ ଯୋଗୁ ୨୦୧୬ରେ ତଥାକଥିତ ସେନା ବିଦ୍ରୋହକୁ ଆଳକରି ସେ ଅନେକ ସଂପତ୍ତିକୁ ଜବତ କରିଦେଲେ, ଯାହାର ସେହି ଘଟଣାସହ କୌଣସି ସଂପର୍କ ନଥିଲା। ତୁର୍କୀର ଏହି ରାଜନୈତିକ ଅସ୍ଥିରତା ଯୋଗୁ ଅନେକ ବିଦେଶୀ କମ୍ପାନୀ ସେଠାରେ ପୁଞ୍ଜିନିବେଶ କରିବାକୁ ଚାହୁଁନାହାନ୍ତି। ଜାନୁଆରୀ -ମଇ ୨୦୧୭ରେ ବିଦେଶୀ ନିବେଶକମାନେ ତୁର୍କୀର ମୋଟ ୧୭.୫ ବିଲିଅନ ଜମା ନିଅଣ୍ଟରେ ୧୩.୨ ବିଲିଅନ ନିବେଶ କରିଥିଲେ। କିନ୍ତୁ ଠିକ୍ ସେହି ସମୟରେ ପରବର୍ଷ ୨୭.୩ ବିଲିଅନ ଡଲାର ନିଅଣ୍ଟିଆ କ୍ଷେତ୍ରରେ ମାତ୍ର ୭୩୬ ମିଲିଅନ ଡଲାର ନିବେଶ କରିଥିଲେ। ସେମିତି ୨୦୧୭ ବେଳକୁ ଦେଶର ବିଦେଶୀ ମୁଦ୍ରା ଋଣ ୨୧୪ ବିଲିଅନ ଡଲାରରେ ପହଞ୍ଚି ଯାଇଥିଲା। ୨୦୧୭ ଶେଷ ବେଳକୁ ତୁର୍କୀର ସରକାରୀ ଏବଂ ବେସରକାରୀ ଋଣ ମିଶି ୪୫୩.୨ ବିଲିଅନ ଡଲାର ହୋଇଥିଲା। ବିଦେଶୀ ଅଂଶଧନଧାରକଙ୍କ ଅଂଶ ଅଗଷ୍ଟ ୨୦୧୭ରେ ୯୨ ବିଲିଅନ ଡଲାର ଥିଲା ଯାହା ଜୁଲାଇ ୨୦୧୭ ବେଳକୁ ହ୍ରାସ ପାଇ ୫୩ ବିଲିଅନ ଡଲାରକୁ ଖସିଆସିଲା। ତୁର୍କୀର ମୋଟ ୨୨୪ ବିଲିଅନ ବିଦେଶୀ ଋଣ ମଧ୍ୟରେ ୮୩ ବିଲିଅନ ସ୍ପେନର, ୩୫ ବିଲିଅନ ଫ୍ରାନ୍ସର, ୧୮ ବିଲିଅନ ଇଟାଲୀର, ୧୭ବିଲିଅନ ବ୍ରିଟେନର, ୧୩ବିଲିଅନ ଜର୍ମାନୀ ବ୍ୟାଙ୍କର ରହିଛି। ଏବେ ଡଲାରର ମୂଲ୍ୟ ବୃଦ୍ଧି ପରେ ଏହି ଋଣର ପରିମାଣ ଢେର ବଢିଯିବ। ୩୧ମଇ ୨୦୧୮ରେ ଇନଷ୍ଟିଚ୍ୟୁଟ ଅଫ୍ ଫାଇନାନ୍‌ସିଆଲ ରିସର୍ଚ୍ଚ କର୍ତ୍ତୃପକ୍ଷ ଲିରାର ସମସ୍ୟା କିପରି ଲେବାନନ, କଲମ୍ବିଆ, ଦକ୍ଷିଣ ଆଫ୍ରିକା ଏବଂ ଉତ୍ତର ସିରିଆକୁ ପ୍ରଭାବିତ କରିଛି ସେ ସଂପର୍କରେ ସୂଚନା ଦେଇଥିଲେ। କ୍ରେଡିଟ ରେଟିଂ ଏଜେନ୍ସୀଗୁଡିକ ବିରୋଧରେ ଏର୍ଦୋଗାନଙ୍କ ବାରମ୍ବାର ସମାଲୋଚନା ଯୋଗୁ ୧୯ ଜାନୁଆରୀ ୨୦୧୮ରେ ଫିଚ୍ ରେଟିଂସ ନିଜର ଇସ୍ତାନବୁଲରେ ଥିବା କାର୍ଯ୍ୟାଳୟ ବନ୍ଦ କରିଥିଲା। ସେହି ବର୍ଷ ୭ମାର୍ଚ୍ଚରେ ମୁଡି ସଂସ୍ଥା ମଧ୍ୟ ତୁର୍କୀକୁ ବିଦେଶୀ ଋଣ ପ୍ରଭାବିତ କରିବ ବୋଲି କହିଥିଲା। ଏପ୍ରିଲରେ ତୁର୍କୀସେନାର କାର୍ଯ୍ୟାନୁଷ୍ଠାନ ଆମେରିକା ସଂପର୍କକୁ ଖରାପ କରିବ ବୋଲି କହିଥିଲା। ହେଲେ ଏର୍ଦୋଗାନ ସେ ସବୁ ଚେତାବନୀକୁ ଗୁରୁତ୍ୱ ଦେଲେ ନାହିଁ। ଚଳିତବର୍ଷ ୧୧ସେପ୍ଟେମ୍ବର ୨୦୨୧ରେ ରେଟିଂ ସଂସ୍ଥା ମୁଡି ତୁର୍କୀକୁ ବି -୨ ଶ୍ରେଣୀକୁ ଖସାଇଦେଲା। ୧୦ ଡିସେମ୍ବର ୨୦୨୧ରେ ଷ୍ଟାଣ୍ଡାର୍ଡ ଏଣ୍ଡ ପୁଅର୍ସ ସଂସ୍ଥା ତୁର୍କୀର ଆର୍ଥିକ ସ୍ଥିତି ଅଧିକ ଖରାପ ହେବ ବୋଲି କହିସାରିଛି। ୧୪ ଡିସେମ୍ବରରେ ସ୍ୱିଜରଲାଣ୍ଡର ବ୍ୟାଙ୍କ ୟୁବିଏସ୍ ନିଜ ଗ୍ରାହକଙ୍କ ପାଇଁ ଡଲାର - ଲିରାର ସୁବିଧାକୁ ବନ୍ଦ କଲା।

ଏର୍ଦୋଗାନ କ୍ଷମତାକୁ ଆସିବା ବେଳେ ଲିରାର ମୂଲ୍ୟ ସହ ଡଲାରର ମୂଲ୍ୟ ସମାନ ଥିଲାବେଳେ ଏବେ ତାହା ହ୍ରାସ ପାଇ ଡଲାର ପିଛା ୧୨ ଲିରାକୁ ପହଞ୍ଚିଛି। ଡିସେମ୍ବର ୨୦୨୧ତୃତୀୟ ସପ୍ତାହରେ ଏହା ୧୮.୪ ଲିରାକୁ ଖସିଯାଇଥିଲା। ଏହି ସ୍ଥିତିରେ ଲୋକେ ଲିରାକୁ ଡଲାରରେ ବଦଳାଇବା ଆରମ୍ଭ କରିଛନ୍ତି। କାରଣ ଲିରାର ମୂଲ୍ୟ ଅସ୍ଥିର ରହୁଛି। ଲୋକେ ବ୍ୟାଙ୍କଗୁଡିକ ଉପରେ ଭରସା କରିପାରୁନାହାନ୍ତି। ଏର୍ଦୋଗାନଙ୍କ ଭୁଲ ନୀତି ଯୋଗୁ ଏବେ ତାଙ୍କର ସ୍ଥିତି ଦୋଦୁଲ୍ୟମାନ ହୋଇଛି। ତୁର୍କୀରେ ଏର୍ଦୋଗାନଙ୍କ ଲୋକପ୍ରିୟତା ଇତି ମଧ୍ୟରେ ୩୦ପ୍ରତିଶତ ହ୍ରାସ ପାଇଛି। ଏହି ସ୍ଥିତି ଜାରି ରହିଲେ ତୁର୍କୀର ଆର୍ଥିକ ଭବିଷ୍ୟତ ସଙ୍କଟରେ ପଡିବ।

ଧର୍ମ ସଂସଦରେ ଗାଳି

॥ ଗୋପାଳ ମହାପାତ୍ର ॥

ଆଧୁନିକ ଭାରତର କଥିତ ଆଧୁନିକ ସାଧୁସନ୍ଥ ମାନଙ୍କର ଆଧୁନିକ ଧର୍ମ ସଂସଦର ଘଟଣା କିଛି ବିଚିତ୍ର ଭଳି ଲାଗେ। ଧର୍ମ ସଂସଦ ଯେଉଁଠି ଧର୍ମର ମହାନ ଏବଂ ଶାନ୍ତିପ୍ରିୟ ମୂଲ୍ୟର କଥା ଆଲୋଚନା କରାଯିବା କଥା ସେଠି ଶାନ୍ତିପ୍ରିୟ ମୂଲ୍ୟବୋଧକୁ ଧୂଳି ଧୂଷରିତ କରିବାର ଉଦ୍ୟମ କରାଯାଉଛି। ଯେଉଁଠି ଧର୍ମ ଏବଂ ଆଧାତ୍ମ ଉପରେ ଚିନ୍ତନ, ମନନ ଏବଂ ମନ୍ଥନ କରାଯିବା କଥା ସେଠି ବିଭିନ୍ନ ବିଶିଷ୍ଟତାରେ ସମାହିତ ଭାରତ ବର୍ଷର ଅସୀମ ଶକ୍ତିକୁ ଦୁର୍ବଳ କରି ରାଷ୍ଟ୍ରର ଏକତା ଏବଂ ଅଖଣ୍ଡତା ଉପରେ ପ୍ରହାର କରାଯିବା ପାଇଁ ଚେଷ୍ଟା କରାଯାଉଛି।

ଧର୍ମ ସଂସଦରେ ନିଜକୁ ସନ୍ଥ ବୋଲି ପରିଚୟ ଦେଉଥିବା ବ୍ୟକ୍ତି ମହାତ୍ମା ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହିବା ସହ ହତ୍ୟାକାରୀ ନାଥୁରାମ ଗଡ଼ସେଙ୍କର ପ୍ରଶଂସା କରୁଛନ୍ତି। ଧର୍ମ ସଂସଦରେ ସାମିଲ ଜଣେ ମହିଳା ନାଥୁରାମ ଗଡ଼ସେଙ୍କର ପୂଜା କରାଯିବା ପାଇଁ କହୁଛନ୍ତି। ଏସବୁ କଥା ଶୁଣି ଧର୍ମ ସଂସଦରେ ଉପସ୍ଥିତ ଲୋକେ ମଧ୍ୟ କରତାଳି ଦେଉଛନ୍ତି ଏବଂ ଏସବୁ କଥାକୁ ସମର୍ଥନ କରୁଛନ୍ତି। ଏହା ଦୁର୍ଭାଗ୍ୟର କଥା ନିଶ୍ଚୟ। ଭାରତ ବର୍ଷର ବିବିଧତା ଏବଂ ବିଶିଷ୍ଟତାକୁ ସବୁଠାରୁ ଅଧିକ ଯିଏ ଚିହ୍ନି ପାରିଥିଲେ ସେମାନଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀ ଅଗ୍ରଣୀ ଥିଲେ।

ଗାନ୍ଧୀ ଭାରତ ବର୍ଷର ସଂସ୍କୃତିକୁ ରାଜନୈତିକ ଶକ୍ତିରେ ପରିଣଥ କରିବା ସହ ବିବିଧତାକୁ ମଧ୍ୟ ସେଥିରେ ଯୋଡ଼ିବା ଭଳି ଏକ ଦୁରୁହ କାର୍ଯ୍ୟକୁ ସଫଳତାର ସହ କରିପାରିଥିଲେ। ମହାତ୍ମା ଗାନ୍ଧୀ ଭାରତୀୟ ମୂଲ୍ୟବୋଧର ସେହି ଶକ୍ତିକୁ ଜାଣିପାରିଥିଲେ ଯେଉଁ ଶକ୍ତି ହିନ୍ଦୁ ମୁସଲମାନ ଏବଂ ଶିଖମାନଙ୍କୁ ଯୋଡ଼ି ରଖି ପାରିଥିଲା। ଧର୍ମ ଏହି ସମ୍ପର୍କରେ ଶକ୍ତିକୁ ଦୁର୍ବଳ କରିଦେଇଥାଏ।

ଭାରତ ବର୍ଷର ବିବିଧତାକୁ ରାଷ୍ଟ୍ରୀୟ ଶକ୍ତି ଏବଂ ମାନବତାର ଅସୀମ ସ୍ରୋତ ଭାବରେ ପ୍ରସ୍ତୁତ କରିବାର କାର୍ଯ୍ୟ କରିଥିଲେ ସ୍ୱାମୀ ବିବେକାନନ୍ଦ। ୧୮୯୩ରେ ଚିକାଗୋ ଠାରେ ଅନୁଷ୍ଠିତ ସଭାରେ ସେ ଏହାକୁ ପ୍ରତିପାଦିତ କରିପାରିଥିଲେ। ଏସବୁ ପରେ ଗାନ୍ଧୀଙ୍କୁ ମହାତ୍ମା କାହିଁକି କୁହାଯାଉଛି ଏବଂ ଗାନ୍ଧୀଙ୍କୁ ସମାଲୋଚନା କରୁଥିବା ସାଧୁସନ୍ଥମାନଙ୍କ ବାବଦରେ ବୁଝିବାର ଆବଶ୍ୟକତା ମଧ୍ୟ ରହିଛି। ୧୯ଶ ଶତାବ୍ଦରେ ଭାରତ ବିଭାଜନ ପାଇଁ ଯେଉଁ ସମୟରେ ନକ୍ସା ପ୍ରସ୍ତୁତ କରାଯାଉଥିଲା ସେ ସମୟରେ ଗାନ୍ଧୀ ସ୍ୱାଧୀନତାର ଲଢେଇ ସହ ହିନ୍ଦୁମାନଙ୍କର ବିଖଣ୍ଡନର ଉଦ୍ୟମକୁ ରୋକିବା ପାଇଁ ଜୋରସୋର ଉଦ୍ୟମ କରୁଥିଲେ। ଦଳିତ ଓ ପଛୁଆ ଲୋକଙ୍କ ବସ୍ତିରେ ରହିବା ଘଟଣାକୁ କ୍ରାନ୍ତିକାରୀ ଘଟଣା ବୋଲି କୁହାଯାଇପାରେ। ବିରୋଧ ସତ୍ତ୍ୱେ ଗାନ୍ଧୀ ତାଙ୍କ ଆଶ୍ରମରେ ଏକ ଦଳିତ ପାରିବାରକୁ ରୋକିବା ପାଇଁ ଅନୁମତି ଦେଇଥିଲେ। ସେ ସମୟରେ ଗାନ୍ଧୀ ଦଳିତ ପରିବାରର ଏକ କନ୍ୟାକୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିଲେ।

ଇଂରେଜମାନେ କମ୍ୟୁନାଲ୍ ଆୱାର୍ଡ଼ ମାଧ୍ୟମରେ ଦଳିତ ବର୍ଗଙ୍କୁ ଅଲଗା ସଂରକ୍ଷଣ ଦେଇ ହିନ୍ଦୁ ଧର୍ମକୁ ବିଖଣ୍ଡନ କରିବାର ରାସ୍ତା ପ୍ରସ୍ତୁତ କରିଥିଲେ ଏବଂ ଡକ୍ଟର ଭୀମାରାଓ ଆମ୍ବେଦକରଙ୍କ ସହ ଆଲୋଚନା ପରେ ମଧ୍ୟ ଗାନ୍ଧୀ ୟରବଦା (ପୁନା) ଜେଲରେ ଅନଶନ କରିଥିଲେ ଓ ସଂରକ୍ଷଣକୁ କଡ଼ା ବିରୋଧ କରିଥିଲେ। ଗାନ୍ଧୀ ଜାଣିଥିଲେ ଯେ ଦଳିତମାନଙ୍କୁ ସ୍ୱତନ୍ତ୍ର ଭାବେ ସଂରକ୍ଷଣ ଦିଆଗଲେ ମୁସଲମାନ ଏବଂ ଖ୍ରୀଷ୍ଟିଆନଙ୍କ ଭଳି ପୃଥକବାଦର ଭାବନା ବଢିବ। ଏହାଦ୍ୱାରା ସ୍ୱତନ୍ତ୍ର ପରିଚୟ ଏବଂ ଅଲଗା ହେବା ଭଳି ସଙ୍କଟ ମଧ୍ୟ ସୃଷ୍ଟି ହେବ। ଏହା ହିନ୍ଦୁଙ୍କୁ ବିଖଣ୍ଡନ କରିବାର କାରଣ ହେବ।

ଜାତୀୟ ପ୍ରଗତି ଓ ଯୁବଶକ୍ତି

॥ ଡ. ଅରୁନ୍ଧତୀ ଦେବୀ ॥

ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରକ୍ ଓବମା, ତାଙ୍କ ଭାରତ ଗସ୍ତ ସମୟରେ କହିଥିଲେ 'ଭାରତ ଏକ ଉଦୀୟମାନ ମହାଶକ୍ତି ନୁହେଁ, ଏହା ମହାଶକ୍ତି' ବିଶ୍ୱଅର୍ଥନୀତିରେ, ଭାରତ, ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଲକ୍ଷ୍ୟକରି, ଓବାମା ଏକଥା କହିଛନ୍ତି। ଭାରତର ଆର୍ଥିକ ଅଭିବୃଦ୍ଧିର ବେଗ, ଚୀନ ଦେଶ ପରେ। ଅର୍ଥନୀତିକମାନଙ୍କ ମତରେ ଭାରତର ଅଭିବୃଦ୍ଧି, ଦେଶର ଯୁବଶକ୍ତି ଯୋଗୁଁ ସମ୍ଭବ ହୋଇଛି ଏବଂ ଆଗାମୀ ଦିନରେ ଯୁବଶକ୍ତି ଯୋଗୁଁ ସମ୍ଭବ ହୋଇଛି ଏବଂ ଆଗାମୀ ଦିନରେ ଯୁବଶକ୍ତି ହିଁ ଦେଶକୁ ମହାଶକ୍ତିରେ ପରିଣତ କରିପାରିବ। ମୋର ଗାନ୍ ଷ୍ଟାନ୍ ପ୍ରକାଶ କରିଥିବା ତାଙ୍କ ରିପୋର୍ଟରେ କହିଛନ୍ତି ଯେ ୨୦୨୦ ସୁଦ୍ଧା ଭାରତ ୧୭ କୋଟି ୬୦ ଲକ୍ଷ ଯୁବଶକ୍ତି ପାଇବାବେଳେ ଚୀନ୍ ଦେଶ କ୍ଷେତ୍ରରେ ଏଇ ଅଭିବୃଦ୍ଧି ହେବ ମାତ୍ର ୨କୋଟି ୩୦ ଲକ୍ଷ ଚୀନ ଦେଶରେ ଏକ ସନ୍ତାନ ନୀତି ଯୋଗୁଁ, ଯୁବ ଶକ୍ତିର ବୃଦ୍ଧି ଭାରତ ସଙ୍ଗେ ତୁଳନୀୟ ହୋଇପାରିବ ନାହିଁ। ଆଜି ଭାରତ ୨୦୨୦ ମସିହାରେ ପହଂଚି ଯୁବଶକ୍ତିକୁ ଯଥାର୍ଥରେ ଦେଶର ପ୍ରେରଣାର ଶକ୍ତି ଭାବେ ନିଶ୍ଚିନ୍ତ କରିଛି। ୨୦୧୩ରେ ପ୍ରକାଶ ପାଇଥିବା ଗ୍ଲୋବାଲ ଗଭର୍ଣ୍ଣାନ୍ ତଥ୍ୟ ଅନୁସାରେ (ଗ୍ଲୋବାଲ ଗଭର୍ଣ୍ଣନ୍ ୨୦୨୫) ଆମେରିକା ଏବଂ ଚୀନ ପରେ ଭାରତ ବିଶ୍ୱରେ ତୃତୀୟ ଶକ୍ତି ଭାବେ ଠିଆ ହେବ। ଜାପାନ୍, ଫ୍ରାନ୍ସ, ୟୁକେ ଭଳି ଦେଶ ଭାରତ ପଛରେ ପଡ଼ିଯିବେ। ତେବେ ଦେଶର ମାନବ ସମ୍ବଳର ଉପଯୁକ୍ତ ବିକାଶ ପାଇଁ ଆବଶ୍ୟକୀୟ ପଦକ୍ଷେପ ଏବେ ଠାରୁ ନିଆନଗଲେ ଯୁବଶକ୍ତି ଦେଶର ପ୍ରଗତି, ବିକାଶ ଓ ଶକ୍ତିବୃଦ୍ଧି କରିବା ପରିବର୍ତ୍ତେ ଦେଶକୁ ବିପଥଗାମୀ, ଅବକ୍ଷୟାଭିମୁଖୀ କରିବାର ସମ୍ଭାବନା ବେଶୀ। ମାନବ ସମ୍ବଳର ବିକାଶ ପାଇଁ ଦେଶର ନେତା, ବୁଦ୍ଧିଜୀବୀ, ବୈଷୟିକ ଜ୍ଞାନ, କୌଶଳ ସଂପୂର୍ଣ୍ଣ ବ୍ୟକ୍ତିବିଶେଷଙ୍କ ସହାୟତା ଏବଂ ଦିଗ୍‌ଦର୍ଶନ ଅପରିହାର୍ଯ୍ୟ। ଶିକ୍ଷାର ଦ୍ରୁତପ୍ରସାର ନହେଲେ, ମାନବସମ୍ବଳର ଉପଯୁକ୍ତ ବିକାଶ ସମ୍ଭବ ନୁହେଁ। ଦେଶରେ ଶିକ୍ଷା କ୍ଷେତ୍ରରେ ବହୁଳ ସଂସ୍କାର ଆବଶ୍ୟକତା ଦେଖାଦେଇଛି। ବିଗତ ଦଶନ୍ଧିରେ ବିଭିନ୍ନ ରାଜ୍ୟରେ ବୈଷୟିକଜ୍ଞାନ କୌଶଳ ସଂପୂର୍ଣ୍ଣ ଶିକ୍ଷାନୁଷ୍ଠାନ ବୃଦ୍ଧି ପାଇଥିଲେ ମଧ୍ୟ ଗୁଣାତ୍ମକ କ୍ଷେତ୍ରରେ ଏ ସବୁ ଅନୁଷ୍ଠାନ ବହୁ ପଛରେ ଅଛି। ବିଶ୍ୱସ୍ତରୀୟ ଉନ୍ନତମାନର ବିଶ୍ୱବିଦ୍ୟାଳୟ ପ୍ରଥମ ୧୦୦ଟି ମଧ୍ୟରେ ଭାରତର କୌଣସି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇ ନାହିଁ। ବୈଷୟିକ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ବମ୍ବେ ଆଇଆଇଟିର ସ୍ଥାନ ୧୮୭। ନିକଟରେ ଶିକ୍ଷାଆଇନ ପ୍ରଚଳନ କରାଯାଇଛି। ଗ୍ରାମାଂଚଳ ଏବଂ ପାର୍ବତ୍ୟାଂଚଳରେ ବସବାସ କରୁଥିବା ପିଲାମାନଙ୍କ ବିଦ୍ୟାଳୟରେ ପଢ଼ିବା ପାଇଁ ସୁଯୋଗ ଦେବା ଲାଗି ସରକାର ବହୁ ପ୍ରକାର ସାହାଯ୍ୟକାରୀ ଯୋଜନା କରିଛନ୍ତି ମାତ୍ର ବହୁଳ ଦୁର୍ନୀତି ଯୋଗୁଁ ଏ ସବୁ ବିକାଶମୂଳକ ଯୋଜନାର ସଫଳତା ହିତାଧିକାରୀମାନଙ୍କ ପାଖରେ ପହଂଚି ପାରୁନି, ଆଦିବାସୀ ଯୁବକ ଆଜି ଉପଯୁକ୍ତ ଦିଗଦର୍ଶନ, ପ୍ରୋତ୍ସାହନ ଏବଂ କର୍ମଯୋଗାଣ ପାଉନଥିବାରୁ ମାଓବାଦୀ ଭଳି ଆତଙ୍କବାଦୀ ସଂସ୍ଥାରେ ଯୋଗଦେବାକୁ ଶ୍ରେୟ ମଣୁଛନ୍ତି। ଖାଦ୍ୟାଭାବ ଏବଂ ଦାରିଦ୍ର୍ୟ ଏ ପର୍ଯ୍ୟନ୍ତ ଦେଶରୁ ଦୂର ହୋଇପାରିଲା ନାହିଁ। ପ୍ରାୟ ୭୫ ଭାଗ ଜନତା ଆନ୍ତର୍ଜାତୀୟ ସ୍ତରରେ ନିର୍ଦ୍ଦିଷ୍ଟ ହୋଇଥିବା ଦାରିଦ୍ର୍ୟତାର ମାନଦଣ୍ଡ ତଳେ ଅଛନ୍ତି। ବିଶ୍ୱବ୍ୟାଙ୍କ୍‌ର ମାନଦଣ୍ଡ ଅନୁଯାଇ ଯାହାର ଦୈନିକ ଆୟ ଏକ ଡଲାର ୨୫ ସେଣ୍ଟରୁ କମ୍ (ପ୍ରାୟ ୬୩ ଟଙ୍କାରୁ କମ୍) ସେ ଦାରିଦ୍ର୍ୟ ସୀମାରେଖା ତଳେ ରହିବା କୁହାଯାଉଛି। ଗୋଟିଏ ପଟରେ ଦେଶର ଆର୍ଥିକ ଅଭିବୃଦ୍ଧି ଘଟୁଛି ଅଥଚ ଅନ୍ୟପଟେ ଧନୀ-ଦରିଦ୍ର ମଧ୍ୟରେ ପାର୍ଥକ୍ୟ କମୁନି। ଅର୍ଥନୀତିର ଅଭିବୃଦ୍ଧି ଯଦି ଦେଶରେ ସାମଗ୍ରିକ ବିକାଶ ଘଟାଇବାରେ ସମର୍ଥନ ନହେବ, ତେବେ ସେ ଅର୍ଥନୀତି ଗୋଷ୍ଠୀ କେନ୍ଦ୍ରିକ ଅଭିବୃଦ୍ଧି ଭିତରେ ସୀମିତ ରହିବ ଏବଂ ଦେଶ ଭିତରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା, ବିପ୍ଳବ ଏବଂ ସାଂପ୍ରଦାୟିକ ଦଙ୍ଗା ସୃଷ୍ଟି କରିବ। ଏଥିପାଇଁ ଯେଉଁମାନେ ଗଣତାନ୍ତ୍ରିକ ପଦ୍ଧତି ବ୍ୟବସ୍ଥାରେ ଜନ ପ୍ରତିନିଧି ଭାବେ ନିର୍ବାଚିତ ହେଉଛନ୍ତି, ସେମାନଙ୍କ ଭାବମୂର୍ତ୍ତି ନିର୍ମଳ, ସ୍ୱଚ୍ଛ ଏବଂ ମନୋବୃତି ସେବା' ମୂଳକ ହେବା ଦରକାର। ବର୍ତ୍ତମାନ ଆମର ନିର୍ବାଚିତ ପ୍ରତିନିଧି ମାନଙ୍କର ଭାବମୂର୍ତ୍ତୀ ଏବଂ ସେମାନଙ୍କ ନିର୍ବାଚନ ପଦ୍ଧତି ସ୍ୱଚ୍ଛ ନୁହେଁ କି ଦୁର୍ନୀତି ମୁକ୍ତ ନୁହଁ।

ଦେଶର ୧୮ ବର୍ଷରୁ ୪୫ ବର୍ଷ ବୟସର ଲୋକସଂଖ୍ୟା ପ୍ରାୟ ୫୫ ପ୍ରତିଶତ ହେଲାବେଳେ ନେତା, ମନ୍ତ୍ରୀମାନେ କିନ୍ତୁ ବୟୋବୃଦ୍ଧି। ସେମାନେ କ୍ଷମତାକୁ ଯାବୁଡ଼ି ଧରି ବସିଛନ୍ତି। ଯୁବଶକ୍ତିକୁ ପ୍ରୋତ୍ସାହନ ଦେଇ ନେତୃତ୍ୱ ଛାଡ଼ିବାକୁ ପ୍ରସ୍ତୁତି ନୁହଁନ୍ତି।

ଦେଶରେ କାର୍ଯ୍ୟକ୍ଷେତ୍ରରୁ ଅବସର ନେବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଥିଲାବେଳେ, ରାଜନେତା ବିଧାୟକ, ସାଂସଦ କିମ୍ବା ମନ୍ତ୍ରୀ ହେବା ପାଇଁ ସମୟସୀମା ନାହିଁ। ସେମାନେ ପଛରେ ରହି, ଯୁବଶକ୍ତିକୁ ପ୍ରୋତ୍ସାହନ ଦେବା ପରିବର୍ତ୍ତେ ବୃଦ୍ଧ ବୟସରେ, ରାଜନୈତିକ ରଣକ୍ଷେତ୍ରକୁ ଗୋଡ଼ ସମ୍ଭାଳ ପାରୁନଥିଲେ ମଧ୍ୟ ଆଗଭର ହେବାକୁ ପ୍ରସ୍ତୁତ। ଏମାନଙ୍କ ଅପାରଗତା, ଦୁର୍ନୀତି, କ୍ଷମତା ପ୍ରୀତି ଯୋଗୁଁ, ଦେଶର ଦୁର୍ନୀତି ବ୍ୟାପୁଛି, ସରକାରୀ ଅପରାଗାତା ବୃଦ୍ଧି ପାଉଛି ଲକ୍ଷ ଲକ୍ଷ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ଯୋଜନା ସଫଳ ହୋଇପାରୁନି। ଏମାନଙ୍କ ଯୋଗୁଁ ବହୁ କ୍ଷେତ୍ରରେ ଏ ଦେଶ ମଧ୍ୟ ଯୁଗର ଚିନ୍ତାଧାରାରେ ଆକ୍ରାନ୍ତ। ଆଗାମୀ ବର୍ଷରେ ଭାରତ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହେବାକୁ ହେଲେ ଯୁବଶକ୍ତିର ବିକାଶ ଉପରେ ଗୁରୁତ୍ୱ ଦେବା ସଙ୍ଗେ ଦେଶକୁ ନେତୃତ୍ୱ ଦେବାଲାଗି ସେମାନଙ୍କୁ ବଛା ଯିବା ଉଚିତ୍। ସତୁରୀ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧି, ମାନସିକ ଏବଂ ଶାରୀରିକ ସ୍ତରରେ ପଙ୍ଗୁ ନେତାମାନଙ୍କୁ କ୍ଷମତା କେନ୍ଦ୍ରରୁ ବିଦାୟ ଦିଆଯାଉ।

ତାହେଲେ ଦେଶର ଦୁର୍ନୀତି ହ୍ରାସ ପାଇବ, ଯୋଜନା ସଫଳ ହେବ ଏବଂ ଭାରତର ଭବିଷ୍ୟତକୁ ନେଇ ବହୁ ବିଜ୍ଞବ୍ୟକ୍ତିଙ୍କ ଭବିଷ୍ୟତବାଣୀ ସଫଳ ହେବ। ଯୁଗାବତାର ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଆନୁକୂଲ୍ୟରେ ବୌଦ୍ଧ ବିମଣ୍ଡିତ କ୍ଷେତ୍ର ଯାଜପୁର ଜିଲ୍ଲାର ଉଦୟଗିରିସ୍ଥିତ ଶୋଭନୀୟ ଶିକ୍ଷାଶ୍ରମରେ ଅନୁଷ୍ଠିତ ହେଉଛି ଯୁବ ଶକ୍ତିଙ୍କ ଅନ୍ତର୍ନିହିତ ଚେତନା ଶକ୍ତିକୁ ପରିସ୍ଫୁଟିତ କରିବା ପାଇଁ ଏହି ସମାବେଶର ଆୟୋଜନ। ଏହି ସମାବେଶର କ୍ରାନ୍ତିବହ୍ନି ଯୁବପିଢ଼ୀଙ୍କୁ ସମାଜ ଓ ରାଷ୍ଟ୍ରର ସେବା ପାଇଁ ମନୋବଳ ବଢ଼ାଉ। ନୂଆବର୍ଷ ଅବସରରେ ଏହା ହିଁ କାମନା।

ଶୋଭନୀୟ ଆନ୍ଦୋଳନ, ଉଦୟଗିରି, ଯାଜପୁର

ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା

ଦୀପାବଳି ପାଇଁ ଚଳଚଞ୍ଚଳ ରାଇଘର ସହର, ମାଟି ଦୀପ ଓ ହାତତିଆରି ସାମଗ୍ରୀରେ ଭରିଲା ହନୁମାନ ମନ୍ଦିର ପାଖ ବଜାର

ରାଇଘର (ମହାଭାରତ):ଆଲୋକର ପର୍ବ ଦୀପାବଳିକୁ ନେଇ ଏବେ ଚଳଚଞ୍ଚଳ ହୋଇଉଠିଛି ରାଇଘର ସହର। ପର୍ବକୁ ଆଉ କିଛି ସମୟ ବାକି ଥିବାବେଳେ ସହରର ହନୁମାନ ମନ୍ଦିର ନିକଟରେ ଦେଖିବାକୁ ମିଳିଛି ଛୋଟବଡ଼ ଦୋକାନ ଓ ଗ୍ରାହକଙ୍କ ଭିଡ଼ ।ବଜାରରେ ସଜାଇ ରଖାଯାଇଛି ବିଭିନ୍ନ ପ୍ରକାରର ହାତତିଆରି ମାଟି ଦୀପ, ଝୁଣା, ମାଟି କଳସ ସମେତ ପୂଜାପର୍ବରେ ବ୍ୟବହୃତ ଅନେକ ସାମଗ୍ରୀ। ମାଟିରେ ତିଆରି ଏହି ପାରମ୍ପରିକ ସାମଗ୍ରୀଗୁଡ଼ିକ ଆଜି ମଧ୍ୟ ରାଇଘରର ପରମ୍ପରା ଓ ଗ୍ରାମୀଣ କାରିଗରୀର ପରିଚୟ ବହନ କରୁଛି ।ବିଶେଷ କଥା ହେଉଛି, ଆଧୁନିକ ଯୁଗରେ ବିଭିନ୍ନ ରଙ୍ଗବେରଙ୍ଗର ବିଦ୍ୟୁତ୍ ଆଲୋକ



ଓ ସାଜସଜ୍ଜା ସାମଗ୍ରୀ ବଜାରକୁ ଆସିଥିଲେ ମଧ୍ୟ ମାଟି ଦୀପର ଗୁରୁତ୍ୱ ଆଜି ବି କମିନାହିଁ। ଦୀପାବଳି ଆସିଲେ ମାଟି ଦୀପର ଚାହିଦା ବଢ଼ିବା ସହ କୁମ୍ଭାର ସମ୍ପ୍ରଦାୟର କାରିଗର ଓ ବ୍ୟବସାୟୀଙ୍କ ମନରେ ମଧ୍ୟ ନୂଆ ଆଶା ସଞ୍ଚାର ହୋଇଥାଏ ।କୁମ୍ଭାର ସମ୍ପ୍ରଦାୟର ଲୋକଙ୍କ କହିବା ଅନୁଯାୟୀ, ବର୍ଷସାରା ମାଟିରେ ବିଭିନ୍ନ ସାମଗ୍ରୀ ତିଆରି କରି ଜୀବିକା ନିର୍ବାହ କରିବା ସହଜ ହେଉନାହିଁ। ତେବେ ବର୍ଷକୁ ଥରେ ଦୀପାବଳି ସମୟରେ ମାଟି ଦୀପ ଓ ଅନ୍ୟାନ୍ୟ ସାମଗ୍ରୀର ବ୍ୟବସାୟ ଭଲ ହେବାର ଆଶା ରହିଥାଏ। ଏହି ସମୟର ରୋଜଗାର ତାଙ୍କ ପରିବାର ପାଇଁ ଏକ ବଡ଼ ସହାରା ହୋଇଥାଏ ।ଅନ୍ୟପଟେ, ବର୍ତ୍ତମାନ ଲୋକମାନେ ପୂର୍ବ ଅପେକ୍ଷା ମାଟି ତିଆରି ସାମଗ୍ରୀ କମ୍ କିଣୁଥିବାରୁ କାରିଗରମାନେ କିଛିଟା ଚିନ୍ତିତ ଅଛନ୍ତି। ତଥାପି ଚଳିତ ବର୍ଷ ଦୀପାବଳିରେ ବ୍ୟବସାୟ ଭଲ ହେବ ଏବଂ ନିଜ ପରିଶ୍ରମର ଉଚିତ ମୂଲ୍ୟ ମିଳିବ ବୋଲି ସେମାନେ ଆଶା ରଖିଛନ୍ତି ।ତେବେ ପ୍ରଶ୍ନ ଉଠୁଛି, ଆଧୁନିକତାର ଚାକଚକ୍ୟ ଭିତରେ ଆମର ପାରମ୍ପରିକ ମାଟି କାରିଗରୀ କେତେଦିନ ବଞ୍ଚି ରହିବ? ଯେଉଁ କୁମ୍ଭାରଙ୍କ ହାତରେ ତିଆରି ମାଟି ଦୀପ ଆମ ଘରକୁ ଆଲୋକିତ କରେ, ସେହି କାରିଗରଙ୍କ ଜୀବନରେ ଆଲୋକ ଆଣିବା ମଧ୍ୟ ଆମ ସମସ୍ତଙ୍କ ଦାୟିତ୍ୱ ।ତେଣୁ ଏହି ଦୀପାବଳିରେ ଚାଇନା ଓ ଆଧୁନିକ ସାଜସଜ୍ଜା ସାମଗ୍ରୀ ସହ ମାଟି ଦୀପକୁ ମଧ୍ୟ ଗୁରୁତ୍ୱ ଦେବା ସହ ସ୍ଥାନୀୟ କୁମ୍ଭାର କାରିଗରଙ୍କଠାରୁ ମାଟି ତିଆରି ସାମଗ୍ରୀ କିଣି ସେମାନଙ୍କ ଜୀବିକା ଓ ପାରମ୍ପରିକ କଳାକୁ ବଞ୍ଚାଇ ରଖିବାକୁ ଆଗେଇ ଆସିବା ଆବଶ୍ୟକ ।କାରଣ ମାଟି ଦୀପ କେବଳ ଆଲୋକ ଦିଏ ନାହିଁ, ଏହା ଆମ ପରମ୍ପରା, ସଂସ୍କୃତି ଓ କାରିଗରଙ୍କ ଜୀବିକାର ପ୍ରତୀକ।

ଗୌଡ଼ପୁଟ ୪୬ ତମ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ : ଫାଇନାଲରେ ବୋଲଗଡ଼କୁ ହରାଇ ଖୋର୍ଦ୍ଧା ମଙ୍ଗଳା କ୍ଲବ୍ ବିଜେତା



ଓଡ଼ଗାଁ, (ମହାଭାରତ): ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଝଙ୍ଗିରାମ ହାଇସ୍କୁଲ ଖେଳ ପଡିଆରେ ବୁଢାବୁଢିଆଣୀ କ୍ରୀଡ଼ା ସଂସଦ ଓ ନେତାଜୀ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୪୬ ତମ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ଫାଇନାଲ ମ୍ୟାଚ୍ ରେ ବୋଲଗଡ଼କୁ ୩–୧ ଗୋଲରେ ହରାଇ ଖୋର୍ଦ୍ଧା ଦଳ ବିଜେତା ହୋଇଛି। ଆଜି ଖେଳର ପ୍ରଥମାର୍ଦ୍ଧରେ ଉଭୟ ଦଳ ଚିତାକର୍ଷକ ଖେଳ ପ୍ରଦର୍ଶନକରି କେହି କାହାରିକୁ ଗୋଲଦେଇ ପାରିନଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ଖୋରଧା ଦଳ ବୋଲଗଡ଼କୁ ଲଗାତର ୨ଟି ଗୋଲ ଦେଇ ଆଗୁଆ ରହିଥିବାବେଳେ ବୋଲଗଡ଼ ଖୋରଧାକୁ ଏକ ଗୋଲ ଦେଇ ୨-୧ ରେ ପଛୁଆ ରହିଥିଲା। ଏହାପରେ ଖୋରଧା ଦଳ ପୁଣି ଆଉ ଏକ ଗୋଲ ଦେଇ ୩–୧ ଗୋଲରେ ବିଜୟୀ ହୋଇଛି ।ବିଜେତା ଖୋରଧା ଦଳକୁ ଚମ୍ପିୟାନ ଟ୍ରଫି ସହିତ ୧୧ ହଜାର ନଗଦ ରାଶି ଏବଂ ରନର୍ସ ଅଫ ବୋଲଗଡ଼ ଦଳକୁ ଟ୍ରଫି ସହିତ ୮ ହଜାର ନଗଦ ରାଶି ପ୍ରଦାନ କରାଯାଇଥିଲା ।ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ଼.ଅରୁଣ କୁମାର ସାହୁ ଯୋଗଦେଇଥିବା ବେଳେ ବ୍ଲକ୍ ଅଧକ୍ଷ ଲୋକନାଥ ସାହୁ,ନୟାଗଡ଼ ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ, ଜିଲ୍ଲାପରିଷଦ ସଭ୍ୟା ଝିଲ୍ଲୀ ପ୍ରଧାନ,ବିରଜାଲକ୍ଷ୍ମୀ ସାହୁ, ଯୁବ ନେତା ବିଭୁ ପ୍ରସାଦ ସାହୁ,ସରପଞ୍ଚ ତ୍ରିନାଥ ନାୟକ,କୁରାଳ ସରପଞ୍ଚ ବିଜନ ପାଇକରାୟ,ସମାଜସେବୀ ଶ୍ରୀକାନ୍ତ ଖଟେଇ,ସମୀର ରାଉତ,ଜଗନ୍ନାଥ ଦଳବେହେରା,ପ୍ରଭାତ କୁମାର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ ।ଆଜିର ଖେଳକୁ ମନୋରଞ୍ଜନ ଦାଶ,ସୁରେଶ ପରିଡ଼ା, ପ୍ରସନ୍ନ ନାୟକ,ସୂର୍ଯ୍ୟକାନ୍ତ ଦଳବେହେରା ପରିଚାଳନା କରିଥିବା ବେଳେ ନେତାଜୀ କ୍ଲବ୍ ସଭାପତି ଦିଲ୍ଲିପ ମାର୍ଥା,ସଂପାଦକ ତ୍ରିନାଥ ପ୍ରଧାନ,ଉପଦେଷ୍ଟା ନିତ୍ୟାନନ୍ଦ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶିକ୍ଷକ ତଥା ବରିଷ୍ଠ ସଦସ୍ୟ ଶ୍ରୀଧର ପରିଡ଼ା ଓ କ୍ରୀଡ଼ା ସମ୍ପାଦକ କେଦାର ଚନ୍ଦ୍ର ସାହୁ ଖେଳ ସଂଯୋଜନା କରିଥିବାବେଳେ ଶେଷରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ।

ଜିଲ୍ଲାସ୍ତରୀୟ ବୈଦ୍ୟ ସମ୍ମିଳନୀ ଓ ଧନ୍ୱନ୍ତରୀ ଜୟନ୍ତୀ ପାଳିତ

ଦଶପଲ୍ଲା, ୦୭/୧୧ (ମହାଭାରତ): ନୟାଗଡ଼ ଜିଲ୍ଲା ପ୍ରାଇଭେଟ୍ ପ୍ରାକ୍ଟିସନର ଆୟୁର୍ବେଦିକ ଆସୋସିଏସନ (ବୈଦ୍ୟ ସଂଘ) ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବୈଦ୍ୟ ସମ୍ମିଳନୀ ଓ ଧନ୍ୱନ୍ତରୀ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଦଶପଲ୍ଲାସ୍ଥିତ ଆୟୁର୍ବେଦ ମନ୍ଦିର ପରିସରରେ ଆୟୋଜିତ ଏହି ସମାରୋହରେ ଜିଲ୍ଲାର ବହୁ ବୈଦ୍ୟ ଓ ସଂଘର ସଦସ୍ୟ ଯୋଗଦେଇଥିଲେ ।ସଂଘର ସ୍ଥାୟୀ ସମ୍ପାଦକ ପ୍ରଫୁଲ୍ଲ ପାଟ୍ଟଶାଣୀ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ତୁଳସୀ ବୃକ୍ଷର ଔଷଧୀୟ ଓ ଆଧ୍ୟାତ୍ମିକ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ତୁଳସୀ ମାନବ ସମାଜର କଲ୍ୟାଣ ସାଧନ ସହ ବିଭିନ୍ନ ରୋଗର ନିରାକରଣରେ ଉପଯୋଗୀ ହୋଇଥିବାରୁ ପ୍ରତ୍ୟେକ ଘରେ ଏହାର ସଂରକ୍ଷଣ ଓ ଯତ୍ନ ନେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସମସ୍ତଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ ।ସମ୍ମିଳନୀରେ ଆୟୁର୍ବେଦ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଓ ଏହାର ଉନ୍ନତିକରଣ ସମ୍ପର୍କରେ ମଧ୍ୟ ବିଶେଷ ଆଲୋଚନା ହୋଇଥିଲା। ସଂଘର ପରବର୍ତ୍ତୀ ସାଧାରଣ ବୈଠକ ଆସନ୍ତା ଡିସେମ୍ବର ୨୪ ତାରିଖରେ ତୁଳସୀପୁରସ୍ଥିତ ଶ୍ରୀ ଧନ୍ୱନ୍ତରୀ ଆଶ୍ରମଠାରେ ଅନୁଷ୍ଠିତ କରିବାକୁ ସ୍ଥିର କରାଯାଇଥିଲା ।ସଭା ଶେଷରେ କିଶୋର ଚନ୍ଦ୍ର ଦଳବେହେରା ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ସଭାପତି କାଶୀନାଥ ବେହେରା ଓ ସମ୍ପାଦକ ପ୍ରଫୁଲ୍ଲ ପାଟ୍ଟଶାଣୀଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା।

ଜାତୀୟ କର୍କଟ ସଚେତନତା ଦିବସ ପାଳିତ

ଉପଲାଡ଼ା: ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ଉଟଙ୍କଗ) ର ସ୍କୁଲ୍ ଅଫ୍ ନର୍ସିଂ ପକ୍ଷରୁ ୭ ନଭେମ୍ବର ୨୦୨୬ ତାରିଖରେ ଉପଲାଡ଼ା ସରକାରୀ ବିଦ୍ୟାଳୟରେ ଜାତୀୟ କର୍କଟ ସଚେତନତା ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ କର୍କଟ ରୋଗ, ଏହାର କାରଣ, ବିପଦ କାରକ, ପ୍ରାରମ୍ଭିକ ଲକ୍ଷଣ, ପ୍ରତିରୋଧ ଏବଂ ଶୀଘ୍ର ରୋଗ ଚିହ୍ନଟର ଗୁରୁତ୍ୱ ବିଷୟରେ ସଚେତନ କରିବା। ଏହି କାର୍ଯ୍ୟକ୍ରମଟି ଉଟଙ୍କଗ ର ବି.ଏସ୍.ସି. ନର୍ସିଂ ତୃତୀୟ ସେମିଷ୍ଟରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା।

ଲଗାଣ ବର୍ଷାରେ ଭାଙ୍ଗିଲା ପୋଲର ଗାଡଓ୍ୱାଲ, ବିପଦସଙ୍କୁଳ ରାସ୍ତାରେ ଯାତାୟାତ

କରଞ୍ଜିଆ, (ମହାଭାରତ) ଲଗାଣ ବର୍ଷାର ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ତାଳପଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତାଳପଦାରୁ ଗହଣ୍ଡିଆ ଯିବା ରାସ୍ତାରେ ଥିବା ଏକ ପୋଲର ଗାଡଓ୍ୱାଲ ଭାଙ୍ଗି ଯାଇଛି। ଫଳରେ ଉକ୍ତ ରାସ୍ତାଟି ବିପଦସଙ୍କୁଳ ହୋଇପଡ଼ିଥିବା ବେଳେ ଏହା ଦେଇ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ତାଳପଦାରୁ ଗହଣ୍ଡିଆକୁ ସଂଯୋଗ କରୁଥିବା ଏହି ରାସ୍ତାଟି ତାଳପଦା ଗ୍ରାମ ପଞ୍ଚାୟତର ପ୍ରମୁଖ ଯୋଗାଯୋଗ ମାଧ୍ୟମ ଅଟେ। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଗାଡ଼ିମୋଟର ଯାତାୟାତ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ବସ୍? ମଧ୍ୟ ଚଳାଚଳ କରୁଛି। ଏଥିସହିତ ତାଳପଦା ପଞ୍ଚାୟତର ପାଞ୍ଚ ଖଣ୍ଡ ଗ୍ରାମର ଲୋକମାନେ ଦୈନନ୍ଦିନ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେବେ ଲଗାଣ ବର୍ଷା ଯୋଗୁଁ ପୋଲର ଗାଡଓ୍ୱାଲ ଭାଙ୍ଗିଯିବା ପରେ ରାସ୍ତାର ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ପୋଲର ଗାଡଓ୍ୱାଲ ଭାଙ୍ଗିଯିବା ଫଳରେ ଯାତାୟାତ ସମୟରେ ଦୁର୍ଘଟଣାର



ଆଶଙ୍କା ରହିଛି। ବିଶେଷକରି ରାତି ସମୟରେ ଏହି ରାସ୍ତା ଦେଇ ଯାତାୟାତ କରିବା ଅଧିକ ବିପଦପୂର୍ଣ୍ଣ ହୋଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ରାସ୍ତାଟି ବିପଦସଙ୍କୁଳ ହୋଇପଡ଼ିଥିବାରୁ ଆଗାମୀ ଦିନରେ ତାଳପଦା ପଞ୍ଚାୟତର ଗ୍ରାମବାସୀମାନେ ବିଭିନ୍ନ ସରକାରୀ ସେବା ପାଇବାରେ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଡାକ୍ତରଖାନା, ବ୍ଲକ କାର୍ଯ୍ୟାଳୟ, ଭଡ଼ା, ଚାଉଳ ବଣ୍ଟନ, ଡାକ ବିଭାଗ କାର୍ଯ୍ୟାଳୟ ଏବଂ ଲ୍ୟାମ୍ପସ୍? ଭଳି ଅତ୍ୟାବଶ୍ୟକ ସେବା ପାଇଁ ଲୋକମାନେ ଏହି ରାସ୍ତା ଉପରେ ନିର୍ଭରଶୀଳ। ରାସ୍ତାର ଅବସ୍ଥା ଏଭଳି ରହିଲେ ରୋଗୀଙ୍କୁ ଡାକ୍ତରଖାନା ନେବା, ଛାତ୍ରଛାତ୍ରୀଙ୍କ ଯାତାୟାତ ଏବଂ ଦୈନନ୍ଦିନ ଆବଶ୍ୟକତା ପୂରଣ କରିବାରେ ଗ୍ରାମବାସୀଙ୍କୁ ଅନେକ ସମସ୍ୟା ଭୋଗିବାକୁ ପଡ଼ିପାରେ। ଏନେଇ ସ୍ଥାନୀୟ ବାସିନ୍ଦାମାନେ ବିଭାଗୀୟ ଅଧିକାରୀଙ୍କୁ ମୌଖିକ ଭାବେ ଅବଗତ କରାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ପୋଲର ଗାଡଓ୍ୱାଲ ଭାଙ୍ଗିଯିବା ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଜନସାଧାରଣଙ୍କ ସୁରକ୍ଷା ଏବଂ ଯାତାୟାତର ସୁବିଧାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ପୋଲର ଭାଙ୍ଗିଥିବା ଗାଡଓ୍ୱାଲର ମରାମତି କରିବା ସହ ରାସ୍ତାର ସୁରକ୍ଷା ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ବାତ୍ୟା ଓ ବନ୍ୟା କ୍ଷୟକ୍ଷତିର ବାସ୍ତବ ଚିତ୍ର ଦେଖିଲେ ନବୀନ ପଟ୍ଟନାୟକ



ହିଞ୍ଜିଳିକାଟୁ, :(ମହାଭରାତ): ବାତ୍ୟା ଓ ତାହା ପରବର୍ତ୍ତୀ ବନ୍ୟାର ତାଣ୍ଡବରେ ଛାରଖାର ହୋଇପଡ଼ିଥିବା ଗଞ୍ଜାମ ଜିଲ୍ଲାର ପ୍ରଭାବିତ ଅଞ୍ଚଳର ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ। ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଆସିକା ସୋରଡ଼ା,ଶେରଗଡ଼ ଓ ହିଞ୍ଜିଳିକାଟୁ ବ୍ଲକ୍?ର ବିଭିନ୍ନ ବାତ୍ୟା ଓ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ପରିବାରଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ତାଙ୍କର ଏହି ଗସ୍ତକୁ ନେଇ ଜିଲ୍ଲାର ରାଜନୈତିକ ମହଲଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି ।ବାତ୍ୟା ଅର୍ଣ୍ଣବର ପ୍ରଭାବ ପରେ ଲଗାତାର ବର୍ଷା ଓ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାର ଅନେକ ଅଞ୍ଚଳରେ ଜନଜୀବନ ବେଶ୍? ପ୍ରଭାବିତ ହୋଇଛି। ବିଶେଷ କରି ନଦୀ ଓ ଜଳାଶୟର ଜଳସ୍ତର ବୃଦ୍ଧି ପାଇବା ଫଳରେ ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରି ଚାଷଜମି, ଘରଦ୍ୱାର ଓ ବ୍ୟବସାୟିକ ପ୍ରତିଷ୍ଠାନକୁ କ୍ଷତିଗ୍ରସ୍ତ କରିଛି। ଅନେକ ଚାଷୀଙ୍କ ମାସ ମାସର ପରିଶ୍ରମରେ ହୋଇଥିବା ଧାନ ଫସଲ ପାଣିରେ ବୁଡ଼ି ନଷ୍ଟ ହୋଇଥିବା ବେଳେ କେତେକ ସ୍ଥାନରେ ଚାଷଜମିରେ ବାଲି ଓ ପଙ୍କ ଜମି ରହିଥିବା ଅଭିଯୋଗ ହୋଇଛି ।କେବଳ ଚାଷଜମି ନୁହେଁ, ବନ୍ୟାର ପ୍ରକୋପରେ ଅନେକ ପରିବାରଙ୍କ ଘରୋଇ ସାମଗ୍ରୀ, ଆସବାବପତ୍ର, ଦୋକାନରେ ରଖାଯାଇଥିବା ମାଲପତ୍ର ଓ ଜୀବିକାର ଅନ୍ୟାନ୍ୟ ସାଧନ ନଷ୍ଟ ହୋଇଛି। ବର୍ଷ ବର୍ଷ ଧରି ଝାଳବୁହା ପରିଶ୍ରମ କରି ସଞ୍ଚୟ କରିଥିବା ସମ୍ପତ୍ତି ଆଖି ଆଗରେ ବନ୍ୟାଜଳରେ ନଷ୍ଟ ହୋଇଯିବା ପରେ ଅନେକ ପରିବାର ଏବେ ଗଭୀର ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଛନ୍ତି। ଚାଷୀ, କ୍ଷୁଦ୍ର ବ୍ୟବସାୟୀ, ଦିନମଜୁରିଆ ଓ ନିମ୍ନ ଆୟକାରୀ ପରିବାରଙ୍କ ଜୀବନ ଜୀବିକା ଏହି ବିପର୍ଯ୍ୟୟ ଯୋଗୁଁ ଅଧିକ ପ୍ରଭାବିତ ହୋଇଛି।

ଏଭଳି ଦୁର୍ଦ୍ଦିନରେ ନବୀନ ପଟ୍ଟନାୟକ ପ୍ରଭାବିତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ଦୁଃଖ ଓ ସମସ୍ୟା ଶୁଣିଥିଲେ। ଲୋକମାନେ ତାଙ୍କ ସମ୍ମୁଖରେ ବନ୍ୟାରେ ହୋଇଥିବା କ୍ଷୟକ୍ଷତି, ନଷ୍ଟ ହୋଇଥିବା ଫସଲ, ଘରଦ୍ୱାର ଓ ଦୋକାନ ବଜାରର କ୍ଷତି ସମ୍ପର୍କରେ ଅବଗତ କରାଇଥିଲେ। ବିଶେଷ କରି ଚାଷୀମାନେ ନିଜର ଫସଲ ନଷ୍ଟ ହେବା ଯୋଗୁଁ ଆଗାମୀ ଦିନରେ ପରିବାର ପ୍ରତିପୋଷଣ କିପରି କରିବେ, ସେନେଇ ଚିନ୍ତା ପ୍ରକଟ କରିଥିବା ବେଳେ ଛୋଟ ବ୍ୟବସାୟୀମାନେ ନିଜର ବ୍ୟବସାୟ ପୁନର୍ବାର ଆରମ୍ଭ କରିବା ନେଇ ସମସ୍ୟାରେ ପଡ଼ିଥିବା ଜଣାଇଥିଲେ।

ଦେଶୀ ମଦ ବୋଝେଇ ପିକ୍ଅପ୍ ଗାଡ଼ିକୁ ଧରିଲା ପରଜଙ୍ଗ ପୋଲିସ

ପରଜଙ୍ଗ -(ମହାଭାରତ)ଫିଲ୍ମ ଷ୍ଟାଇଲରେ ପିଛା କରି ଦେଶୀ ମଦ ବୋଝେଇ ପିକ୍ଅପ୍ ଗାଡ଼ିକୁ ଧରିଲା ପରଜଙ୍ଗ ପୋଲିସ। ଦୀର୍ଘ ସମୟର ରୋମାଞ୍ଚକର ପିଛା କରିବା ପରେ ପୋଲିସ ହାତରେ ଲାଗିଲା ମଦ ବୋଝେଇ ପିକ୍ଅପ୍ ଗାଡ଼ି। ଗାଡ଼ି ଭିତରୁ ଜବତ ହୋଇଛି ପ୍ରାୟ ୧ ହଜାର ଲିଟର ଦେଶୀ ମଦ। ତେବେ ପୋଲିସକୁ ଦେଖି ଗାଡ଼ି ଛାଡ଼ି ଚମ୍ପଟ ମାରିଛନ୍ତି ମଦ ମାଫିଆ। ଏଭଳି ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ବସୋଇ ଗାଁ ନିକଟରେ ।ସୂଚନା ଅନୁଯାୟୀ, ରେଙ୍ଗାଳୀ ବାମପାର୍ଶ୍ୱ କେନାଲ ନିକଟରେ ଏକ ମଦ ବୋଝେଇ ପିକ୍ଅପ୍ ଗାଡ଼ିକୁ ଦେଖିଥିଲା ପରଜଙ୍ଗ ପୋଲିସ। ପୋଲିସକୁ ଦେଖି ଗାଡ଼ି ଚାଳକ ଓ ଅନ୍ୟ ମଦ ଚାଲାଣକାରୀ ଖସିଯିବାକୁ ଉଦ୍ୟମ



କରିଥିଲେ। ହେଲେ ପୋଲିସ ମଧ୍ୟ ସେମାନଙ୍କ ପିଛା ଛାଡ଼ି ନଥିଲା। ଦୀର୍ଘ ସମୟ ଧରି ପିଛା କରିବା ପରେ ଶେଷରେ ପିକ୍ଅପ୍ ଗାଡ଼ିଟିକୁ କାବୁ କରିବାରେ ସଫଳ ହୋଇଥିଲା ପୋଲିସ ।ଗାଡ଼ି ଯାଞ୍ଚ ସମୟରେ ସେଥିରୁ ପ୍ରାୟ ୧ ହଜାର ଲିଟର ଦେଶୀ ମଦ ଜବତ ହୋଇଥିଲା। ପୋଲିସ ମଦ ସହ ପିକ୍ଅପ୍ ଗାଡ଼ିକୁ ଜବତ କରିଥିବା ବେଳେ ଘଟଣାସ୍ଥଳରୁ ମଦ ଚାଲାଣକାରୀମାନେ ଫେରାର ହୋଇଯାଇଛନ୍ତି ।ତେବେ ଏତେ ପରିମାଣର ଦେଶୀ ମଦ କେଉଁଠାରୁ ଆସିଥିଲା ଏବଂ କେଉଁ ଅଞ୍ଚଳକୁ ଚାଲାଣ ହେଉଥିଲା, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ଏହି ଘଟଣା ପରେ ଆଖପାଖ ଅଞ୍ଚଳରେ ଚାଲିଥିବା ବେଆଇନ ଦେଶୀ ମଦ କାରବାରକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ଏହି ଚୋରା ମଦ କାରବାରରେ ସମ୍ପୃକ୍ତ ମାଫିଆଙ୍କୁ ଚିହ୍ନଟ କରାଯାଉଛି ଏବଂ ଖୁବ୍ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁ ସୂଚନା ଦେଇଛନ୍ତି।

ପିଠାଖାଇ ଘାଟିରେ ବୁଲେଟ୍ ଦୁର୍ଘଟଣାଗ୍ରସ୍ତ: ଅଳ୍ପକେ ବର୍ତ୍ତିଲେ ଚାଳକ

ଦଶପଲ୍ଲା,୭/୧୧ (ମହାଭାରତ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ଥାନା ଅନ୍ତର୍ଗତ ଟାକରା ନିକଟସ୍ଥ ପିଠାଖାଇ ଘାଟିରେ ପୁଣି ଏକ ସଡ଼କ ଦୁର୍ଘଟଣା ଘଟିଛି। ଘାଟିର ପ୍ରଥମ ବୁଲାଣିରେ ଏକ ବୁଲେଟ୍ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ, ଫୁଲବାଣୀ ଅଞ୍ଚଳର ଦଧିବାମନ ରଥ ନାମକ ଜଣେ ଯୁବକ ନିଜ ବୁଲେଟ୍ ବାଇକ୍ ଯୋଗେ ଦଶପଲ୍ଲାରୁ ଫୁଲବାଣୀ ଅଭିମୁଖେ ଫେରୁଥିଲେ। ସନ୍ଧ୍ୟା ପ୍ରାୟ ୭ଟା ସମୟରେ ପିଠାଖାଇ ଘାଟିର ପ୍ରଥମ ବୁଲାଣି ନିକଟରେ ବାଇକ୍?ଟି ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପାର୍ଶ୍ୱ ଖାଲ ଓ ଲଟି ଭିତରକୁ ପଶି ଯାଇଥିଲା। ପଥର ସହ ଧକ୍କା ହେବାରୁ ବାଇକ୍?ର ଆଗ ପାର୍ଶ୍ୱ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି। ଦୁର୍ଘଟଣାରେ ଶ୍ରୀ ରଥ ସାମାନ୍ୟ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଓ ଦଶପଲ୍ଲା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଘାଟି ରାସ୍ତାରେ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ଘଟୁଥିବାରୁ ଏହା ଏକ ବିପଜ୍ଜନକ 'ବ୍ଲାକ୍ ସ୍ପଟ୍' ପାଲଟିଛି। ତେଣୁ ରାଜପଥ କର୍ତ୍ତୃପକ୍ଷ ତଥା ସ୍ଥାନୀୟ ପ୍ରଶାସନ ତରଫରୁ ଏହି ଦୁର୍ଘଟଣା ପ୍ରବଣ ଅଞ୍ଚଳ ଓ ଘୁମାଣିଆ ବୁଲାଣିଗୁଡ଼ିକରେ ଉପଯୁକ୍ତ ସତର୍କତା ସଙ୍କେତ ଫଳକ, ସ୍ପିଡ୍ ବ୍ରେକର୍ ଏବଂ ରାତ୍ରିକାଳୀନ ରେଡିୟମ୍ ଷ୍ଟ୍ରିପ୍ ଲଗାଇବା ପାଇଁ ସ୍ଥାନୀୟ ବାସିନ୍ଦା ଓ ଯାତ୍ରୀମାନେ ଜୋରଦାର ଦାବି କରିଛନ୍ତି।

ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ, ସହଯାତ୍ରୀ ଗୁରୁତର

କଟକ (ମହାଭାରତ):ଟାଙ୍ଗୀ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲ୍ ଗେଟ୍ ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ପଛରେ ବସିଥିବା ସହଯାତ୍ରୀ ଗୁରୁତର ହୋଇଛନ୍ତି। ଉଭୟଙ୍କର ସଠିକ୍ ପରିଚୟ ମିଳିନଥିବାବେଳେ ଘଟଣାସ୍ଥଳରୁ ମିଳିଥିବା ଏକ ଡ୍ରାଇଭିଂ ଲାଇସେନ୍ସରୁ ଯାଜପୁର ଜିଲ୍ଲା ଦମକା-ଡୁବୁରୀ ଅଞ୍ଚଳର ସଞ୍ଜୀବ ମହାନ୍ତିଙ୍କ ନାମ ଜଣାପଡ଼ିଛି।ସୂଚନା ମୁତାବକ, ଶନିବାର ଅପରାହ୍ନରେ ଦୁଇଜଣ ଯୁବକ ଏକ ବାଇକ୍ (ନଂ ଓଡ଼ି-୦୪- ଯାଇ ୬୨୩୮) ରେ କଟକ ପଟୁ ଯାଜପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ନିର୍ଗୁଣ୍ଡି ରେଲୱେ କ୍ରସିଂ ନିକଟରେ ଏକ ଟ୍ରକ୍ (ନଂ ଓଡ଼ି-୦୭-ଇ ୫୭୦୫)ବାଙ୍କ ବୁଲାଉଥିବାବେଳେ ପଛରୁ ଆସୁଥିବା ବାଇକ୍‌ଟି ଭାରସାମ୍ୟ ହରାଇ ଟ୍ରକ୍‌ର ଡାହାଣ ପାର୍ଶ୍ୱରେ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ଉଭୟ ଯୁବକ ଟ୍ରକ୍‌ର ଡାଲାରେ ପିଟି ହୋଇ ରାସ୍ତାକୁ ଛିଟିକି ପଡ଼ିଥିଲେ। ଉଭୟ ହେଲମେଟ୍ ପିନ୍ଧିଥିଲେ ମଧ୍ୟ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଟାଙ୍ଗୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ସହାୟତାରେ ଗୁରୁତର ଯୁବକଙ୍କୁ କଟକ ମେଡିକାଲ ପଠାଇଥିଲା। ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛି। ପୁଲିସ ବାଇକ୍ ଓ ଟ୍ରକ୍‌କୁ ନିଜ ହେପାଜତକୁ ନେଇ ଘଟଣାର ତଦନ୍ତ ଜାରି ରଖିଛି।

ଜୁଆଙ୍ଗ ଗ୍ରାମ ସାଥିଙ୍କ ବିରୋଧରେ ବଢୁଛି ଜନ ଅସନ୍ତୋଷ



ନିଆଳୀ (ମହାଭାରତ) ଗାଁ ବିକାଶରେ ବାଧକ ସାଜିଛନ୍ତି ଗ୍ରାମ ସାଥି । ଗୋଟିଏ ପଟେ ଗ୍ରାମବାସୀ ଅନ୍ୟ ପଟେ ଗ୍ରାମସାଥି, କଟକ ଜିଲ୍ଲା ନିଆଳୀ ବ୍ଲକ ତିହୁଡି ପଞ୍ଚାୟତ ଅନ୍ତର୍ଗତ ଜୁଆଙ୍ଗ ଗ୍ରାମର ଗ୍ରାମ ସାଥିଙ୍କ ବିରୋଧରେ ବଢୁଛି ଜନ ଅସନ୍ତୋଷ । ଜୁଆଙ୍ଗ ଗାଁର ଗ୍ରାମସାଥି ଗଣେଶ୍ୱର ଲେଙ୍କା ପଞ୍ଚାୟତକୁ ଆସୁଥିବା ବିଭିନ୍ନ ଯୋଜନାରେ ଅନିୟମିତତା କରୁଥିବା ସହ ବିଭିନ୍ନ କାର୍ଯ୍ୟକୁ ନେଇ ଟଙ୍କା ଆଦାୟ କରୁଥିବା ବେଳେ ଏହାକୁ ଆଧାର କରି ତିହୁଡି ପଞ୍ଚାୟତ ଜୁଆଙ୍ଗ ଗାଁର ଯୁବ ସମାଜସେବୀ ରଞ୍ଜନ କୁମାର ଲେଙ୍କା, ସୁଧିର କୁମାର ଲେଙ୍କା, ବିଜ୍ଞାନ ପରିଡ଼ା, ରଞ୍ଜନ କୁମାର ପରିଡ଼ା, ଦେବେନ୍ଦ୍ର ଲେଙ୍କା, ରବିନ୍ଦ୍ର ଲେଙ୍କା, ଅନାମ ସାହୁ, ଲକ୍ଷ୍ମୀଧର ପରିଡ଼ା, ନୟନ ଲେଙ୍କା, ଜୟରାମ ଲେଙ୍କା, ଅଭୟ ମଲ୍ଲିକ, ଦିଗାମ୍ବର ମଲ୍ଲିକ, ଯୋଗେନ୍ଦ୍ର ମଲ୍ଲିକ, ତରଣୀସେନ ଲେଙ୍କା, ହେମନ୍ତ ଲେଙ୍କା, ଅକ୍ଷୟ ଲେଙ୍କା, ଦିବାକର ଲେଙ୍କା, ବିଶିକେସନ ବାରିକ, ରଘୁ ବିଶ୍ୱାଳ, ଫକିର ଭୋଇ, ଆର୍ତ୍ତ ମଲ୍ଲିକଙ୍କ ସମେତ ଜୁଆଙ୍ଗ ଗ୍ରାମର ଶତାଧିକ ଲୋକେ ଗତ ନଭେମ୍ବର ୬ ତାରିଖ ଶୁକ୍ରବାର ଦିନ ନିଆଳୀ ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଣିଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଏହାପରେ ଗ୍ରାମସାଥି ଗଣେଶ୍ୱର ଲେଙ୍କା ସାମାଜିକ ଗଣମାଧ୍ୟମର ସାହାର୍ଯ୍ୟ ନେଇ ତାଙ୍କ ବିରୋଧରେ ଅଭିଯୋଗ କରିଥିବା ସମାଜସେବୀ ରଞ୍ଜନ କୁମାର ଲେଙ୍କାଙ୍କ ବିରୋଧରେ ବିଭିନ୍ନ ପ୍ରକାର ଭିତ୍ତିହୀନ ମନ୍ତବ୍ୟ ଦେଇଥିଲେ । ଯାହାକୁ ଆଧାର କରି ଯୁବ ସମାଜସେବୀ ରଞ୍ଜନ କୁମାର ଲେଙ୍କା ଏକ ସାମ୍ବାଦିକ ସମ୍ମିଳନୀ କରି ଗ୍ରାମ ସାଥିଙ୍କ ଗୁମର ଖୋଲିଛନ୍ତି । ରଞ୍ଜନଙ୍କ କହିବା ମୁତାବକ ଏହି ଗ୍ରାମ ସାଥି ଜଣକ ଗ୍ରାମର ବିକାଶ ପାଇଁ ନୁହେଁ ବରଂ ନିଜର ବିକାଶ ଅଧିକ କରୁଛନ୍ତି ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଜନ ହିତକର ଯୋଜନାକୁ ଗ୍ରାମବାସୀଙ୍କୁ ନଜଣାଇ ମନମୁଖୀ କାର୍ଯ୍ୟ କରିଛନ୍ତି। ଆବାସ ଯୋଜନାରେ ହିତାଧିକାରୀଙ୍କ ଠାରୁ ପାଞ୍ଚ ହଜାର ମୋ ବଗିଚା ପାଇଁ ଏକ ହଜାର ନେଉଛନ୍ତି ଗ୍ରାମସାଥି ଗଣେଶ୍ୱର ଲେଙ୍କା । ସାଧାରଣ ଲୋକେ ତାଙ୍କୁ ବିରୋଧ କରିବାରୁ ସେ ମୋ ବିରୁଦ୍ଧରେ ବିଭିନ୍ନ ମିଥ୍ୟା ଆରୋପ ଆଣୁଛନ୍ତି। ମୁଁ କଣ ମୋ ଗାଁ ଜାଣିଛି ମୋର ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ମୁଁ ମୋ ଗାଁ ପାଇଁ ଲଢିବି କହିଛନ୍ତି ସମାଜସେବୀ ରଞ୍ଜନ କୁମାର ଲେଙ୍କା । ଅନ୍ୟପଟେ ନିଆଳୀ ବ୍ଲକରେ ଗ୍ରାମସାଥି ଗଣେଶ୍ୱର ଲେଙ୍କାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଏବେ ତଦନ୍ତାଧିନ ଅଛି ସେ କିପରି ଏବଂ କାହିଁକି ଅନ୍ୟକୁ ଆକ୍ଷେପ କରୁଛନ୍ତି ପ୍ରଶ୍ନ କରିଛନ୍ତି ଯୁବ ସମାଜସେବୀ ରଞ୍ଜନ କୁମାର ଲେଙ୍କା।

ପିଏମଶ୍ରୀ ବିଦ୍ୟାଳୟରେ ବାଲ୍ ବୈଜ୍ଞାନିକ ଓ ବିଜ୍ଞାନ ମେଳା କାର୍ଯ୍ୟକ୍ରମ

ରେଢ଼ାଖୋଲ (ମହାଭାରତ)ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳୀଗଡ଼ ପଞ୍ଚାୟତ ସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ଦିନ ଏକ ବର୍ଣ୍ଣାଢ଼୍ୟ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀ ମାନଙ୍କ ଭିତରେ ବୈଜ୍ଞାନିକ ମାନସିକତା, ଅନ୍ୱେଷଣ ପ୍ରବୃତ୍ତି ଏବଂ ସୃଜନଶୀଳତା ପ୍ରତିଭାକୁ ବିକଶିତ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ବିଦ୍ୟାଳୟର ଅଧକ୍ଷ ରାଜୀବ ଲୋଚନ ଚାନ୍ଦଙ୍କ ଅଧ୍ୟକ୍ଷତାରେ ସମ୍ମାନନୀୟ ଅତିଥି ଭାବରେ ଏସକେବିବି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନ, ଏବଂ ବିଜ୍ଞାନ ଶିକ୍ଷକ ସୁଧାକର ପ୍ରଧାନ, ଚାରମାଳ ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଜାତା ମଲ୍ଲିକ ତଥା ଏସଏମସିର ସଭାପତି ଜ୍ୟୋତିରଞ୍ଜନ ବାରିକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବିଜ୍ଞାନର ମହତ୍ତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବାଲ୍ ବୈଜ୍ଞାନିକ ମାନଙ୍କ ଦ୍ୱାରା ଏଥିରେ ୩୭ ଗୋଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ ପ୍ରକଳ୍ପ ଗୁଡ଼ିକୁ ଅତିଥି ମାନଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା। ଉକ୍ତ ସଭାରେ ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ବଣ୍ଟନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦୁଃଖିଶ୍ୟାମ ପ୍ରଧାନଙ୍କ ମାର୍ଗଦର୍ଶନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାକୁ ଡ଼ଃ. ଶ୍ରୀକାନ୍ତ ମହାନ୍ତି ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ଚତୁର୍ଭୁଜ ବେରିହା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

ଆନନ୍ଦ ବଜାରରେ ବିଜେପିର ବୁଦ୍ଧିଜୀବୀ ସମ୍ମିଳନୀ

ଗଣତନ୍ତ୍ର ପାଇଁ ସମ୍ବିଧାନ ବଞ୍ଚିଛି:ମନ୍ତ୍ରୀ ସୂର୍ଯ୍ୟବଂଶୀ

ଧାମନଗର,(ମହାଭାରତ) ଧାମନଗର ବିଜେପି ପକ୍ଷରୁ ଆନନ୍ଦ ବଜାରସ୍ଥିତ ଓଁ ଶାନ୍ତି କଲ୍ୟାଣ ମଣ୍ଡପରେ 'ଅରାଜକତା ହଠାଓ ଗଣତନ୍ତ୍ର ବଞ୍ଚାଓ'ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବବ୍ୟାପାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ମିଳନୀକୁ ସମ୍ବୋଧିତ କରି ସ୍ୱାଧୀନତା ପରବର୍ତ୍ତୀ ଭାରତର ଗଣତନ୍ତ୍ର ସମ୍ବିଧାନ ଏବଂ ରାଜନୈତିକ ଘଟଣା ଉପରେ ଆଲୋକପାତ କରିଥିଲେ।ମନ୍ତ୍ରୀ ଶ୍ରୀ ସୂରଜ କହିଲେ,ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ଆସିବ ଏବଂ ଯିବ।ଏହା ଏକ ସୁସ୍ଥ ସାମ୍ବିଧାନିକ ପ୍ରକ୍ରିୟା।ଆଜିର ସମୟରେ କିଛି ରାଜନୈତିକ ଦଳ କ୍ଷମତା ଲିପ୍ସୁ ମନୋଭାବ ଏବଂ ବିଦେଶୀ ଶକ୍ତିର ସହାୟତାରେ ଦେଶରେ ଅରାଜକତା ସୃଷ୍ଟି ଭଳି ହୀନ ଉଦ୍ୟମ କରୁଛନ୍ତି।ଯାହା ଗ୍ରହଣୀୟ ନୁହେଁ।ସେମାନେ ଭୁଲି ଯିବା ଉଚିତ ନୁହେଁ କି ଭିଡ଼ତନ୍ତ୍ରରେ ସରକାର ବଦଳି ଯିବ ନାହିଁ।ସାମ୍ବିଧାନିକ ବ୍ୟବସ୍ଥା ଓ ବିଶ୍ୱାସ ହିଁ ସରକାର ଗଠନ କରାଏ।ଦେଶକୁ ଲମ୍ବା ସମୟ ଶାସନ କରିଥିବା କଂଗ୍ରେସ କ୍ଷମତା ପାଇଁ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲା।ଏହି ସମୟର କଳା ଇତିହାସକୁ ଲୋକମାନେ ମନେ ରଖିଛନ୍ତି।ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦଳି ମକଚି ଦେବାକୁ ଯେଉଁ କଂଗ୍ରେସ ଉଦ୍ୟମ କରିଥିଲା ଆଜି ସେହି ଦଳ ଗଣତନ୍ତ୍ର ସମ୍ବିଧାନକୁ ନେଇ ନାଟକବାଜି କରିବା ହାସ୍ୟାସ୍ପଦ।ଭୋଟ ଚୋରି ପ୍ରସଙ୍ଗରେ ମତ ରଖି ସେ କହିଲେ



ଯେ ଯେଉଁଠି ବିଜେପି ଜିତୁଛି ସେଠି ଭୋଟ ଚୋରି ହେଉଛି କିନ୍ତୁ କଂଗ୍ରେସ ଜିତିଲେ ଚୋରି ହେଉନାହିଁ।ସମାନ ଇଭିଏମ୍ ରେ ଏହା କିପରି ସମ୍ଭବ ପ୍ରଶ୍ନ କରି ଏସଆଇଆର କିଏ ଆରମ୍ଭ କରିଥିଲା ଏବଂ ପଶ୍ଚିମବଙ୍ଗରେ ଏହି ପ୍ରକ୍ରିୟାରେ ବାଦ ପଡିଥିବା ଭୋଟରଙ୍କ ମଧ୍ୟରୁ ୬୩ ପ୍ରତିଶତ ହିନ୍ଦୁ ବୋଲି ମତଦେଇ ସେ ବିରୋଧୀଙ୍କ ଅଭିଯୋଗ ଆଧାର ହୀନ କହିଥିଲେ।ଗତ ୧୩ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବିକାଶର ଶୀର୍ଷକୁ ଉଠୁଥିବା ବେଳେ ଆମ ଦେଶ ଏବେ ଆର୍ଥିକ ସାମାଜିକ ପ୍ରତିରକ୍ଷା ସୂଚନା ପ୍ରଯୁକ୍ତି ବିଦ୍ୟା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ବିଶ୍ୱର ଚତୁର୍ଥ ବୃହତ୍ତ ଅର୍ଥନୀତି ହେବା ଏକ ବଡ଼ ଉପଲବ୍ଧି ବୋଲି ମତଦେଇ ବୁଦ୍ଧିଜୀବୀ ସମାଜ କାଲିର ଓ ଆଜିର ଭାରତକୁ ସମୀକ୍ଷା କରିବାକୁ ଅନୁରୋଧ କରିଥିଲେ।ଭଦ୍ରକ ଜିଲ୍ଲା ବିଜେପି ମିଡ଼ିଆ ସେଲ ଅଧକ୍ଷ ବୈକୁଣ୍ଠ ନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଧାମନଗର ପଞ୍ଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ନାରାୟଣ ସାହୁ,ବରିଷ୍ଠ ନେତା ଅଶୋକ ପ୍ରଧାନ,କୈଳାସ ମହାପାତ୍ର,ରଘୁନାଥ ଲେଙ୍କା,ଜିଲ୍ଲା ଉପସଭାପତି ଚତୃଭୂଜ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।ପ୍ରାରମ୍ଭରେ ଅଧ୍ୟାପକ ମିଳନ ପଣ୍ଡା ବେଦ ପାଠ କରିଥିଲେ ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ଅରବିନ୍ଦ ପତି ଧନ୍ୟବାଦ ଦେଇଥିଲେ।ଏଥିରେ ୪ ଶହରୁ ଅଧିକ ବରିଷ୍ଠ ନାଗରିକ ଶିକ୍ଷାବିତ କବି କଳାକାର ସାହିତ୍ୟିକ ଯୋଗ ଦେଇଥିଲେ।

ବେଆଇନ ବାଣ କାରବାର ବିରୋଧରେ ଗଜପତି ପୋଲିସର ଚଢ଼ଉ, ଦୁଇଟି ଥାନାରେ ମାମଲା ରୁଜୁ

ଗଜପତି(ମହାଭାରତ): ଗଜପତି ଜିଲ୍ଲାରେ ସାଧାରଣ ଜନତାଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ଦୃଷ୍ଟିରେ ରଖି ବେଆଇନ ବାଣ ଗଚ୍ଛିତ ରଖିବା ଓ ବିକ୍ରି କରିବା ବିରୋଧରେ ଜିଲ୍ଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଚଢ଼ଉ ଓ ଯାଞ୍ଚ ଅଭିଯାନ ଜାରି ରହିଛି। ଏହି କ୍ରମରେ କାଶୀନଗର ଓ ରାୟଗଡ଼ା ଥାନା ଅଞ୍ଚଳରେ ବେଆଇନ ଭାବେ ବାଣ ଗଚ୍ଛିତ ରଖାଯାଇଥିବା ସୂଚନା ପାଇ ପୋଲିସ ପକ୍ଷରୁ ଚଢ଼ଉ କରାଯାଇଛି। କାଶୀନଗର ଥାନାରେ କେସ୍ ନଂ ୨୦୧/୨୦୨୬, ଧାରା ୨୮୮ ଇଘଝ ସହିତ ୯(ଇ) ବିସ୍ଫୋରକ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ବେଆଇନ ବାଣ ଗଚ୍ଛିତ ରଖିଥିବା ଜଣେ



ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଛି। ସେହିପରି ରାୟଗଡ଼ା ଥାନାରେ କେସ୍ ନଂ ୧୨୦/୨୦୨୬, ଧାରା ୨୮୮ ଇଘଝ ସହିତ ୯(ଇ) ବିସ୍ଫୋରକ ଆଇନ ଅନୁଯାୟୀ ଅନ୍ୟ ଏକ ମାମଲା ରୁଜୁ କରାଯାଇ ପ୍ରାୟ ୧୦,୦୦୦ ଟଙ୍କା ମୂଲ୍ୟର ବେଆଇନ ବାଣ ଜବତ କରାଯାଇଛି। ଏହି ମାମଲାରେ ସମ୍ପୃକ୍ତ ଜଣେ ମହିଳା ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ ନୋଟିସ୍ ଜାରି କରାଯାଇଛି। ଉଭୟ ମାମଲାରେ ପୋଲିସ ତଦନ୍ତ ଜାରି ରଖିଛି। ବିନା ବୈଧ ଲାଇସେନ୍ସ ଓ ଅନୁମତିରେ ବାଣ ଗଚ୍ଛିତ ରଖିବା, ପରିବହନ କରିବା ଓ ବିକ୍ରି କରିବା ଆଇନତଃ ଦଣ୍ଡନୀୟ ଅପରାଧ। ତେଣୁ ଜିଲ୍ଲା ପୋଲିସ ପକ୍ଷରୁ ସମସ୍ତ ବାଣ ବ୍ୟବସାୟୀଙ୍କୁ ସରକାରୀ ନିୟମ ଓ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ପାଳନ କରିବାକୁ ଅନୁରୋଧ କରାଯାଉଛି। ଜନସାଧାରଣଙ୍କ ସୁରକ୍ଷା ପାଇଁ ଏଭଳି ବେଆଇନ ବାଣ କାରବାର ବିରୋଧରେ ଗଜପତି ପୋଲିସର ଚଢ଼ଉ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ବୋଲି ଥାନା ପକ୍ଷ ରୁ ଗଣ ମାଧ ମ କୁ ସୂଚନ।ପ୍ରଦାନ କରାଯାଇଛି।

ଚମକପୁର ଛକରେ ବାଇକ୍ ?-ସ୍କୁଟି ମୁହାଁମୁହିଁ ଧକ୍କା, ୪ ଗୁରୁତର

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଚମକପୁର ଛକ ନିକଟରେ ଶନିବାର ସନ୍ଧ୍ୟାରେ ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାଟି ରାତି ପ୍ରାୟ ୭ଟା ୩୦ ମିନିଟ୍ ସମୟରେ ଘଟିଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଉଭୟ ଗାଡ଼ିରେ ଥିବା ଯାତ୍ରୀମାନେ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ସୂଚନା ଅନୁଯାୟୀ, କରଞ୍ଜିଆ ଥାନା ଅନ୍ତର୍ଗତ ପାଟବିଲ ଗ୍ରାମର ଦୁଇ ସାଙ୍ଗ ମଙ୍ଗୁଲୁ ଖଣ୍ଡେଇ (୩୦) ଓ ବାପୁନି ହୋ (୧୮) ଏକ ସ୍କୁଟି ଯୋଗେ ଠାକୁରମୁଣ୍ଡାରୁ ନିଜ ଗ୍ରାମକୁ ଫେରୁଥିଲେ। ଅନ୍ୟପଟେ ଶରତ ଥାନା ଅନ୍ତର୍ଗତ ଲବନ୍ଦେଇପୁର ଗ୍ରାମର ଜୟନ୍ତୀ ସିଂ (୨୮), ଦେବରଞ୍ଜନ କୁମାର ସିଂ (୩୮) ଓ ତାଙ୍କର ଦୁଇ ପୁଅ ଏକ ବାଇକ୍ ? ଯୋଗେ ଘରକୁ ଫେରୁଥିଲେ। ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଚମକପୁର ଛକ ନିକଟରେ ଥିବା ଏକ ବାଙ୍କରେ ଉଭୟ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କାର ତୀବ୍ରତା ଯୋଗୁଁ ଉଭୟ ଗାଡ଼ିରେ ଥିବା ଯାତ୍ରୀମାନେ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଆହତମାନଙ୍କୁ ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ।ପରେ ସମସ୍ତ ଆହତଙ୍କୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତମାନଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଘଷିପୁରା ଓ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ସୂଚନା ମିଳିଛି।

ସରକାରୀ ପିଏମ୍ ଶ୍ରୀ ସ୍କୁଲ ସୋଲବନ୍ଧରେ ବିଜ୍ଞାନ ମେଳା ଅନୁଷ୍ଠିତ

ପାଟଣାଗଡ (ମହାଭାରତ) ୩୫ ଜଣ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ, ୧୦ ଜଣ କୃତୀ ପ୍ରତିଯୋଗୀ ପୁରସ୍କୃତ ଓ ବ୍ଲକସ୍ତରୀୟ ମେଳା ପାଇଁ ମନୋନୀତ। ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ଶିଶୁମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା, ନୂତନ ଚିନ୍ତାଧାରା ଓ ଆବିଷ୍କାରର ମନୋଭାବକୁ ବିକଶିତ କରିବାରେ ବିଜ୍ଞାନ ମେଳାର ଗୁରୁତ୍ୱ ଅନେକ। ବିଜ୍ଞାନ ହିଁ ମଣିଷକୁ ଅଜ୍ଞାନତା ଓ ଅନ୍ଧବିଶ୍ୱାସରୁ ଦୂରେଇ ନୂତନ ଜ୍ଞାନ, ଯୁକ୍ତି ଓ ଆଧୁନିକ ଚିନ୍ତାଧାରା ଆଡ଼କୁ ଆଗେଇ ନେଇଥାଏ।ଦିନ ଥିଲା ମଣିଷ ଅନେକ କ୍ଷେତ୍ରରେ ଅଜ୍ଞାନତା ଓ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ରହୁଥିଲା। କିନ୍ତୁ ସମୟର ପରିବର୍ତ୍ତନ ସହିତ ଶିକ୍ଷା ଓ ବିଜ୍ଞାନର ଅଗ୍ରଗତି ମଣିଷ ଜୀବନକୁ ନୂଆ ଦିଗ ଦେଇଛି। ଆଜି ମଣିଷ ପୃଥିବୀରୁ ମହାକାଶ ଏବଂ ଚନ୍ଦ୍ର ପର୍ଯ୍ୟନ୍ତ ପହଞ୍ଚିବାରେ ସକ୍ଷମ



ହୋଇଛି। ଚିକିତ୍ସା, କୃଷି, ଯୋଗାଯୋଗ, ଶିକ୍ଷା ଓ ଦୈନନ୍ଦିନ ଜୀବନର ପ୍ରାୟ ସବୁ କ୍ଷେତ୍ରରେ ବିଜ୍ଞାନର ଅବଦାନ ଅତୁଳନୀୟ ।

ମା' ପେଣ୍ଡରାଣୀ ମନ୍ଦିରରୁ ଚୋରି ଘଟଣାର ପର୍ଦ୍ଦାଫାସ, ୩ ଅଭିଯୁକ୍ତ ଗିରଫ



ଉମରକୋଟ (ମହାଭାରତ) ଉମରକୋଟ ସହରର ଆରାଧ୍ୟ ଦେବୀ ମା' ପେଣ୍ଡରାଣୀ ମନ୍ଦିରରୁ ଦାନବାକ୍ସ ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ଉମରକୋଟ ପୋଲିସ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ତିନି ଜଣଙ୍କୁ ଗିରଫ କରିଛି ପୋଲିସ।ପୋଲିସର ସୂଚନା ଅନୁଯାୟୀ, ଗତ ୨୬ ଓ ୨୭ ଅକ୍ଟୋବର ମଧ୍ୟବର୍ତ୍ତୀ ରାତିରେ ତିନି ଜଣ ଅଭିଯୁକ୍ତ ମନ୍ଦିରର ପାଚେରୀ ଡେଇଁ ଭିତରକୁ ପ୍ରବେଶ କରିଥିଲେ। ପରେ ଲୁହା ରଡ୍ ସାହାଯ୍ୟରେ ମୁଖ୍ୟ ଫାଟକର ତାଲା ଭାଙ୍ଗି ମନ୍ଦିର ଭିତରେ ଥିବା ଦାନବାକ୍ସର ତାଲା ଭାଙ୍ଗି ସେଥିରେ ଥିବା ଟଙ୍କା ଓ ମୁଦ୍ରା ଚୋରି କରିଥିଲେ। ପ୍ରାୟ ୧୫ ହଜାର ଟଙ୍କା ଚୋରି ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି।ଏହି ଘଟଣାରେ ଉମରକୋଟ ପୋଲିସ ତଦନ୍ତ କରି ପିଣ୍ଟୁ ନାୟକ (୧୯), ଗଣେଶ ହରିଜନ ଓରଫ ବଣ୍ଟି (୨୨) ଏବଂ ସନ୍ତୋଷ କୁମାର ନାୟକ (୩୪)ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୩ ହଜାର ୪୮୦ ଟଙ୍କାର ମୁଦ୍ରା, ଏକ ଭଙ୍ଗା ତାଲା ଓ ଗୋଟିଏ ଲୁହା ରଡ୍ ଜବତ କରାଯାଇଛି। ଗିରଫ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଉମରକୋଟ ପୋଲିସ ପକ୍ଷରୁ ସୂଚନା ମିଳିଛି।

ରକ୍ତଦାନ ଶିବିର;୫୧ ୟୁନିଟ୍ ରକ୍ତ ସଂଗ୍ରହ

ଦାନଗଦୀ (ମହାଭାରତ) ଟାଟା ପାୱାର ଉତ୍ତର ଓଡିଶା ବିତରଣ ସଂସ୍ଥା ପକ୍ଷରୁ ଏକ ରକ୍ତଦାନ ଶିବିର ଡୁବୁରୀ ସବ୍-ଡିଭିଜନ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଯାଜପୁର ଅଧକ୍ଷଣ ଯନ୍ତ୍ରୀ ଇଂ, ଅନନ୍ତ ନାରାୟଣ ସେନାପତି ଉଦ୍ ?ଘାଟନ କରିଥିଲେ। ଏଥିରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଯାଜପୁର ରୋଡ ରେଡକ୍ରସ କର୍ମଚାରୀ ଡିଏମ୍‌ଏଲ୍‌ଟି ସମ୍ବିତ୍ କୁମାର ମଲ୍ଲିକ, ରୁଚିସ୍ମିତା ସ୍ୱାଇଁ , ସନ୍ଧ୍ୟାରାଣି ଭୁତିଆ,ନିରଂଜନ ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସବ୍-ଡିଭିଜନ ଅଧିକାରୀ ଧନେଶ୍ୱର ବେହେରା, ଏଇ ଇଲେକ୍ଟ୍ରିକାଲ ଡୁବୁରୀ-ଗୋବିନ୍ଦ ଚନ୍ଦ୍ର ଦାସ, ଜେଇ ଇଲେକ୍ଟ୍ରିକାଲ ସୁକିନ୍ଦା ଚିତ୍ତରଂଜନ ପ୍ରଧାନ, ଜେଏମ୍ ଫାଇନାନସ୍ ସତ୍ୟନାରାୟଣ ନାୟକ, ଓଏଜି-୧ ସୁଜିତ କୁମାର ମିଶ୍ର,ସତ୍ୟଜିତ ପଣ୍ଡା,ଏସ୍ ?ଓ ଡୁବୁରୀ ଆଶିଷ କୁମାର ସାଠୁଆ, ଏସ୍ ?ସିଓ ସୁକିନ୍ଦା ରିତେଶ ରଂଜନ ନାୟକ ପ୍ରମୁଖଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

ରାଇଘରରେ ବେଆଇନ ଗଞ୍ଜେଇ ଚାଷ ଠାବ

୪୬୭ଟି ଗଞ୍ଜେଇ ଗଛ ଜବତ; ଜଣେ ଅଭିଯୁକ୍ତ ଅଟକ



ରାଇଘର (ମହାଭାରତ): ନବରଙ୍ଗପୁର ଜିଲ୍ଲାର ରାଇଘର ଥାନା ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷ ହେଉଥିବା ଘଟଣା ସାମ୍ନାକୁ ଆସିଛି। ରାଇଘର ଥାନା ଅଧୀନ ବିନୟପୁର ଗ୍ରାମରେ ପୋଲିସ ଚଢ଼ାଉ କରି ୪୬୭ଟି ଗଞ୍ଜେଇ ଗଛ ଜବତ କରିଥିବା ବେଳେ ଏହି ଘଟଣାରେ ଜଣେ ୩୫ ବର୍ଷୀୟ ବ୍ୟକ୍ତିଙ୍କୁ ଅଟକ ରଖିଛି।ପୋଲିସର ସ୍ୱେଶାଲ ରିପୋର୍ଟ ଅନୁଯାୟୀ, ବିନାୟପୁର ଗ୍ରାମରେ ବ୍ୟାପକ ପରିମାଣରେ ବେଆଇନ ଭାବେ ଗଞ୍ଜେଇ ଗଛ ଚାଷ କରାଯାଉଥିବା ନେଇ ଗତ ୬ ତାରିଖରେ ରାଇଘର ପୋଲିସକୁ ଏକ ବିଶ୍ୱସନୀୟ ସୂଚନା ମିଳିଥିଲା। ସୂଚନା ପାଇବା ପରେ ପୋଲିସ ଏହାକୁ ଷ୍ଟେସନ ଜେନେରାଲ ଡାଏରୀରେ ଲିପିବଦ୍ଧ କରିବା ସହ ଘଉଚଝ ଆଇନ ଅନୁଯାୟୀ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଆରମ୍ଭ କରିଥିଲା।ଏହି ଘଟଣାରେ ବିନୟପୁର ଗ୍ରାମର ତିଳଚନ୍ଦ ମାଝୀ (୩୫)ଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ରିପୋର୍ଟରେ ତାଙ୍କୁ ପୋଲିସ ଅଟକ ରଖିଥିବା ଉଲ୍ଲେଖ ରହିଛି। ଘଟଣାର ତଦନ୍ତ ଦାୟିତ୍ୱ ଏସ୍ ?ଆଇ ମେନକା ସାଙ୍କୁ ଦିଆଯାଇଛି।ତେବେ ରାଇଘର ଭଳି ଅଞ୍ଚଳରେ ବେଆଇନ ନିଶାଦ୍ରବ୍ୟ ଚାଷ ଓ କାରବାରକୁ ରୋକିବା ପାଇଁ ପୋଲିସର ଏଭଳି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି। ଏହି ଘଟଣାର ପଛରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ତଦନ୍ତରୁ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।ତେବେ ରାଇଘର ଅଞ୍ଚଳରେ ନିଶାଦ୍ରବ୍ୟର ବେଆଇନ ଚାଷ ଓ କାରବାର ଉପରେ ରୋକ୍ ଲଗାଇବା ପାଇଁ ପୋଲିସ ଆଗକୁ କିଭଳି ପଦକ୍ଷେପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

ବଡପାଟଣା ଅଙ୍ଗନୱାଡ଼ି କେନ୍ଦ୍ର ରେ ଜାତୀୟ କୃଷ୍ଠ ନିରାକରଣ କାର୍ଯ୍ୟକ୍ରମ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ବଡପାଟଣା ଅଙ୍ଗନୱାଡ଼ି କେନ୍ଦ୍ର ରେ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି। କାର୍ଯ୍ୟକ୍ରମ ଅଙ୍ଗନୱାଡ଼ି କର୍ମୀ ଚମ୍ପାବତୀ ବାଘୁଆ ଙ୍କ ଅଧକତା ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଏହି ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ପ୍ରଦୀପ କୁମାର ଦାସ, ମହିଳା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ସରସ୍ୱତୀ ମହାନ୍ତ ଯୋଗଦାନ କରି କୁଷ୍ଠ ରୋଗ ବ୍ୟାପିବା,ଚିକିତ୍ସା ସହିତ ନିରାକରଣ ଉପରେ ଗ୍ରାମବାସୀ ଙ୍କୁ ସଚେତନ କରିବା ସହ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ବଡପାଟଣା ଗ୍ରାମବାସୀ ଉପସ୍ଥିତ ଥିବା ବେଳେ ଅଙ୍ଗନୱାଡ଼ି ପାଚିକା ସାରଥୀ ନାଏକ ସହଯୋଗ କରିଛନ୍ତି ।

ଓବିସି ସ୍ୱଚ୍ଛଳ ବର୍ଗକୁ ନେଇ କେନ୍ଦ୍ର ଆବେଦନ ଖାରଜ

ପିତା ମାତାଙ୍କ ଆୟରୁ ଧାର୍ଯ୍ୟ ହେବନି ସଂରକ୍ଷଣ



ନୂଆଦିଲ୍ଲୀ,୭।୧୧: କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପରୀକ୍ଷାରେ ଓବିସି କ୍ରିମି ଲେୟର ସଂରକ୍ଷଣ ଉପରେ କେନ୍ଦ୍ର ସରକାର ସଂଶୋଧନ ପିଟିସନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି । ପିତାମାତାଙ୍କ ଦରମା ଓବିସି ସଂରକ୍ଷଣ ଅନୁସାରେ 'କ୍ରିମି ଲେୟର' ସ୍ଥିର କରିବାର ଆଧାର ହୋଇପାରିବନି ବୋଲି ସୁପ୍ରିମକୋର୍ଟ କହିଛନ୍ତି । କୌଣସି ପ୍ରାର୍ଥୀଙ୍କୁ ସଂରକ୍ଷଣ ପରିସରରୁ ବାହାର କରିବା ପାଇଁ କେବଳ ଦରମାକୁ ଆଧାର ଭାବେ ବିବେଚନା କରାଯିବା ଉଚିତ ନୁହେଁ । ଏଥିପାଇଁ ପିତାମାତାଙ୍କ ସାମାଜିକ ସ୍ଥିତି ଏବଂ ସେମାନଙ୍କ ପଦର ପ୍ରକୃତିକୁ ଧାନରେ ରଖାଯିବା ଜରୁରି ।

କେନ୍ଦ୍ର ସରକାର ପିଏସୟୁ ଏବଂ ଘରୋଇ କ୍ଷେତ୍ରରେ ଚାକିରିର ପଦବୀକୁ ସରକାରୀ ପଦବୀ ସହ ସମାନତା ସ୍ଥିର କରିବା ଏବଂ ନୂଆ ବ୍ୟବସ୍ଥା ବନାଇବା ଲାଗି ଦୁଇ ବର୍ଷର ସମୟ ମାଗିଥିଲେ । ସୁପ୍ରିମକୋର୍ଟ ଏହି ଦାବିକୁ ସ୍ୱୀକାର କରିନାହାନ୍ତି । ଅଦାଲତ ଏହି ନିଷ୍ପତ୍ତିକୁ ପାଳନ କରିବା ଲାଗି ୮ ସପ୍ତାହର ଅତିରିକ୍ତ ସମୟ ଦେଇଛନ୍ତି । ଯେଉଁ ପରୀକ୍ଷାର୍ଥୀଙ୍କ ବାପାମାଆ ପବ୍ଲିକ ସେକ୍ଟର୍ସ (ପିଏସୟୁ), ବ୍ୟାଙ୍କ ଭଳି ସଂସ୍ଥାରେ କାର୍ଯ୍ୟରତ ସେମାନଙ୍କ ସହ ଏହି ମାମଲା ଜଡ଼ିତ । ସେହି ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେତେଜଣ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ (ସିଏଟି)ରେ ପିଟିସନ ଦାଏର କରିଥିଲେ । ସେମାନେ ସିଭିଲ ସର୍ଭିସର ପରୀକ୍ଷାରେ ଓବିସି (ନନ୍ କ୍ରିମି ଲେୟର)ର ଲାଭ ଚାହୁଁଥିଲେ । ସେମାନଙ୍କୁ ଓବିସି ସଂରକ୍ଷଣ ଆଧାରରେ ଚାକିରି ଦିଆଯାଉ ବୋଲି ଟ୍ରିବ୍ୟୁନାଲ ସରକାରଙ୍କୁ ଆଦେଶ ଦେଇଥିଲେ । କେନ୍ଦ୍ର ସରକାର ୧୯୯୩ର ଅଫିସ୍ ମେମୋରାଣ୍ଡମ୍ (ଓଏମ୍) ଜାରି କରିଥିଲେ, ଯେଉଁଥିରେ ଦର୍ଶାଯାଇଥିଲା ଓବିସିରେ କେଉଁମାନେ କ୍ରିମି ଲେୟରରେ ରହିବେ । ଏଥିରେ କୁହାଯାଇଥିଲା ଯେ, ଦରମା ଏବଂ କୃଷି ଆୟକୁ ଆୟ ସୀମା ଧାର୍ଯ୍ୟ କରାଯିବାରେ ସାମିଲ କରାଯିବ ନାହିଁ । କିନ୍ତୁ ୨୦୦୪ ଅକ୍ଟୋବର ୧୪ର ସ୍ପଷ୍ଟୀକରଣରେ ପିଏସୟୁ ଏବଂ ଘରୋଇ କ୍ଷେତ୍ରର କର୍ମଚାରୀଙ୍କ ଦରମାକୁ ସାମିଲ କରାଯିବାକୁ କୁହାଯାଇଥିଲା । ସରକାର ଏହି ସ୍ପଷ୍ଟୀକରଣ ଆଧାରରେ ପ୍ରାର୍ଥୀଙ୍କ ମାତାପିତାଙ୍କ ଦରମାକୁ ଏଥିରେ ଯୋଡ଼ି ଦେଇଥିଲେ । ଫଳରେ ସେହି ପରୀକ୍ଷାର୍ଥୀଙ୍କୁ ସଂରକ୍ଷଣର ଲାଭ ମିଳିନ ଥିଲା । ସୁପ୍ରିମକୋର୍ଟ କହିଥିଲେ, ସରକାରୀ କର୍ମଚାରୀ ଏବଂ ପିଏସୟୁ କର୍ମଚାରୀଙ୍କ ମଧ୍ୟରେ ଭେଦଭାବ ଅନୁଚିତ ।

ଗୃହମନ୍ତ୍ରୀ ଅମିତ ଶାହାଙ୍କ ବଡ଼ ଘୋଷଣା

୩ ବର୍ଷ ଭିତରେ ମିଳିବ ନ୍ୟାୟ



ନୂଆଦିଲ୍ଲୀ,୭।୧୧: ନ୍ୟାୟ ପାଇଁ ବର୍ଷ ବର୍ଷ ଧରି କୋର୍ଟର ଚକ୍କର କାଟିବାରୁ ମୁକ୍ତି ଦେବାକୁ କେନ୍ଦ୍ର ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି । ମେ' ୨୦୨୭ ପରେ ରୁଜୁ ହେବାକୁ ଥିବା ସମସ୍ତ ଅପରାଧିକ ମାମଲାରେ ମାତ୍ର ୩ ବର୍ଷ ଭିତରେ ଦୋଷୀଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା ବିକଶିତ କରାଯିବ ବୋଲି କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହା ସ୍ପଷ୍ଟ କରିଛନ୍ତି । ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ପୁଲିସର ତଦନ୍ତଠାରୁ ଆରମ୍ଭ କରି ନ୍ୟାୟିକ ପ୍ରକ୍ରିୟା ପର୍ଯ୍ୟନ୍ତ ସମସ୍ତ ବିଭାଗକୁ ଡିଜିଟାଲ୍ ମାଧ୍ୟମରେ ପରସ୍ପର ସହ ଯୋଡ଼ାଯାଉଛି, ଯାହାଦ୍ୱାରା ଅପରାଧ ତଦନ୍ତ ଏବଂ ନ୍ୟାୟିକ କାର୍ଯ୍ୟାନୁଷ୍ଠାନରେ କୌଣସି ଅନାବଶ୍ୟକ ବିଳମ୍ବ ହେବ ନାହିଁ । ଶୁକ୍ରବାର ରିଜର୍ଭ ପୁଲିସ ଲାଇନ୍, ଡେରାଡୁନଠାରେ ଉତ୍ତରାଖଣ୍ଡ ପୁଲିସର 'ରାଷ୍ଟ୍ରପତି ପୁଲିସ ନିଶାନ ଅଳଙ୍କରଣ ସମାରୋହ' ରେ ଯୋଗଦେଇ ଗୃହମନ୍ତ୍ରୀ ଅମିତ ଶାହା ଏହି ଘୋଷଣା କରିଛନ୍ତି । ଏହି ଅବସରରେ ଗୃହମନ୍ତ୍ରୀ କହିଛନ୍ତି ଯେ, ଦେଶରେ ଲାଗୁ ହୋଇଥିବା ତିନୋଟି ନୂଆ ଅପରାଧିକ ଆଇନର ମୂଳ ଉଦ୍ଦେଶ୍ୟ କେବଳ ଆଇନ ବଦଳାଇବା ନୁହେଁ, ବରଂ ଦେଶର ଅପରାଧିକ ନ୍ୟାୟ ପ୍ରଣାଳୀକୁ ଅଧିକ ଆଧୁନିକ, ସ୍ୱଚ୍ଛ ଏବଂ ସମୟବଦ୍ଧ କରିବା । ଟେକ୍ନୋଲୋଜି ଏବଂ ଫୋରେନ୍ସିକ୍ ବିଜ୍ଞାନର ବ୍ୟାପକ ବ୍ୟବହାର ଦ୍ୱାରା ତଦନ୍ତର ଗୁଣବତ୍ତା ବୃଦ୍ଧି ପାଇବ ଏବଂ ନ୍ୟାୟ ମିଳିବାରେ ହେଉଥିବା ବିଳମ୍ବ କମିବ । ପୁଲିସ ଏବଂ କୋର୍ଟ ମଧ୍ୟରେ ଡିଜିଟାଲ୍ ସମନ୍ୱୟ ଏହି ବଡ଼ ପରିବର୍ତ୍ତନର ସବୁଠାରୁ ପ୍ରମୁଖ କଡ଼ ହେବ । ଉତ୍ତରାଖଣ୍ଡ ପୁଲିସର ଅବଦାନକୁ ପ୍ରଶଂସା କରି ଶ୍ରୀ ଶାହା କହିଛନ୍ତି ଯେ, ପ୍ରାୟ ୧୩ ହଜାର ଯବାନଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ପୁଲିସ ବଳ ଆଜି ୨୬ ହଜାରରୁ ଅଧିକ ସଂଖ୍ୟାରେ ପହଞ୍ଚିଛି । ବିଷମ ଭୌଗଳିକ ପରିସ୍ଥିତି, ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରତିବର୍ଷ ବୃଦ୍ଧି ପାଉଥିବା ପର୍ଯ୍ୟଟକଙ୍କ ଚାପ ମଧ୍ୟରେ ଉତ୍ତରାଖଣ୍ଡ ପୁଲିସ ସାହସ, ସମ୍ବେଦନଶୀଳତା ଏବଂ ସମର୍ପଣ ଭାବେ ନିଜର ଦାୟିତ୍ୱ ତୁଲାଇ ଆସିଛି । ଏହି ଅବସରରେ ସେ କର୍ତ୍ତବ୍ୟ ସମ୍ପାଦନ କଲାବେଳେ ସର୍ବୋଚ୍ଚ ବଳିଦାନ ଦେଇଥିବା ୨୦୬ ଜଣ ବୀର ଜୱାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ମଧ୍ୟ ଅର୍ପଣ କରିଛନ୍ତି ।

କେନ୍ଦ୍ରୀୟ ଗୃହମନ୍ତ୍ରୀ ଆଗାମୀ ୩ ବର୍ଷ ଭିତରେ ଉତ୍ତରାଖଣ୍ଡକୁ ସମ୍ପୂର୍ଣ୍ଣ ନଶାମୁକ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସୀମାନ୍ତ ଅଞ୍ଚଳଗୁଡ଼ିକର ବିକାଶ ଏବଂ ସେଠାରୁ ଲୋକଙ୍କ ପଳାୟନ ରୋକିବା ପାଇଁ 'ଭାଇବ୍ରେଣ୍ଟ ଭିଲେଜ୍' କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି । ସୀମାବର୍ତ୍ତୀ ଗାଁଗୁଡ଼ିକରେ ମୌଳିକ ସୁବିଧା ଓ ବିକାଶକୁ ଗତି ଦେବା ସହିତ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସରକାରଙ୍କ ପ୍ରମୁଖ ପ୍ରାଥମିକତା ବୋଲି ସେ ମତ ଦେଇଛନ୍ତି ।

ଦାର୍ଜିଲିଂରୁ ସିକିମ୍, ଦୁଇ ଦିନିଆ ଗସ୍ତରେ ରାଜନାଥ



ନୂଆଦିଲ୍ଲୀ, ୭।୧୧: ଦେଶର ସୀମା ସୁରକ୍ଷା କରୁଥିବା ବୀର ଯବାନମାନଙ୍କ ସହିତ ଚଳିତ ବର୍ଷ ଦୀପାବଳି ପାଳନ କରୁଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ଦୀପାବଳିର ଉତ୍ସବମୁଖର ପରିବେଶ ମଧ୍ୟରେ ସେ ଦୁଇ ଦିନିଆ ଦାର୍ଜିଲିଂ, ସିଲିଗୁଡ଼ି ଏବଂ ସିକିମ ଗସ୍ତରେ ରହିଛନ୍ତି । ଏହି ଗସ୍ତ କାଳରେ ସେ ସେନା ଯବାନମାନଙ୍କ ସହିତ ଆଲୋଚନା କରିବା ସହ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଅମର ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ଜରିଆରେ ସେ ନିଜେ ଏହି ଗସ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦୀପାବଳିର ପୂର୍ବସନ୍ଧ୍ୟାରେ ଦାର୍ଜିଲିଂ ଏବଂ ସିଲିଗୁଡ଼ି ଅଞ୍ଚଳ ଗସ୍ତ କରିଥିଲେ । ସେ ପ୍ରଥମେ ବାଗଡୋଗ୍ରା ଏୟାରଫିଲ୍ଡ ଏବଂ ପରେ ସିଲିଗୁଡ଼ି ଭାରତୀୟ ସେନାର ଯବାନମାନଙ୍କୁ ଭେଟି ସେମାନଙ୍କ ସହ କଥା ହୋଇଥିଲେ । 'ଏକ୍ସ'ରେ ପୋଷ୍ଟ କରି ସେ ଲେଖିଥିଲେ, 'ଆଜି, ଦୀପାବଳିର ପୂର୍ବସନ୍ଧ୍ୟାରେ, ମୁଁ ଦାର୍ଜିଲିଂର ବାଗଡୋଗ୍ରା ଏୟାରଫିଲ୍ଡ ଏବଂ ସିଲିଗୁଡ଼ି ସ୍ଥିତ ଭାରତୀୟ ସେନାର ଜୱାନମାନଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିବି ।' ଦୀପାବଳି ଦିନ ଅର୍ଥାତ୍ ନଭେମ୍ବର ୮ ତାରିଖରେ ପ୍ରତିରକ୍ଷା ମନ୍ତ୍ରୀ ସିକିମର ଐତିହାସିକ 'ଶେରଥାଙ୍ଗ ଯୁଦ୍ଧ ସ୍ମାରକୀ' ପରିଦର୍ଶନ କରିଛନ୍ତି । ସେଠାରେ ସେ ଦେଶର ସେବାରେ ନିଜର ପ୍ରାଣବଳି ଦେଇଥିବା ମହାନ ବୀରମାନଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏହାପରେ ସେ ସେହି ଅଞ୍ଚଳରେ ମୁତୟନ ଥିବା ସୈନିକମାନଙ୍କୁ ଭେଟି ସେମାନଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଗତ କିଛି ବର୍ଷ ଧରି କ୍ରମାଗତ ଭାବେ ପ୍ରତିବର୍ଷ ଦୀପାବଳି ଯବାନମାନଙ୍କ ସହିତ ହିଁ ପାଳନ କରିଆସୁଛନ୍ତି । ସିଲିଗୁଡ଼ିଠାରୁ ଆରମ୍ଭ କରି ସୁକନା ଏବଂ ସିକିମର ଏହି ପୂରା ଭୂଭାଗ ଭାରତର ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଅଞ୍ଚଳକୁ ଭାରତର 'ଚିକେନ୍ ନେକ୍' ବା ସିଲିଗୁଡ଼ି କରିଡର କୁହାଯାଏ, ଯାହା ଭାରତର ମୁଖ୍ୟ ଭୂମିକୁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ସହିତ ସଂଯୋଗ କରେ । ଏହା ଭାରତ, ବାଂଲାଦେଶ, ନେପାଳ ଏବଂ ଭୁଟାନ ସୀମାକୁ ଲାଗି ରହିଛି ।

ଚୀନ୍ ସୀମା ନିକଟରେ ଭାରତ ରଚିଲା ଇତିହାସ

ସଫଳତାର ସହ ଅବତରଣ କଲା ଆଇଏଲ-୭୬ଏମ୍‌ଡି ବିମାନ



ନୂଆଦିଲ୍ଲୀ, ୭।୧୧: ଭାରତୀୟ ବାୟୁସେନାକୁ ଆଉ ଏକ ବଡ଼ ସଫଳତା । ଲଦାଖର ନ୍ୟୋମା ଏୟାରଫିଲ୍ଡରେ ୧୩,୬୨୯ ଫୁଟ ଉଚ୍ଚତାରେ ସଫଳତାର ସହ ଅବତରଣ କରି ଇତିହାସ ରଚିଛି ଭାରତୀୟ ବାୟୁସେନାର IL-76MD ହେଭି-ଲିଫ୍ଟ ପରିବହନ ବିମାନ । ଏହି ବିମାନର ଏହା ବିଶ୍ୱର ସର୍ବାଧିକ ଉଚ୍ଚତାରେ ଲ୍ୟାଣ୍ଡିଂ ବୋଲି ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି । ଏହି ସଫଳତା ଭାରତର ସାମରିକ ହାୱାଇ ପରିବହନ କ୍ଷମତାକୁ ଆହୁରି ମଜବୁତ କରିବ । ଏହି ଉପଲବ୍ଧି ଭାରତୀୟ ବାୟୁସେନାର ଖୁବ୍ ଉଚ୍ଚତାରେ ଥିବା ବିମାନ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡି ପାରିଛି । ଇଣ୍ଡିଆନ୍ ଏକ୍ସପ୍ରେସ୍ ସୋସିଆଲ ମିଡିଆରେ ଏହାର ସୂଚନା ଦେଇ ଭାରତୀୟ ବାୟୁସେନା IL76MD ବିମାନ ନୋମାରେ ସଫଳତାର ସହ ଲ୍ୟାଣ୍ଡ କରି ଇତିହାସ ରଚିଛି । ଏହା ସାରା ବିଶ୍ୱରେ ଏହି ବିମାନ ଦ୍ୱାରା କରାଯାଇଥିବା ଏପର୍ଯ୍ୟନ୍ତର ସବୁଠାରୁ ଉଚ୍ଚ ସ୍ଥାନରେ ଲ୍ୟାଣ୍ଡିଂ । ପୂର୍ବ ଲଦାଖରେ ଅବସ୍ଥିତ ନ୍ୟୋମା ଏୟାରଫିଲ୍ଡ ଭାରତ ପାଇଁ ସାମରିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଚୀନ ସହିତ ଥିବା ବାସ୍ତବ ନିୟନ୍ତ୍ରଣ ରେଖା (LAC) ନିକଟରେ ଅବସ୍ଥିତ । ଏଠାରେ ଅଧିକ ଉଚ୍ଚତା, କମ୍ ବାୟୁଚାପ ଏବଂ ଜଟିଳ ପାଣିପାଗ ଯୋଗୁଁ ବିମାନ ଚଳାଚଳ କରିବା ଅତ୍ୟନ୍ତ କଷ୍ଟକର । ଏଭଳି ପରିସ୍ଥିତିରେ ଏକ ବଡ଼ ପରିବହନ ବିମାନର ସଫଳ ଅବତରଣ ଭାରତୀୟ ବାୟୁସେନାର ଦକ୍ଷତାକୁ ଦର୍ଶାଉଛି । ସାଧାରଣ ଏୟାରଫିଲ୍ଡ ତୁଳନାରେ ୧୩,୬୦୦ ଫୁଟରୁ ଅଧିକ ଉଚ୍ଚତାରେ ବିମାନ ଅବତରଣ କରିବା ବେଶ୍ ଚ୍ୟାଲେଞ୍ଜିଂ । ଅଧିକ ଉଚ୍ଚତାରେ ବାୟୁର ଘନତ୍ୱ କମ୍ ରହିଥାଏ । ଫଳରେ ବିମାନର ଇଞ୍ଜିନ୍ କାର୍ଯ୍ୟକ୍ଷମତା ଓ ଉଡ଼ାଣ ପାଇଁ ଆବଶ୍ୟକ ଲିଫ୍ଟ ପ୍ରଭାବିତ ହୋଇଥାଏ । ଏଥିପାଇଁ ପାଇଲଟ୍‌ଙ୍କୁ ଅତ୍ୟନ୍ତ ସତର୍କତା, ସଠିକ୍ ଯୋଜନା ଓ ଉଚ୍ଚସ୍ତରୀୟ ଉଡ଼ାଣ କୌଶଳର ଆବଶ୍ୟକତା ପଡ଼ିଥାଏ ।

ଅଖିଳେଶ ଯାଦବଙ୍କୁ ବିବାହର ପ୍ରଥମ ନିମନ୍ତ୍ରଣ କାର୍ଡ ଦେଲେ ପ୍ରିୟା ସରୋଜ

ନୂଆଦିଲ୍ଲୀ,୭।୧୧: ଟିମ୍ ଇଣ୍ଡିଆର ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ରିଙ୍କୁ ସିଂହ ଏବଂ ସମାଜବାଦୀ ପାର୍ଟି ସାଂସଦବାଦୀ ପାର୍ଟି ସାଂସଦ ପ୍ରିୟାଙ୍କ ବିବାହ ଖୁବଶୀଘ୍ର ହେବାକୁ ଯାଉଛି । ଆଗାମୀ ଡିସେମ୍ବର ୪ ତାରିଖରେ ବିବାହ ବନ୍ଧନରେ ବାନ୍ଧିହେବାକୁ ଯାଉଛନ୍ତି । ବିବାହ ପାଇଁ ଅତିଥୀଙ୍କୁ ନିମନ୍ତ୍ରଣ କରିଛନ୍ତି । ଏହି ଅବସରରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ନିମନ୍ତ୍ରଣ କାର୍ଡ ଦେଇଛନ୍ତି ପ୍ରିୟା । ଲକ୍ଷ୍ନୌସ୍ଥିତ ବାସଭବନରେ ଅଖିଳେଶ ଯାଦବଙ୍କ ପରିବାରକୁ ନିମନ୍ତ୍ରଣ ଦେଇଛନ୍ତି । ଅଖିଳେଶ ଯାଦବଙ୍କୁ ନିଜ ବିବାହର ପ୍ରଥମ କାର୍ଡ ପ୍ରଦାନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି । ଏହି ସମୟରେ ଅଖିଳେଶ ଯାଦବଙ୍କ ପତ୍ନୀ ତଥା ସାଂସଦ ଡିମ୍ପଲ ଯାଦବ ଏବଂ ତାଙ୍କ ଝିଅ ଅଦିତି ମଧ୍ୟ ଉପସ୍ଥିତ ଥିଲେ । ଅଖିଳେଶ ଯାଦବଙ୍କ ବାସଭବନକୁ ନିମନ୍ତ୍ରଣ କାର୍ଡ ଦେବାକୁ ଯାଇଥିବା ସମୟରେ ପ୍ରିୟା ସରୋଜ ଏକ ଅତ୍ୟନ୍ତ ଆକର୍ଷଣୀୟ ଲାଲ୍ ରଙ୍ଗର ଶାଢ଼ୀ ପିନ୍ଧିଥିବା ଦେଖିବାକୁ ମିଳିଛି । ଯେଉଁଥିରେ ସେ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥିଲେ ।

ତାମିଲନାଡୁରେ ଛାତ୍ରଙ୍କୁ ମାଗଣା ମିଳିବ ଲାପଟପ୍

ନୂଆଦିଲ୍ଲୀ,୭।୧୧: ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟ କଲେଜ ଛାତ୍ରଙ୍କ ଲାଗି ମାଗଣା ଲାପଟପ୍ ଯୋଜନା ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଯୋଜନାର ନାମ 'ବେଟ୍ରି ଲାପଟପ୍ ଯୋଜନା' ରଖାଯାଇଛି । ଟିଭିକେ ସରକାର ଏଥିଲାଗି ୨୦୦୦କୋଟି ଟଙ୍କାର ବଜେଟ ବି ଆବଣ୍ଟନ କରିଛନ୍ତି । ଏହି ଯୋଜନା ୨୦୨୬-୨୭ଆର୍ଥିକ ବର୍ଷ ବଜେଟରେ ଘୋଷଣା କରାଯାଇଥିଲା । ସୂଚନା ମୁତାବକ, ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସରକାର ଶନିବାର କହିଛନ୍ତି କି, ୨୦୨୬-୨୭ର ବଜେଟରେ ଘୋଷଣା କରାଯାଇଥିବା ଏହି ମାଗଣା ଲାପଟପ ଯୋଜନାକୁ ଲାଗୁ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଉଚ୍ଚ-ସ୍ତରୀୟ ସମିତିର ଗଠନ କରାଯିବ । ସରକାର ଏକ ଅଫିସିଆଲ୍ ବିଜ୍ଞପ୍ତିରେ କହିଛନ୍ତି କି ଚିକିତ୍ସା, କୃଷି ଏବଂ ଆଇନ ସହିତ କେତେକ ପାଠ୍ୟକ୍ରମରେ ସରକାରୀ ଏବଂ ରାଜ୍ୟ- ସହାୟତା ପ୍ରାପ୍ତ କଲେଜରେ ପଢୁଥିବା ସ୍ନାତକ(UG) ଏବଂ ଡିପ୍ଲୋମା ସ୍ତରର ପ୍ରଥମ ଏବଂ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ଏହି ମାଗଣା ଲାପଟପ୍ ଯୋଜନାର ଲାଭ ମିଳିବ । ବେଟ୍ରି ଲାପଟପ୍ ଯୋଜନା ମାଧ୍ୟମରେ ଆର୍ଟ, ସାଇନ୍ସ ଇଞ୍ଜିନିୟରିଂ, ଚିକିତ୍ସା, ପଶୁ ଚିକିତ୍ସା ବିଜ୍ଞାନ, କୃଷି, ମତ୍ସ୍ୟ ପାଳନ ଏବଂ ଆଇନ ଭଳି ପାଠ୍ୟକ୍ରମର ଛାତ୍ର ଆସିବେ । ଏହା ବ୍ୟତୀତ ପଲିଟେକ୍ନିକ ଏବଂ ଆଇଟିଆଇରେ ପଢୁଥିବା ଛାତ୍ରଙ୍କୁ ବି ଏହାର ସୁଫଳ ଦିଆଯିବ । ଏହାବ୍ୟତୀତ ବିଜୟ ସରକାର ସେହି ଛାତ୍ରଙ୍କୁ ବି ଯୋଜନାରେ ସାମିଲ କରିବାର ନିଷ୍ପତ୍ତି ନେଇଛନ୍ତି । ଯାହାଙ୍କୁ ଶିକ୍ଷା ବର୍ଷ ୨୦୨୫-୨୬ରେ ମାଗଣା ଲାପଟପ୍ ଯୋଜନାର ଲାଭ ମିଳିପାରିନାହିଁ । ଏଭଳି ଛାତ୍ର ଯିଏ ସରକାରୀ କିମ୍ବା ସରକାରୀ ସହାୟତାପ୍ରାପ୍ତ ସଂସ୍ଥାରେ ବ୍ୟବସାୟିକ ପାଠ୍ୟକ୍ରମରେ ତୃତୀୟ କିମ୍ବା ଚତୁର୍ଥ ବର୍ଷରେ ପଢୁଛନ୍ତି । ତାଙ୍କୁ ବି ଲାପଟପ୍ ଦିଆଯିବ ।

ରାତି ଅଧରେ ଅଭିଷେକଙ୍କ ଘର ଆଗରେ ହଙ୍ଗାମା

ପଥରମାଡ଼ ଓ ମାରପିଟ ଅଭିଯୋଗ

ନୂଆଦିଲ୍ଲୀ,୭।୧୧: ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ଅଭିଷେକ ବାନାର୍ଜୀଙ୍କ ଜନ୍ମଦିନ ପାଳନ ସମୟରେ କୋଲକାତାରେ ତାଙ୍କ ବାସଭବନ ସମ୍ମୁଖରେ ହଙ୍ଗାମା ହୋଇଛି । ଶୁକ୍ରବାର ରାତିରେ ତୃଣମୂଳ ଓ ବିଜେପି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିବା ସହ ମାରପିଟ୍ ହୋଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଭିଷେକ ବାନାର୍ଜୀ ନିଜ ଘର ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ଆଣିଛନ୍ତି । ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୨ଟା ସମୟରେ କାଳୀଘାଟସ୍ଥିତ ଅଭିଷେକ ବାନାର୍ଜୀଙ୍କ ବାସଭବନ ସମ୍ମୁଖରେ ଉଭୟ ଦଳର କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା । 'ଚୋର' ସ୍ଲୋଗାନକୁ ନେଇ ଏହି ବିବାଦ ତୀବ୍ର ହୋଇଥିଲା । ଅଭିଷେକଙ୍କ ଅଭିଯୋଗ ଅନୁଯାୟୀ, ବିଜେପି କର୍ମୀମାନେ ତାଙ୍କ ସମର୍ଥକଙ୍କୁ ତଳେ ପକାଇ ଇଟା ଓ ପଥରରେ ଆକ୍ରମଣ କରିଥିଲେ । ଏନେଇ ସେ ସୋସିଆଲ ମିଡିଆରେ ଏକ ଭିଡିଓ ମଧ୍ୟ ସେୟାର କରିଛନ୍ତି । ଏଥିରେ କିଛି ଲୋକ ତାଙ୍କ ବ୍ୟାନର ଓ ପୋଷ୍ଟର ଚିରି ଦେଉଥିବା ଦେଖିବାକୁ ମିଳିଛି । ଏକ୍ସରେ ପୋଷ୍ଟ କରି ଅଭିଷେକ ଅଭିଯୋଗ କରିଛନ୍ତି ଯେ, ଗତ ଦୁଇ ଦିନ ଧରି ତାଙ୍କ ଘର ଓ କାର୍ଯ୍ୟାଳୟ ଉପରେ ନଜର ରଖାଯାଉଥିଲା । ଏହା ପରେ ରାତି ୨ଟାରେ ବିଜେପିର କିଛି ଗୁଣ୍ଡା ତାଙ୍କ ଘର ଉପରେ ଆକ୍ରମଣ କରିଥିଲେ । ସେ ଆହୁରି କହିଛନ୍ତି, ଯଦି ଜଣେ ନିର୍ବାଚିତ ସାଂସଦଙ୍କ ଘର ଉପରେ ଏଭଳି ଆକ୍ରମଣ ହୋଇପାରୁଛି, ତେବେ ସାଧାରଣ ଲୋକଙ୍କ ଅବସ୍ଥା କ'ଣ ହେଉଥିବ ତାହା ସହଜରେ ଅନୁମାନ କରାଯାଇପାରେ । ଗତ ୬ ମାସ ମଧ୍ୟରେ ତାଙ୍କ ଜୀବନ ନେବାକୁ ସପ୍ତମ ଥର ଉଦ୍ୟମ ହୋଇଛି ।

ଭୋଟ୍ ଚୋରି ପରେ ରାହୁଲ ଲଗାଇଲେ ପେଟ୍ରୋଲ ଚୋରି

ଏ-୨୦ ନାମରେ ଚାଲିଛି ୪୨୦



ନୂଆଦିଲ୍ଲୀ,୭।୧୧: ଭୋଟ୍ ଚୋରି ପ୍ରସଙ୍ଗକୁ ନେଇ ସପ୍ତାହ ଧରି ଚାଲିଥିବା ବିରୋଧ ପ୍ରଦର୍ଶନ ପରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ଅଭିଯୋଗ କରିଛନ୍ତି ଯେ ସରକାର ଲୋକଙ୍କ ଗାଡ଼ିରୁ ପେଟ୍ରୋଲ୍ ଚୋରି କରୁଛି । ରାହୁଲ ଗାନ୍ଧୀ କହିଛନ୍ତି, ସରକାର ଦାବି କରୁଛି ଯେ ପେଟ୍ରୋଲ୍‌ରେ ୨୦ ପ୍ରତିଶତ ଏଥାନଲ୍ ମିଶିଛି । କିନ୍ତୁ କଂଗ୍ରେସ ଶାସିତ କର୍ଣ୍ଣାଟକର ୭ଟି ଜିଲ୍ଲାରୁ ନିଆଯାଇଥିବା ନମୁନାର ପରୀକ୍ଷାରେ ଏଥାନଲର ପରିମାଣ ଏହାଠାରୁ ବହୁତ ଅଧିକ ଥିବା ଜଣାପଡ଼ିଛି । ଏକ୍ସରେ କରିଥିବା ଏକ ପୋଷ୍ଟରେ ସେ ଲେଖିଛନ୍ତି, "E୨୦ ହେଲା ୪୨୦... ଲୋକଙ୍କ ଗାଡ଼ିରୁ ପେଟ୍ରୋଲ୍ ଚୋରି!" ଏଠାରେ ସେ ପୁରୁଣା ଭାରତୀୟ ଦଣ୍ଡ ସଂହିତାର ଧାରା ୪୨୦କୁ ଇଙ୍ଗିତ କରିଥିଲେ, ଯାହା ଠକେଇ ସହ ସମ୍ପର୍କିତ ଥିଲା । ଲୋକସଭାର ବିରୋଧୀ ଦଳ ନେତା ଓ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଖୋଲା ଚର୍ଚ୍ଚା ପାଇଁ ଦେଇଥିବା ଚ୍ୟାଲେଞ୍ଜକୁ ପୁଣି ଦୋହରାଇଛନ୍ତି । ସେ କହିଛନ୍ତି, ଏହି ଚର୍ଚ୍ଚାରେ ଏଥାନଲ୍ ବ୍ଲେଣ୍ଡିଂ ପ୍ରସଙ୍ଗକୁ ମଧ୍ୟ ସାମିଲ କରାଯାଇପାରେ । ଏହା ପୂର୍ବରୁ ସେ ଭୋଟର ତାଲିକାର ବିଶେଷ ଗଭୀର ପୁନଃପରୀକ୍ଷାରେ କଥିତ ଅନିୟମିତତାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଚର୍ଚ୍ଚା ପାଇଁ ଜୋର ଦେଇଆସୁଥିଲେ । କଂଗ୍ରେସ ସାଂସଦ ଦାବି କରିଛନ୍ତି, "କର୍ଣ୍ଣାଟକ ସରକାର ୭ଟି ଜିଲ୍ଲାରୁ ପେଟ୍ରୋଲ୍ ନମୁନା ସଂଗ୍ରହ କରି ସେଗୁଡ଼ିକୁ ଏକ ମାନ୍ୟତାପ୍ରାପ୍ତ ଲ୍ୟାବରେ ପରୀକ୍ଷା ପାଇଁ ପଠାଇଥିଲା । ଫଳାଫଳ ଦେଖନ୍ତୁ— ୧୪ଟି ନମୁନାରୁ ୧୧ଟିରେ ୨୦ ପ୍ରତିଶତରୁ ଅଧିକ ଏଥାନଲ୍ ଥିଲା । IOCLରେ ୩୧.୨ ପ୍ରତିଶତ ଏବଂ HPCLରେ ୩୦.୫ ପ୍ରତିଶତ ଏଥାନଲ୍ ମିଳିଥିଲା । IOCL, HPCL, BPCL, Nayara, Shell— ସରକାରୀ ହେଉ କି ବେସରକାରୀ, ସମସ୍ତେ ନିର୍ଦ୍ଧାରିତ ସୀମା ଅତିକ୍ରମ କରିଛନ୍ତି ।" ସେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ କମ୍ପାନିଗୁଡ଼ିକର ନିଜସ୍ୱ ପରୀକ୍ଷାଗାର ଏଥାନଲ୍‌ର ପରିମାଣ ସମ୍ପର୍କରେ କୌଣସି ସୂଚନା ଦେଇନଥିଲା ।



ମିସାଇଲ୍ ମାଡ଼ରେ ଥରିଲା ୟେମେନ୍

ନୂଆଦିଲ୍ଲୀ, ୭।୧୧: ୟେମେନରେ ହୁତି ବିଦ୍ରୋହୀ ଏବଂ ସାଉଦି ଆରବ ସମର୍ଥିତ ସରକାରୀ ବାହିନୀ ମଧ୍ୟରେ ପୁନର୍ବାର ଆରମ୍ଭ ହୋଇଥିବା ରକ୍ତାକ୍ତ ସଂଘର୍ଷରେ ଏମର୍ମନ୍ତୁଦ ଦୁର୍ଘଟଣା ସୃଷ୍ଟି କରିଛି । ଦକ୍ଷିଣ-ପଶ୍ଚିମ ୟେମେନର ତାଏଜ୍ ପ୍ରଦେଶସ୍ଥିତ 'ଅଲ୍-ୱାଜିଆ'ର ଏକ ବ୍ୟସ୍ତବହୁଳ ବଜାରରେ ଶୁକ୍ରବାର ସକାଳେ ଘଟିଥିବା ଭୀଷଣ ବାୟୁସେନା ଆକ୍ରମଣରେ ଅତିକମ୍ରେ ୩୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୮ ଜଣ ଗୁରୁତର ଆହତ ହୋଇଛନ୍ତି । ହୁତି ବିଦ୍ରୋହୀଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ମୁଖପାତ୍ର ଅନୀସ ଅଲ୍‌ସବହି ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ' ଜରିଆରେ ଏହି ଆକ୍ରମଣକୁ ସ୍ପଷ୍ଟ କରିଛନ୍ତି । ଯୁଦ୍ଧ ପୁଣି ଥରେ ତୀବ୍ର ହେବା ପରେ ଏହାକୁ ସବୁଠାରୁ ମାରାତ୍ମକ ଆକ୍ରମଣ ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରାଯାଉଛି ।

ଅଲ୍-ମସିରା ଦ୍ୱାରା ପ୍ରସାରିତ ଭିଡିଓରେ ଆକ୍ରମଣ ସ୍ଥାନରୁ ପ୍ରବଳ ଧୂଆଁର କୁଣ୍ଡଳୀ ଉଠୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ଖାଦ୍ୟ ସାମଗ୍ରୀର ନଷ୍ଟ ହୋଇଥିବା କୋଠାବାଡ଼ି, ପୋଡ଼ି ଜଳି ଯାଇଥିବା ଯାନବାହନ ପଡ଼ିରହିଛି । ଏହି ଆକ୍ରମଣ ଶୁକ୍ରବାର ସକାଳ ପ୍ରାୟ ୭ଟା ସମୟରେ 'ଅଲ୍-ହଦରା' ବଜାରରେ ଘଟିଥିଲା । ଆରବ ଦୁନିଆରେ ଶୁକ୍ରବାର ସାପ୍ତାହିକ ଛୁଟିଦିନ ହୋଇଥିବାରୁ ସକାଳୁ ସକାଳୁ ବଜାରରେ ପ୍ରବଳ ଭିଡ଼ ଜମିଥିଲା । ହୁତି ସାମରିକ ମୁଖପାତ୍ର ୟାହ୍ୟା ସାରୀ ଅଭିଯୋଗ କରିଛନ୍ତି ଯେ, ସାଉଦି ଆରବର ଯୁଦ୍ଧ ଜାହାଜଗୁଡ଼ିକ ଖମୀସ ମୁଶୈତ୍ ଏୟାରବେସ୍‌ରୁ ଉଡ଼ାଣ ଭରି ତିନୋଟି ବାୟୁସେନା ଆକ୍ରମଣ କରିଥିଲେ ଏବଂ ସକାଳ ୮ଟା ସମୟରେ ସେହି ଅଞ୍ଚଳରୁ ବାହାରି ଯାଇଥିଲେ ।

ଆକ୍ରମଣର ଠିକ୍ ପରେ ପରେ ୟେମେନର ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ସରକାର ଏବଂ ହୁତି ବିଦ୍ରୋହୀଙ୍କ ମଧ୍ୟରେ ଦାୟିତ୍ୱକୁ ନେଇ ତୀବ୍ର କଳହ ଆରମ୍ଭ ହୋଇଯାଇଛି । ତାଏଜ୍‌ରେ ୟେମେନ ସରକାରଙ୍କ ସହ ଜଡ଼ିତ ଅଧିକାରୀମାନେ ସେହି ଅଞ୍ଚଳରେ କୌଣସି ପ୍ରକାରର ବାୟୁସେନା ଆକ୍ରମଣ କରିଥିବା କଥାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛନ୍ତି ଏବଂ ଏହି ଆକ୍ରମଣ ପାଇଁ ହୁତି ବିଦ୍ରୋହୀଙ୍କ ଅନ୍ଧାଧୁନ ମିସାଇଲ୍ ଆକ୍ରମଣକୁ ଦାୟୀ କରିଛନ୍ତି । ପ୍ରାନ୍ତୀୟ ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ହୁତିମାନଙ୍କ ଦ୍ୱାରା ବାଲାଷ୍ଟିକ୍ ମିସାଇଲର ବ୍ୟବହାର ସାଧାରଣ ନାଗରିକଙ୍କ ଜୀବନକୁ ବିପଦରେ ପକାଉଛି ଏବଂ ସାଧାରଣ ବଜାରଗୁଡ଼ିକର ସୁରକ୍ଷା ଅତ୍ୟନ୍ତ ଜରୁରୀ । ତାଏଜ୍ ସହରକୁ ୟେମେନର ଦକ୍ଷିଣ ଭାଗକୁ ଆଗେଇବା ପାଇଁ ଏକ ରଣନୈତିକ ପ୍ରବେଶ ଦ୍ୱାର ଭାବେ ବିବେଚନା କରାଯାଏ । ହୁତି ବିଦ୍ରୋହୀମାନେ ତାଏଜ୍ ପ୍ରାନ୍ତୀୟ ରାଜଧାନୀକୁ ଘେରି ରଖିଛନ୍ତି, ଯେଉଁଠାରେ ସରକାର ସମର୍ଥିତ ବାହିନୀ ମୁତୟନ ଅଛନ୍ତି । ଏହି ଘେରାବନ୍ଦୀ କାରଣରୁ ନାଗରିକମାନଙ୍କ ପାଇଁ ପାନୀୟ ଜଳ ଏବଂ ଖାଦ୍ୟର ଗୁରୁତର ଅଭାବ ଦେଖାଦେଇଛି । ଏହାପୂର୍ବରୁ ଗତ ମାସରେ ହୁତିମାନେ ଶବ୍ୱା ପ୍ରଦେଶରେ ଏକ ସାମରିକ ଶିବିର ଉପରେ ବାଲାଷ୍ଟିକ୍ ମିସାଇଲ୍ ଆକ୍ରମଣ କରି ୭୫ ଜଣ ସୈନିକଙ୍କୁ ହତ୍ୟା କରିଥିଲେ । ସେହିପରି ସେପ୍ଟେମ୍ବର ମାସରେ ଅଲ୍-ଜୌଫ୍‌ରେ ଏକ ଜେଲ୍ ଉପରେ ହୋଇଥିବା ଆକ୍ରମଣରେ ୨୩ ଜଣଙ୍କର ମୃତ୍ୟୁ ହୋଇଥିଲା । ବିଶ୍ଳେଷକମାନଙ୍କ ମତରେ, ଆଦେନ ଏବଂ ଲାହଜ୍ ଆଡ଼କୁ ଆଗେଇବା ପାଇଁ ତାଏଜ୍ ଉପରେ ନିୟନ୍ତ୍ରଣ ହାସଲ କରିବା ହୁତି ବିଦ୍ରୋହୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହାଫଳରେ ଏହି ଅଞ୍ଚଳରେ ସଂଘର୍ଷ କ୍ରମଶଃ ଅଧିକ ଜଟିଳ ରୂପ ନେଉଛି ।

ବିଗ୍ ବିଙ୍କ ଫଟୋ, ସ୍ୱର ଓ ନାମ ଉପରେ ଦିଲ୍ଲୀ ହାଇକୋର୍ଟଙ୍କ ବଡ଼ ନିଷ୍ପତ୍ତି

ନୂଆଦିଲ୍ଲୀ,୭।୧୧: ଦିଲ୍ଲୀ ହାଇକୋର୍ଟ ଶତାବ୍ଦୀର ମହାନାୟକ ତଥା ବଲିଉଡ ଅଭିନେତା ଅମିତାଭ ବଚ୍ଚନ (ବିଗ୍ ବି)ଙ୍କ ଫଟୋ, ସ୍ୱର ଏବଂ ନାମ ତାଙ୍କ ଅନୁମତି ବିନା ବ୍ୟବହାର କରିବା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଜାରି କରିଛନ୍ତି । କୋର୍ଟ ଅମିତାଭଙ୍କ ପରିଚୟ ସହିତ ଜଡିତ ଯେକୌଣସି ଜିନିଷ ବ୍ୟବହାର କରିବାକୁ ନିଷେଧ କରିଛନ୍ତି । ତାଙ୍କ ନାମ, ଫଟୋ, ସ୍ୱର କିମ୍ବା ଅନ୍ୟାନ୍ୟ ସାମଗ୍ରୀ ଅଭିନେତାଙ୍କ ଅନୁମତି ସହିତ ବ୍ୟବହାର କରାଯାଇପାରିବ । ଅନୁମତି ବିନା ତାଙ୍କ ପରିଚୟ ବ୍ୟବହାର କରୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନେକ କମ୍ପାନୀ ଅଭିନେତାଙ୍କ ଅନୁମତି ବିନା ସେମାନଙ୍କ ଉତ୍ପାଦରେ ଅମିତାଭ ବଚ୍ଚନଙ୍କ ଫଟୋ, ସ୍ୱର କିମ୍ବା ନାମକୁ ବାରମ୍ବାର ବ୍ୟବହାର କରି ତାଙ୍କ ପ୍ରତିଛବିକୁ କ୍ଷତି ପହଞ୍ଚାଇଛନ୍ତି । ଏହି ରାୟ ପରେ, କେହି ଅମିତାଭ ବଚ୍ଚନଙ୍କ ପରିଚୟ ବ୍ୟବହାର କରି ଉତ୍ପାଦ ବିକ୍ରୟ କରିପାରିବେ ନାହିଁ, କିମ୍ବା ତାଙ୍କ ନାମ କିମ୍ବା ପ୍ରତିଛବି ବ୍ୟବହାର କରି ନକଲି ୱେବସାଇଟ୍, ମୋବାଇଲ୍ ଆପ୍ କିମ୍ବା ବିଜ୍ଞାପନ ତିଆରି କରିପାରିବେ ନାହିଁ । ଦିଲ୍ଲୀ ହାଇକୋର୍ଟର ବିଚାରପତି ପୁରୁଷେନ୍ଦ୍ର କୁମାର କୌର ଏହି ମାମଲାରେ ଚୂଡ଼ାନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି । କୋର୍ଟ ପୂର୍ବ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶକୁ ସ୍ଥାୟୀ କରିଛନ୍ତି । ଏହି ମାମଲା ୨୦୨୨ରେ ଅମିତାଭ ବଚ୍ଚନଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ସହିତ ଜଡିତ । ଅଭିନେତା କୋର୍ଟର ଦ୍ୱାରସ୍ଥ ହୋଇଥିଲେ, ଅଭିଯୋଗ କରିଥିଲେ ଯେ ଅନେକ ଲୋକ ଆର୍ଥିକ ଲାଭ ପାଇବା ପାଇଁ ତାଙ୍କ ଲୋକପ୍ରିୟତା ଏବଂ ପରିଚୟର ଅପବ୍ୟବହାର କରୁଛନ୍ତି । ଅମିତାଭ ବଚ୍ଚନଙ୍କ ଆବେଦନର ଶୁଣାଣି କରି, ଦିଲ୍ଲୀ ହାଇକୋର୍ଟ ନଭେମ୍ବର ୨୦୨୨ରେ ତାଙ୍କ ନାମ, ଛବି, ସ୍ୱର ଏବଂ ପରିଚୟର ଅନଧିକୃତ ବ୍ୟବହାର ଉପରେ ଏକ ମଧ୍ୟବର୍ତ୍ତୀକାଳୀନ ପ୍ରତିବନ୍ଧକ ଲଗାଇଥିଲେ ।

୧୩ ବର୍ଷ ପରେ ଟେଷ୍ଟ ଜର୍ସିକୁ ସାମିଙ୍କ ବିଦାୟ

ନୂଆଦିଲ୍ଲୀ,୭।୧୧ : ଶେଷ ହେଲା ଲାଲ୍ ବଲ୍‌ରେ ଦମଦାର ବୋଲିଂର ଯାତ୍ରା । ଆଉ ଦେଖିବାକୁ ମିଳିବନି ଟେଷ୍ଟ କ୍ରିକେଟରେ ମହମ୍ମଦ ଶାମିଙ୍କ ଘାତକ ବୋଲିଂ । ୧୩ ବର୍ଷର ଲମ୍ବା ଯାତ୍ରା ପରେ ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କହିଛନ୍ତି ଭାରତୀୟ ଦଳର ଅନ୍ୟତମ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଶାମି । ସୋସିଆଲ ମିଡିଆରେ ଏକ ଭାବବିହ୍ୱଳ ଭିଡିଓ ସେୟାର କରିବା ସହ ଟେଷ୍ଟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି । ଶାମିଙ୍କ ଏହି ନିଷ୍ପତ୍ତି ତାଙ୍କ ପ୍ରଶଂସକଙ୍କୁ ଭାବୁକ କରିଦେଇଛି । ତେବେ ଟେଷ୍ଟ କ୍ରିକେଟ୍‌ରୁ ବିଦାୟ ନେଇଥିଲେ ମଧ୍ୟ ଦିନିକିଆ ଓ ଟି-୨୦ ଭଳି ସୀମିତ ଓଭର କ୍ରିକେଟ୍‌ରେ ଖେଳିବା ଜାରି ରଖିବେ ଏହି ଭାରତୀୟ ଦ୍ରୁତ ବୋଲର ।

ନିଜର ଅବସର ଘୋଷଣା ସହ ଶାମି ଏକ ଭାବପ୍ରବଣ ବାର୍ତ୍ତା ମଧ୍ୟ ଦେଇଛନ୍ତି । ଦୀପାବଳିର ଶୁଭେଚ୍ଛା ଜଣାଇବା ସହ ଟେଷ୍ଟ କ୍ରିକେଟ୍‌ର ଧଳା ଜର୍ସିକୁ ବିଦାୟ ଦେଉଥିବା କଥା ଉଲ୍ଲେଖ କରିଛନ୍ତି । ତେବେ ଏହି ଜର୍ସି ସହ ଯୋଡ଼ି ହୋଇଥିବା ସ୍ମୃତିକୁ କେବେ ଭୁଲିପାରିବେ ନାହିଁ ବୋଲି କହିଛନ୍ତି। ଶାମି ଲେଖିଛନ୍ତି, ପ୍ରଥମ ଥର ଭାରତର ଟେଷ୍ଟ ଜର୍ସି ପିନ୍ଧିବା ସମୟରେ ତାଙ୍କ ମନରେ କେବଳ ଗୋଟିଏ ସ୍ୱପ୍ନ ଥିଲା, ଦେଶ ପାଇଁ କିଛି କରି ଦେଖାଇବା । ଏହି ଯାତ୍ରାରେ ପ୍ରତ୍ୟେକ ୱିକେଟ୍, ସଂଘର୍ଷ, ଆଘାତ ଓ ପ୍ରତ୍ୟାବର୍ତ୍ତନ ତାଙ୍କୁ ଅନେକ କିଛି ଶିଖାଇଛି । ଟେଷ୍ଟ କ୍ରିକେଟ୍ ତାଙ୍କ ପାଇଁ କେବଳ ଏକ ଫର୍ମାଟ୍ ନଥିଲା, ବରଂ ଜୀବନର ଏକ ବିଶେଷ ଅଂଶ ଥିଲା ବୋଲି ଶାମି କହିଛନ୍ତି । ଏହି ଯାତ୍ରାରେ ସାଥ୍ ଦେଇଥିବା ସମସ୍ତ ସାଥୀ ଖେଳାଳି, କୋଚ, ପରିବାର ଓ କୋଟି କୋଟି ଭାରତୀୟଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି । ଭଲ ଓ ଖରାପ ସମୟରେ ତାଙ୍କ ଉପରେ ଭରସା ରଖିଥିବା ପ୍ରଶଂସକଙ୍କ ସମର୍ଥନକୁ ମଧ୍ୟ ମନେ ପକାଇଛନ୍ତି।

ନିଜର ଅବସର ବାର୍ତ୍ତାରେ ଶାମି ବିସିସିଆଇ ଓ କ୍ରିକେଟ୍ ଆସୋସିଏସନ ଅଫ୍ ବେଙ୍ଗଲକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି । ତାଙ୍କ ପ୍ରତିଭା ଉପରେ ଭରସା କରିବା ସହ ଆଗକୁ ବଢ଼ିବାର ସୁଯୋଗ ଦେଇଥିବାରୁ ଉଭୟ ସଂସ୍ଥା ପ୍ରତି କୃତଜ୍ଞତା ଜଣାଇଛନ୍ତି ।



ମୈଦାନରେ ତାଙ୍କର ଶେଷ ଟେଷ୍ଟ ବଲ୍ ବୋଲିଂ ହୋଇସାରିଥିଲେ ମଧ୍ୟ ଭାରତ ପାଇଁ ଖେଳିବାର ଗର୍ବ ସବୁବେଳେ ତାଙ୍କ ହୃଦୟରେ ଜୀବିତ ରହିବ ବୋଲି ଉଲ୍ଲେଖ କରିଛନ୍ତି । ଶେଷରେ 'ଥ୍ୟାଙ୍କ୍ ୟୁ ଟେଷ୍ଟ କ୍ରିକେଟ୍ ?' ଲେଖି ନିଜର ଦୀର୍ଘ ଯାତ୍ରାକୁ ବିଦାୟ ଜଣାଇଛନ୍ତି । ୨୦୧୩ ନଭେମ୍ବର ୬ରେ କୋଲକାତାର ଐତିହାସିକ ଇଡେନ୍ ଗାର୍ଡେନ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିଲେ ଶାମି । ଆଉ ଠିକ୍ ୧୩ ବର୍ଷ ପରେ ସେହି ନଭେମ୍ବର ୬ ତାରିଖରେ ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କହିଛନ୍ତି ।

ନିଜ ଟେଷ୍ଟ କ୍ୟାରିୟରରେ ୬୪ଟି ମ୍ୟାଚ୍ ଖେଳି ୧୨୨ଟି ଇନିଂସରେ ମୋଟ ୨୨୯ଟି ୱିକେଟ୍ ହାସଲ କରିଛନ୍ତି । ୨୭.୭୧ ବୋଲିଂ ହାର ସହ ୬ ଥର ୫ ୱିକେଟ୍ ସଫଳତା ମଧ୍ୟ ହାସଲ କରିଛନ୍ତି । ଗୋଟିଏ ମ୍ୟାଚରେ ତାଙ୍କର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ରହିଛି ୯/୧୧୮ । ନୂଆ ବଲ୍ ହେଉ କି ପୁରୁଣା ବଲ୍, ସୁଇଂ ଓ ରିଭର୍ସ ସୁଇଂ ଜରିଆରେ ବ୍ୟାଟରଙ୍କୁ ଅଡୁଆରେ ପକାଇବାରେ ଶାମିଙ୍କ ଦକ୍ଷତା ତାଙ୍କୁ ଭାରତର ଅନ୍ୟତମ ଭରସାଯୋଗ୍ୟ ଦ୍ରୁତ ବୋଲର ଭାବେ ପରିଚିତ କରାଇଥିଲା ।

ବିଶେଷକରି ବିଦେଶ ମାଟିରେ ଶାମିଙ୍କ ବୋଲିଂ ଭାରତୀୟ ଦଳ ପାଇଁ ଅନେକ ସମୟରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି । ୨୦୧୮ରେ ଜୋହାନ୍ସବର୍ଗ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ୱିତୀୟ ଇନିଂସରେ ୫/୨୮ ୱିକେଟ୍ ନେଇ ଭାରତକୁ ବିଜୟ ଦେବାରେ ବଡ଼ ଭୂମିକା ନେଇଥିଲେ । ଏହାବ୍ୟତୀତ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଭଳି ଦେଶରେ ମଧ୍ୟ ନିଜ ବୋଲିଂର ଯାଦୁ ଦେଖାଇଛନ୍ତି ।

ଶାମିଙ୍କ ଟେଷ୍ଟ ଅବସର ନିଷ୍ପତ୍ତି ପଛରେ ତାଙ୍କର ଦୀର୍ଘ ଦିନ ଧରି ଭାରତୀୟ ଟେଷ୍ଟ ଦଳରେ ସୁଯୋଗ ନମିଳିବା ମଧ୍ୟ ଏକ ଚର୍ଚ୍ଚାର ବିଷୟ । ତାଙ୍କର ଶେଷ ଟେଷ୍ଟ ମ୍ୟାଚ୍ ଥିଲା ୨୦୨୩ ଜୁନରେ ଅଷ୍ଟ୍ରେଲିଆ ବିପକ୍ଷ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲ୍ । ଏହାପରେ ଆଘାତ ସମସ୍ୟା ଓ ଦଳୀୟ ଚୟନ ଯୋଗୁଁ ଟେଷ୍ଟ ଜର୍ସିରେ ତାଙ୍କୁ ଆଉ ଦେଖିବାକୁ ମିଳିନଥିଲା । ତେବେ ଭାରତୀୟ ଟେଷ୍ଟ ଦଳକୁ ଫେରିବାର ଆଶା ନଛାଡ଼ି ଘରୋଇ କ୍ରିକେଟ୍‌ରେ ନିଜକୁ ପ୍ରମାଣିତ କରିବା ଜାରି ରଖିଥିଲେ ଶାମି । ବେଙ୍ଗଲ ପକ୍ଷରୁ ରଣଜୀ ଟ୍ରଫିରେ ନିୟମିତ ଖେଳିବା ସହ ଚଳିତ ସିଜିନରେ ମଧ୍ୟ ଦମ୍‌ଦାର ବୋଲିଂ କରିଛନ୍ତି ।

ଆର୍ଯ୍ୟବୀରଙ୍କ ବିସ୍ଫୋରଣ, ନେପାଳକୁ ୧୦ ୱିକେଟ୍‌ରେ ହରାଇଲା ଭାରତ

ନୂଆଦିଲ୍ଲୀ,୭।୧୧ : ଛୋଟେ ସେହୱାଗଙ୍କ ଧମାକା । ଆଣ୍ଠେଇଲା ନେପାଳ । ଧୂଆଁଧାର ଇନିଂସ ଖେଳିଲେ କିମ୍ବଦନ୍ତୀ କ୍ରିକେଟର ବୀରେନ୍ଦ୍ର ସେହୱାଗଙ୍କ ପୁଣ ଆର୍ଯ୍ୟବୀର ସେହୱାଗ । ୫୨ ବଲ୍‌ରେ ଅପରାଜିତ ୭୦ ରନ୍‌ର ଇନିଂସ । ମ୍ୟାଚ୍ ଜିତିଲା ଟିମ୍ ଇଣ୍ଡିଆ । ଚଳିତ ୧୯ ବର୍ଷରୁ କମ୍ ଏସିଆ କପରେ ଭାରତ ଏକ ଚିତ୍ତାକର୍ଷକ ବିଜୟ ସହ ଅଭିଯାନ ଆରମ୍ଭ କରିଛି । ଗ୍ରୁପ୍-ଏ'ର ଏକ ଲିଗ୍ ମ୍ୟାଚରେ ଦଳ ୧୦ ୱିକେଟ୍‌ରେ ନେପାଳକୁ ପରାଜିତ କରିଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନେପାଳ ୪୨.୩ ଓଭରରେ ୧୨୮ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା । ଜବାବରେ ଭାରତ ୧୯.୧ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା । ଟସ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ଭାରତ ପାଇଁ ଫଳପ୍ରଦ ସାବ୍ୟସ୍ତ ହୋଇଥିଲା । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନେପାଳ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ମଧ୍ୟ ଭାଗରେ ଦର୍ଶ ସୋନାର ଓ ଆଶିଷ ଲୁହାର ଲଢୁଆ ବ୍ୟାଟିଂ କରିବାରୁ ଦଳୀୟ ସ୍କୋର ୧୨୮ରେ ପହଞ୍ଚିଥିଲା । ସୋନାର ୪୩ ଓ ଲୋହାର ୨୯ ରନ କରିଥିଲେ । ଅତିରିକ୍ତ ଭାବେ ଭାରତ ୨୨ ରନ ପ୍ରଦାନ କରିଥିଲା। ଭାରତ ପକ୍ଷରୁ ଇଶାନ ସୁଦ ଓ ଅର୍ଜୁନ ରାଜପୁତ ୩ଟି ଲେଖାଏଁ



ୱିକେଟ୍ ଅକ୍ତିଆର କରିଥିଲେ । ଯଶବୀର ଗୌଡ଼ ୨ଟି ୱିକେଟ୍ ନେଇଥିଲେ । ଜବାବରେ ଭାରତର ଦୁଇ ଓପନର ଆର୍ଯ୍ୟବୀର ସେହୱାଗ ଓ ଲକ୍ଷ୍ୟ ରାଏଚନ୍ଦାନୀ ଦର୍ଶନୀୟ ବ୍ୟାଟିଂ କରି ଦଳକୁ ବିଜୟୀ କରାଇଥିଲେ। ବୀରେନ୍ଦ୍ର ସେହୱାଗଙ୍କ ପୁତ୍ର ଆର୍ଯ୍ୟବୀର ବିସ୍ଫୋରକ ସଟମାନ ଖେଳି ୫୨ଟି ବଲ୍ରୁ ୭ ଚୌକା ଓ ୪ ଛକା ବଳରେ ୭୦ ରନ କରିଥିଲେ ।

ପରିବାର ସହ ପିଏମ୍ ମୋଦୀଙ୍କୁ ଭେଟିଲେ ସୂର୍ଯ୍ୟ

ନୂଆଦିଲ୍ଲୀ,୭।୧୧ : କ୍ରିକେଟ୍ ପଡ଼ିଆରେ ନିଜ ଚମତ୍କାର ବ୍ୟାଟିଂ ପାଇଁ ଚର୍ଚ୍ଚାରେ ରହୁଥିବା ସୂର୍ଯ୍ୟକୁମାର ଯାଦବ ଏବେ ଏକ ଖାସ୍ ସାକ୍ଷାତ୍‌କୁ ନେଇ ଚର୍ଚ୍ଚାରେ। ପରିବାର ସହ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ



ଭେଟିଛନ୍ତି ଭାରତୀୟ ଟି-୨୦ ଦଳର ପୂର୍ବତନ ଅଧିନାୟକ । ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ହୋଇଥିବା ଏହି ସାକ୍ଷାତ ସମୟରେ ସୂର୍ଯ୍ୟକୁମାରଙ୍କ ପତ୍ନୀ ଦେବିଶା ଓ ଝିଅ ରିଦ୍ଧିମା ମଧ୍ୟ ଉପସ୍ଥିତ ଥିଲେ । ଏହି ସାକ୍ଷାତକାରର ଭିଡିଓ ସାମ୍ନାକୁ ଆସିବା ପରେ ସୋସିଆଲ ମିଡିଆରେ ଏହାକୁ ନେଇ ଚର୍ଚ୍ଚା ବଢ଼ିଛି । ଏହି ସାକ୍ଷାତର ସବୁଠାରୁ ଆକର୍ଷଣୀୟ ମୁହୂର୍ତ୍ତ ଥିଲା ଯେତେବେଳେ ସୂର୍ଯ୍ୟକୁମାରଙ୍କ ଝିଅ ରିଦ୍ଧିମା ଭଜନ ଗାଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଛୋଟ ଝିଅଟି ମନ୍ତ୍ର ଓ ଭଜନ ଶୁଣାଉଥିବା ବେଳେ ମୋଦୀ ମଧ୍ୟ ମନଦେଇ ଶୁଣିଥିଲେ । ଝିଅର ଏହି ପରିବେଷଣକୁ ଦେଖି ସୂର୍ଯ୍ୟକୁମାର ମଧ୍ୟ ଖୁସି ହୋଇଥିଲେ। ଏହି ଭେଟଘାଟର ଭିଡିଓ ପ୍ରଧାନମନ୍ତ୍ରୀ ନିଜ ସୋସିଆଲ ମିଡିଆ ଆକାଉଣ୍ଟ ଉପରେ ସେୟାର କରିଛନ୍ତି । ଦୀପାବଳିର ପବିତ୍ର ପରିବେଶକୁ ଉଲ୍ଲେଖ କରି ମୋଦୀ ଲେଖିଛନ୍ତି, "ଦୀପାବଳିର ଏହି ପବିତ୍ର ଅବସରରେ ରାମ ଓ ସରଯୁଙ୍କ ଆଗମନ ହୋଇଛି । ଏହା ଦୀପାବଳିର ମାହୋଲକୁ ଆହୁରି ପବିତ୍ର ଓ ଦିବ୍ୟ କରିଦେଇଛି । ପ୍ରଧାନମନ୍ତ୍ରୀଙ୍କ ଏହି ପୋଷ୍ଟ ଓ ଭିଡିଓକୁ ନେଇ ସୋସିଆଲ ମିଡିଆରେ ଅନେକ ପ୍ରତିକ୍ରିୟା ଆସୁଛି । ଏହି ସାକ୍ଷାତ୍‌ରେ ସୂର୍ଯ୍ୟକୁମାର ୨୦୨୬ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ବିଜୟର ସ୍ୱର୍ଣ୍ଣ ପଦକ ପିନ୍ଧିଥିଲେ।

ନ୍ୟୁଜିଲାଣ୍ଡକୁ ୪ ରନରେ ହରାଇଲା ଭାରତ

ନୂଆଦିଲ୍ଲୀ,୭।୧୧ : ଘରୋଇ ନ୍ୟୁଜିଲାଣ୍ଡର ପୁଣି ପରାଜୟ । ଡିଏଲଏସ ମେଥଡ ହିସାବରେ ମାତ୍ର ୪ ରନରେ ଜିତିଲା ଭାରତ । ଦିନିକିଆ ସିରିଜ୍ ୨-୦ ଆଗୁଆ ରହିଛି ଗିଲ୍ ବାହିନୀ । ମାତ୍ର ୧୩୫ ରନର ବିଜୟ ଲକ୍ଷ୍ୟ ରହିଥିଲେ ସୁଦ୍ଧା ଭାରତ ପାଇଁ କଷ୍ଟସାଧ୍ୟ ମନେ ହେଉଥିଲା । ଦଳ ୨୬ ଓଭରରେ ୭ ୱିକେଟରେ ୧୧୩ ରନ୍ ସଂଗ୍ରହ କରିଥିଲା । ବର୍ଷା ପାଇଁ ମ୍ୟାଚ୍ ଅଟକିଥିଲା ଶେଷରେ ଡିଏଲଏସ ହିସାବରେ ଭାରତ ମାତ୍ର ୪ ରନରେ ଜିତିପାରିଛି । ଭାରତ ପକ୍ଷରୁ ୪ ୱିକେଟ ଅକ୍ତିଆର କରିଥିବା ଗୁରନୁର୍ ବ୍ରାର ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି।



ଭାରତ ପକ୍ଷରୁ ଶ୍ରେୟସ ଆୟାର ସର୍ବାଧିକ ୩୦ ରନ୍ କରିବାରେ ସକ୍ଷମ ହୋଇଥିବାବେଳେ ରୋହିତ ୨୩ ରନ କରିଛନ୍ତି । ଦଳ ପକ୍ଷରୁ ଲଢେଇ ଜାରି ରଖିଥିଲେ କେ.ଏଲ ରାହୁଲ । ଯିଏକି ଅପରାଜିତ ରହି ୨୬ ରନ କରି ପିଚରେ ମହଜୁଦ ରହିଥିଲେ । ଏହାହସ ଅଧିନାୟକ ଶୁଭମନ ଗିଲ ଖାତା ଖୋଲିପାରିନଥିବାବେଳେ ବିରାଟ ମାତ୍ର ୭ ରନ୍ କରିପାରିଥିଲେ । ସେପଟେ ନ୍ୟୁଜିଲାଣ୍ଡ ପକ୍ଷରୁ ଜେମିନସନ ଏବଂ ଜାକବ ଡଫି ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । ଫିସର ମାତ୍ର ଗୋଟିଏ ୱିକେଟରେ ସନ୍ତୁଷ୍ଟ ହୋଇଛନ୍ତି । ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିଥିବାବେଳେ ଓପନିଂ ଯୋଡ଼ି ଭାଙ୍ଗିଥିଲେ ଆକିବ ନବି । ଟିମ୍ ସେଫର୍ଟ ଖାତା ଖୋଲି ପାରିନଥିଲେ । ଆକିବ ନବିଙ୍କ ବଲରେ ପାଭିଲିୟନ ଫେରିଥିଲେ । ୱିଲି ୟଙ୍ଗ ୬ ରନ୍ କହି ଆକିବ ନବିଙ୍କ ଶିକାର ହୋଇଥିଲେ । ହେନେରୀ ମାତ୍ର ୧୧ ରନ୍ କରି ଅଂଶୁଲ କମ୍ବୋଜଙ୍କ ଶିକାର ହୋଇଥିଲେ । ଡାରିଲ୍ ମିଚେଲ୍ ସ୍ଥିତି ସମ୍ଭାଳି ଖେଳିଥିଲେ କିନ୍ତୁ ବେଶୀ ସମୟ ନୁହେଁ । ତାଙ୍କୁ ପାଭିଲିୟନ ପଠାଇଥିଲେ ଅଲରାଉଣ୍ଡର ଷ୍ଟାର ବୋଲର ଅକ୍ଷର ପଟେଲ । ମିଚେଲ୍ ୧୦୪ ବଲ ଖେଳି ୫୫ ରନ୍ କରିଥିଲେ । ଭାରତୀୟ ବୋଲର୍ ନ୍ୟୁଜିଲାଣ୍ଡକୁ ଫସାଇ ରଖିଥିଲେ । ନା ସ୍କୋର କରିପାରୁଥିଲେ ନା ତିଷ୍ଠି ପାରୁଥିଲେ । ଏହି ମ୍ୟାଚରେ ଷ୍ଟାର ଭାବେ ଉଭା ହୋଇଥିଲେ ଗୁରୁନୁର ବ୍ରାର । ସେ ଟମ୍ ଲାଥମଙ୍କ ୱିକେଟ୍ ନେଇଥିଲେ । ସେ ମାତ୍ର ୭ ରନ୍ କରିପାରିଥିଲେ । ଗ୍ଲେନ୍ ଫିଲିପ୍ସ ବି ବ୍ରାରଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ । ଖାତା ଖୋଲି ପାରିନଥିଲେ ଗ୍ଲେନ୍ ଫିଲିପ୍ସ । କ୍ୟାପ୍‌ଟେନ୍ ସାଣ୍ଟନର ୩୧ ରନ୍ କରି ଗୁରୁନୁର ବ୍ରାରଙ୍କ ଜାଲରେ ପଡ଼ିଥିଲେ । ଏହାପରେ ନାଥମ ସ୍ମିଥ ୩ ରନ୍ କରି ବ୍ରାର ଏବଂ ଜେମିସନ୍ ୭ ରନ୍ କରି ଅକ୍ଷର ପଟେଲଙ୍କ ବଲରେ ଆଉଟ୍ ହୋଇଥିଲେ । ବ୍ରେୟାର ୨ ରନ୍ କରି ଅଂଶୁଲ କମ୍ବୋଜଙ୍କ ବଲରେ ପାଭିଲିୟନ ଫେରିଥିଲେ । ନ୍ୟୁଜିଲାଣ୍ଡ ୪୧ ଓଭରରେ ୧୦ ୱିକେଟ୍ ହରାଇ ୧୩୪ ରନ୍ କରିପାରିଛି ।

ନ୍ୟୁଜିଲାଣ୍ଡ 'ଏ' ବିପକ୍ଷରେ ଜୈସ୍ୱାଲ କ୍ରମାଗତ ଦ୍ୱିତୀୟ ଶତକ

ନୂଆଦିଲ୍ଲୀ,୭।୧୧ : ନ୍ୟୁଜିଲାଣ୍ଡ 'ଏ' ବିପକ୍ଷରେ ଯଶସ୍ୱୀ ଜୈସ୍ୱାଲ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି । ଲିଙ୍କନରେ ଖେଳାଯାଇଥିବା ତୃତୀୟ ଅଣଆନୁପଚାରିକ ଟେଷ୍ଟର ପ୍ରଥମ ଇନିଂସରେ ସେ ଏହି ଶତକ ହାସଲ କରିଛନ୍ତି । ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯାଇଥିବା ଦ୍ୱିତୀୟ ଅନଅଫିସିଆଲ ଟେଷ୍ଟର ଦ୍ୱିତୀୟ ଇନିଂସରେ ୧୫୫ ରନର ଅପରାଜିତ ଇନିଂସ ଖେଳି ଯଶସ୍ୱୀ ଜୈସ୍ୱାଲ ନିଜ ଫର୍ମକୁ ଫେରିପାଇଛନ୍ତି । ଯଶସ୍ୱୀଙ୍କ ଶତକ ଯୋଗୁଁ ଭାରତ ଏ ତୃତୀୟ ୪ ଦିନିଆ ମ୍ୟାଚରେ ଭଲ ଆରମ୍ଭ କରିଛି । ଏହା ତାଙ୍କର ବ୍ୟାକ୍ ଟୁ ବ୍ୟାକ୍ ଶତକ । ଯଶସ୍ୱୀ ଜୈସ୍ୱାଲ ତାଙ୍କ ବିଫଳତାକୁ ଦୂରେଇ ଦେଇଥିଲେ ଏବଂ ଫର୍ମକୁ ଏପରି ଭାବରେ ଧରି ରଖିଛନ୍ତି ଯେ ସେ ବର୍ତ୍ତମାନ ଶତକ ପରେ ଶତକ ହାସଲ କରିଛନ୍ତି । ସେ ଦୁଇଟି ଇନିଂସରେ ୨୫୭ ରନ୍ କରିଛନ୍ତି । ଏବେ ଆଉ ତାଙ୍କ ବ୍ୟାଟ୍ ଅଟକିବନି । ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପୂର୍ବରୁ ଫର୍ମ ଫେରି ପାଇଛନ୍ତି ଜୈସ୍ୱାଲ ଯାହା ନ୍ୟୁଜିଲାଣ୍ଡ ପାଇଁ ଚିନ୍ତାର କାରଣ ହୋଇଛି । ଯଶସ୍ୱୀ



କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି । ନ୍ୟୁଜିଲାଣ୍ଡ ଏ ବିପକ୍ଷ ତୃତୀୟ ଅଣଆନୁପଚାରିକ ଟେଷ୍ଟର ପ୍ରଥମ ଇନିଂସରେ ଯଶସ୍ୱୀ ଜୈସ୍ୱାଲ ୧୬ଟି ଚୌକା ଓ ୨ଟି ଛକା ମିଶାଇ ୧୩୮ ବଲରେ ୧୦୨ ରନ୍ କରିଥିଲେ । ଏହି ସମୟରେ ଯଶସ୍ୱୀ ୧୨୭ତମ ବଲରେ ଶତକ ପୂରଣ କରିଛନ୍ତି । ନ୍ୟୁଜିଲାଣ୍ଡ ଏ ବିପକ୍ଷ ସିରିଜରେ ଯଶସ୍ୱୀଙ୍କର ଏହା କ୍ରମାଗତ ଦ୍ୱିତୀୟ ଶତକ ଏବଂ ତାଙ୍କ ପ୍ରଥମ ଶ୍ରେଣୀ କ୍ୟାରିୟରର ୧୯ତମ ଶତକ। ଯଶସ୍ୱୀ ଜୈସ୍ୱାଲ ନ୍ୟୁଜିଲାଣ୍ଡ ଏ ବିପକ୍ଷ ୩ଟି ଟେଷ୍ଟରୁ ୫ଟି ଇନିଂସରେ ୨୭୮ ରନ୍ କରିଛନ୍ତି । ଅର୍ଥାତ୍ ପ୍ରଥମ ୩ ଇନିଂସରେ ତାଙ୍କ ବ୍ୟାଟ୍ ରୁ ମାତ୍ର ୨୧ ରନ୍ ଆସିଥିଲା । ଯଶସ୍ୱୀ ଜୈସ୍ୱାଲ ତାଙ୍କ ଶତକ ସମୟରେ ଓପନିଂ ୱିକେଟ୍ ପାଇଁ ସାଇ ସୁଦର୍ଶନଙ୍କ ସହ ଏକ ଚମତ୍କାର ଭାଗିଦାରୀ କରିଥିଲେ । ଏଥିରେ ଯଶସ୍ୱୀ ୧୦୨ ଓ ସାଇ ସୁଦର୍ଶନ ୫୮ ରନ୍ କରିଛନ୍ତି । ଭାରତ ବନାମ ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ସିରିଜ୍ ଚାଲିଛି । ଏହାପରେ ଟେଷ୍ଟ ସିରିଜ୍ ଆରମ୍ଭ ହେବ । ଅନଅଫିସିଆଲ୍ ଟେଷ୍ଟରେ ଯଶସ୍ୱୀ ଜୈସ୍ୱାଲ ବ୍ୟାଟ୍ ଟୁ ବ୍ୟାକ୍ ଶତକ ହାସଲ କରିବା ଭାରତ ପାଇଁ ଖୁସି ଖବରଠାରୁ କମ୍ ନୁହେଁ । କିନ୍ତୁ ଏହି ଖବର ନ୍ୟୁଜିଲ୍ୟାଣ୍ଡ ପାଇଁ ଟେଷ୍ଟ ସିରିଜ୍ ପୂର୍ବରୁ ଟେନସନ ବଢାଇ ଦେଇଛି । ଯଶସ୍ୱୀ ଜୈସ୍ୱାଲ ଜଣେ ମ୍ୟାଚ୍ ବିଜେତା । ସ୍କୋରବୋର୍ଡରେ ରନ୍ ବଢାଇବାରେ ସେ ମାହିର । ଏଭଳି ପରିସ୍ଥିତିରେ ଯଦି ସେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ନିଜର ଫର୍ମ ବଜାୟ ରଖନ୍ତି,ତେବେ ନ୍ୟୁଜିଲାଣ୍ଡ ଅକଳରେ ପଡିପାରେ ।


ରିକି ପଣ୍ଟିଂ ରେକର୍ଡ ଭାଙ୍ଗିଲେ କୋହଲି

ନୂଆଦିଲ୍ଲୀ,୭।୧୧ : ଭାରତୀୟ ଷ୍ଟାର୍ କ୍ରିକେଟର ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିବା ପରେ ଦ୍ୱିତୀୟ ଦିନିକିଆରେ ଫ୍ଲପ୍ ହୋଇଥିଲେ । ଆଜି ୱେଲିଂଟନ୍ ଗ୍ରାଉଣ୍ଡରେ ସେ ୭ ବଲର ସମ୍ମୁଖୀନ ହେବା ପରେ ୭ ରନ୍ କରିଥିଲେ, ଯେଉଁଥିରେ ଗୋଟିଏ ଚୌକା ଥିଲା । ଚତୁର୍ଥ ଓଭରର ଚତୁର୍ଥ ବଲରେ ଦ୍ରୁତ ବୋଲର ଜାକବ ଡଫି କୋହଲିଙ୍କୁ ଶିକାର କରିଥିଲେ । କୋହଲି ଅଫ୍ ଷ୍ଟମ୍ପ ଲାଇନରେ ଆସିଥିବା ବଲକୁ ଡ୍ରାଇଭ୍ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ କଭରରେ ୱିଲ୍ ୟଙ୍ଗଙ୍କୁ ଏକ ସହଜ କ୍ୟାଚ୍ ଦେଇଥିଲେ । କୋହଲି ୱେଲିଂଟନ୍ ଦିନିକିଆ ମ୍ୟାଚ୍‌ରେ ଭଲ ଖେଳି ନଥାଇପାରନ୍ତି, କିନ୍ତୁ ସେ ଇତିହାସ ରଚିବାରେ ସଫଳ ହୋଇଛନ୍ତି । ସେ ଦିନିକିଆ କ୍ରିକେଟରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇଛନ୍ତି । ୩୮ ବର୍ଷୀୟ କୋହଲି ନ୍ୟୁଜିଲାଣ୍ଡ ଦିନିକିଆରେ ଏପର୍ଯ୍ୟନ୍ତ ୩୮ଟି ମ୍ୟାଚରେ ୫୬.୫୧ ହାରରେ ୧୯୭୮ ରନ୍ କରିଛନ୍ତି । ସେ ୨୦୧୦ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ଦିନିକିଆ ଖେଳିଥିଲେ । କୋହଲି ରିକି ପଣ୍ଟିଂଙ୍କ ରେକର୍ଡ ଭାଙ୍ଗିଛନ୍ତି । ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ



ତଥା କିମ୍ବଦନ୍ତୀ ବ୍ୟାଟର ରିକି ପଣ୍ଟିଂ ନ୍ୟୁଜିଲାଣ୍ଡ ବିପକ୍ଷ ୫୧ ଦିନିକିଆ ମ୍ୟାଚରେ ୪୫.୮୩ ହାରରେ ୧୯୭୧ ରନ୍ କରିଥିଲେ । ଏହି ସମୟ ମଧ୍ୟରେ ସେ ୬ ଟି ଶତକ ଏବଂ ୧୨ ଅର୍ଦ୍ଧଶତକ ହାସଲ କରିଥିଲେ । ୱେଲିଂଟନରେ ଏକ ରନ୍ ସ୍କୋର କରିବା ମାତ୍ରେ କୋହଲି ପଣ୍ଟିଂଙ୍କୁ ଟପିଛନ୍ତି ।

ବିସିସିଆଇ ସଭାପତି ମାନହାସଙ୍କୁ ଆଶ୍ୱସ୍ତି



ଜମ୍ମୁ,୭।୧୧ : ଜନ୍ମତାରିଖରେ ଅନିୟମିତତା ଓ ଜାଲିଆତି ଅଭିଯୋଗରେ ବିସିସିଆଇ ସଭାପତି ମିଥୁନ ମାନହାସଙ୍କୁ ଆଶ୍ୱସ୍ତି ମିଳିଛି । ଜନ୍ମତାରିଖ ଜାଲିଆତି ପାଇଁ ଏତଲା ରୁଜୁ କରିବା ଆବେଦନକୁ ଶନିବାର ଜମ୍ମୁର ସ୍ୱତନ୍ତ୍ର ରେଳବାଇ ମାଜିଷ୍ଟ୍ରେଟ୍ କୋର୍ଟ ଖାରଜ କରିଦେଇଛନ୍ତି । ଏତଲା ରୁଜୁ ପାଇଁ ଯଥେଷ୍ଟ ପ୍ରମାଣ ନଥିବା ରାୟ ଦେଇଛନ୍ତି ବିଚାରପତି ସନ୍ଦୀପ ସିଂହ ସେନ୍ । ମାନହାସଙ୍କ ଶିକ୍ଷାଗତ ପ୍ରମାଣପତ୍ର, ପ୍ୟାନ୍ ଓ ଆଧାର କାର୍ଡ ସମେତ ସରକାରୀ ଦସ୍ତାବିଜ୍‌ରେ ଜନ୍ମତାରିଖ ୧୨ ସେପ୍ଟେମ୍ବର ୧୯୭୭ ରହିଛି । କେବଳ ଦୁଇଟି ରେକର୍ଡରେ ଅସଙ୍ଗତି ଥିବାରୁ ତାହାକୁ ଅପରାଧର ପ୍ରମାଣ ବୋଲି ଧରାଯିବ ନାହିଁ ବୋଲି କୋର୍ଟ କହିଛନ୍ତି । ମାନହାସଙ୍କ ବିରୋଧରେ ଜାଲିଆତି, ଠକେଇ ଓ ମିଥ୍ୟା ତଥ୍ୟ ଦେବା ଅଭିଯୋଗ ଆଣି ଜମ୍ମୁ କାଶ୍ମୀର କ୍ରିକେଟ୍ ସଂଘ (ଜେକେସିଏ)ର ପୂର୍ବତନ ସମ୍ପାଦକ ସୁଦର୍ଶନ ମେହତା ଏହି ଆବେଦନ କରିଥିଲେ।

ଓଡ଼ିଶାରେ ହେବ ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ସେଭେନ୍ସ ଚାମ୍ପିୟନସିପ

ଭୁବନେଶ୍ୱର,୭।୧୧ : ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମଠାରେ ଆୟୋଜିତ ହେବ 'ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬' । ରଗ୍ବୀ ଇଣ୍ଡିଆ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ରଗ୍ବୀ ଫୁଟବଲ ଆସୋସିଏସନ୍ର ମିଳିତ ଆନୁକୂଲ୍ୟରେ ନଭେମ୍ବର ୧୪ ଓ ୧୫ ତାରିଖରେ କଳିଙ୍ଗ ଷ୍ଟାଡିୟମ୍ ଠାରେ 'ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬' ଆୟୋଜିତ ହେବ । ଏହି ଅନ୍ତର୍ଜାତୀୟ ଚାମ୍ପିୟନସିପରେ ୧୦ଟି ଦେଶ ଯଥା ଭାରତ, ହଙ୍ଗକଙ୍ଗ ଚାଇନା, ଉଜବେକିସ୍ତାନ, ଚାଇନିଜ ତାଇପେଇ, ନେପାଳ, ଶ୍ରୀଲଙ୍କା, ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଓ ଜୋର୍ଡାନ ଦେଶ ଅଂଶଗ୍ରହଣ କରିବେ । ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି ଚାମ୍ପିୟନସିପ୍ ଅନୁଷ୍ଠିତ ହେବ । ୧୦ଟି ଦେଶରୁ ସର୍ବମୋଟ ୧୭ଟି ଟିମ୍ (୧୦ଟି ପୁରୁଷ ଟିମ୍ ଏବଂ ୭ଟି ମହିଳା ଟିମ୍) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।



ଭାରତ ପୁରୁଷ ଟିମରେ ପୁଷ୍ପନ୍ଦର (କ୍ୟାପଟେନ), ରଞ୍ଜନ ରାଉତ (ଭାଇସ୍ କ୍ୟାପଟେନ), ଅଜିତ୍ ନିଗମ, ଅମନ୍, ଅରୁଣ ପ୍ରଜାପତ୍,ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ନମନ ଯାଦବ, ରାହୁଲ ମାଝୀ, ରୋହିତ କୁମାର, ସୁବାସ ହାଁସଦା ଆଦି କ୍ରୀଡ଼ାବିତ୍ ସ୍ଥାନ ପାଇଥିବାବେଳେ ଭାରତ ମହିଳା ଟିମରେ ତନୁଶ୍ରୀ ଭୌଁସଲେ, ମାମାଲି ସିଂ, ଅକ୍ଷୟା ଏନ୍‌ଏସ, ଅନିତା ମୁର୍ମୁ, ଅନୁଷ୍କା ସଙ୍କପାଲ, ଦୀପାଲି ତାଠେ, ଖୁସି ଦେବୀ, କୀର୍ତ୍ତି ଯାଦବ, ଆଦିତି ସଖାରାମ୍ ଲୋନ୍ଧ, ସଲୋନୀ କୁମାରୀ, ସମୃଦ୍ଧି କଦମ୍, ସୁମିତ୍ରା ମୁର୍ମୁ ଆଦି କ୍ରୀଡ଼ାବିତ୍ ସ୍ଥାନ ପାଇଛନ୍ତି । ଭାରତ ପୁରୁଷ ଟିମରେ ୫ ଜଣ ଓଡ଼ିଆ କ୍ରୀଡ଼ାବିତ୍ (ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍,ରାହୁଲ ମାଝୀ, ସୁବାସ ହାଁସଦା) ଓ ଭାରତ ମହିଳା ଟିମରେ ୩ଜଣ ଓଡ଼ିଆ କ୍ରୀଡ଼ାବିତ୍ (ମାମାଲି ସିଂ, ଅନିତା ମୁର୍ମୁ ଓ ସୁମିତ୍ରା ମୁର୍ମୁ) ସ୍ଥାନ ପାଇଛନ୍ତି । ଆଜି କ୍ରୀଡ଼ା ଓ ଯୁବସେବା ବିଭାଗ, ରଗ୍ବୀ ଇଣ୍ଡିଆ ଏବଂ ଓଡ଼ିଶା ରଗ୍ବୀ ଫୁଟବଲ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ 'ଏସିଆ ରଗ୍ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬'ର ଲୋଗୋ ଉନ୍ମୋଚିତ ହୋଇଥିଲା । ଏହି ଅନ୍ତର୍ଜାତୀୟ ଚାମ୍ପିୟନସିପର ଲୋଗୋରେ ଓଡ଼ିଶାର ପାରମ୍ପରିକ କଳା 'ଝୋଟିଚିତା'କୁ ପ୍ରଦର୍ଶିତ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ କହିଥିଲେ ଯେ, ଚଳିତ ବର୍ଷ କଳିଙ୍ଗ ଷ୍ଟାଡିୟମରେ ୩ ଟି ଜାତୀୟସ୍ତରୀୟ ରଗବୀ ଚାମ୍ପିୟନସିପ୍ (ସବ୍-ଜୁନିୟର ନ୍ୟାସନାଲ ରଗବୀ ସେଭେନ୍ସ ଚାମ୍ପିୟନସିପ୍, ଅସ୍ମିତା ରଗ୍ବୀ ଲିଗ୍-ନ୍ୟାସନାଲ ଏବଂ ନ୍ୟାସନାଲ ରଗବୀ ୧୫ ଏସ୍ ଚାମ୍ପିୟନସିପ୍- ଡିଭିଜନ୍ ୧) ଅନୁଷ୍ଠିତ ହୋଇଛି । ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରର ରଗବୀ ଚାମ୍ପିୟନସିପ୍ ଅନୁଷ୍ଠିତ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶ୍ରୀ ପୁନିଆ କହିଛନ୍ତି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର